# ନିତିଦିନ NITIDIN

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 12 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SATURDAY 30 NOVEMBER 2024
ଶନିବାର ୩୦ ନଭେମ୍ବର ୨୦୨୪

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 ● ISSUE 192 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୦ ● ସଂଖ୍ୟା ୧୯୨ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର


## ରାସ୍ତାକଡ଼କୁ ଓଲଟିଲା ସରକାରୀ ବସ୍

# ୧୧ ମୃତ, ୩୦ ଗୁରୁତର

**ମୁମ୍ବାଇ, ୨୯।୧୧/ଏଜେନ୍ସି:**

ମହାରାଷ୍ଟ୍ରର ଗୋନ୍ଦିଆଁ ପ୍ରାନ୍ତରେ ଶୁକ୍ରବାର ମଧ୍ୟାହ୍ନ ସାଢ଼େ ୧୨ ସମୟରେ ଏକ ଭୟାବହ ସଡକ ଦୁର୍ଘଟଣା ଘଟି ୧୧ଜଣଙ୍କ ମୃତ୍ୟୁ ହୋଇଥିବା ଭଳି ଅତ୍ୟନ୍ତ ଅଭାବନୀୟ ଘଟଣା ସମ୍ପର୍କରେ ସୂଚନା ମିଳିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ ଏକ ବାଇକ୍ ଆରୋହୀଙ୍କୁ ରକ୍ଷା କରିବାକୁ ଯାଇ ଏକ ସରକାରୀ (ମହାରାଷ୍ଟ୍ର ରାଜ୍ୟ ସଡ଼କ ପରିବହନ ନିଗମ) ଯାତ୍ରୀବାହୀ ବସ୍ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୩୦ରୁ ଅଧିକ ଲୋକେ ଆହତ ହୋଇଛନ୍ତି । ସେମାନଙ୍କୁ ହସ୍ପିଟାଲରେ

### ଶୋକବ୍ୟକ୍ତ କଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

ଭର୍ତ୍ତି କରାଯାଇଛି। ଖବର ପାଇ ପୁଲିସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିବା ସହ ଘଟଣାର ତଦନ୍ତ ଜାରି ରହିଛି। ଗୋଣ୍ଡିଆ-କୋହମାରା ରାଜ୍ୟ ରାଜପଥରେ ଖଜ୍‌ରୀ ଗ୍ରାମ ନିକଟରେ ଏହି ଅଘଟଣ ଘଟିଛି। ଶିବଶାହୀ ନାମକ ଏକ ବସ୍ ୫୦ରୁ ଅଧିକ ଯାତ୍ରୀଙ୍କୁ ନେଇ ଯାଉଥିବା ବେଳେ ହଠାତ୍ ଜଣେ ବାଇକ୍ ଆରୋହୀ ବସ୍ ସାମ୍ନାକୁ ଆସିଯାଇଥିଲେ। ତାଙ୍କୁ ବଞ୍ଚାଇବା ପାଇଁ ବସ୍ ଡ୍ରାଇଭର ବ୍ରେକ୍ ଲଗାଇଥିଲେ ମଧ ବସ୍ ଉପରୁ ନିୟନ୍ତ୍ରଣ ହରାଇ ବସିଥିଲେ। ଫଳରେ ବସ୍‌ଟି ଓଲଟି ପଡ଼ିଥିଲା। ଯେତେବେଳେ ବସ୍ ଓଲଟି ପଡ଼ିଥିଲା, ସେତେବେଳେ ଏହା ପାର୍ଶ୍ୱ ଦେଇ ଯାଉଥିବା କିଛି ଲୋକ ଏହା ତଳେ ଚାପି ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

ଅନ୍ୟପକ୍ଷେ ଆହତଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଅତ୍ୟନ୍ତ ଖରାପ ଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ବଢ଼ିବାର ସମ୍ଭାବନା ରହିଛି। ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଦୁର୍ଘଟଣାର ଶିକାର ହୋଇଥିବା ଲୋକଙ୍କୁ ତୁରନ୍ତ ୧୦ ଲକ୍ଷ ଟଙ୍କା ସହାୟତା ଘୋଷଣା କରିଛନ୍ତି। ଆହତଙ୍କ ଉପଯୁକ୍ତ ଚିକିତ୍ସା ସେବା ସୁନିଶ୍ଚିତ କରିବା ସହ ଆବଶ୍ୟକ ପଡ଼ିଲେ ସେମାନଙ୍କୁ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିବା ସମ୍ଭାବନା ଥିବାରୁ ରାଜ୍ୟ ସରକାର ଖର୍ଚ୍ଚ ବହନ କରିବେ ବୋଲି ସେ ଗୋଣ୍ଡିଆ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ମଧ ସମବେଦନା ଜଣାଇବା ସହ ଆବଶ୍ୟକ ପଡ଼ିଲେ ଆହତ ଯାତ୍ରୀମାନଙ୍କୁ ଅଧିକ ଚିକିତ୍ସା ପାଇଁ ନାଗପୁର ଆଣିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ବରିଷ୍ଠ ଅଧିକାରୀମାନେ



ଘଟଣାସ୍ଥଳରେ ରିଲିଫ୍ କାର୍ଯ୍ୟରେ ସମନ୍ୱୟ ରକ୍ଷା କରୁଛନ୍ତି। ସେହିପରି ଏହି ଦୁର୍ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଶୋକବ୍ୟକ୍ତ କରିଛନ୍ତି। ରାଷ୍ଟ୍ରପତି ଏକ ଟ୍ୱିଟ୍ ଯୋଗେ ଲେଖିଛନ୍ତି ଯେ, 'ମହାରାଷ୍ଟ୍ରର ଗୋଣ୍ଡିଆ ଜିଲ୍ଲାରେ ଏକ ମର୍ମନ୍ତୁଦ ବସ୍ ଦୁର୍ଘଟଣାରେ ଅନେକ ମହିଳାଙ୍କ ସମେତ ଅନେକଙ୍କ ମୃତ୍ୟୁ ଖବର ପାଇ ମୁଁ ଗଭୀର ଦୁଃଖିତ। ମୁଁ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରୁଛି।' ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ ଟ୍ୱିଟ୍ କରି ଶୋକ ବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏତଦ୍‌ବ୍ୟତୀତ ମୃତକଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିରୁ ପକ୍ଷରୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ।

## ପ୍ରଧାନମନ୍ତ୍ରୀଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ସମ୍ବର୍ଦ୍ଧନା

# ସମଗ୍ର ବିଶ୍ୱରେ ଓଡ଼ିଶା ରହିବ କେନ୍ଦ୍ରବିନ୍ଦୁ

**ଭୁବନେଶ୍ୱର,୨୯।୧୧/ଏନ୍‌ଏନ୍‌ଏସ୍:**

ସମଗ୍ର ବିଶ୍ୱରେ ଓଡ଼ିଶା ହେବ କେନ୍ଦ୍ର ବିନ୍ଦୁ। ବିକାଶର ଗତି ଏଠି ଅଭୂତପୂର୍ବ। ଡବଲ ଇଞ୍ଜିନ ସରକାରର ସୁଫଳ ମିଳିବା ଆରମ୍ଭ ହୋଇଛି। ବିକାଶ ପାଇଁ ଆମେ ବଦ୍ଧପରିକର। ରାଜ୍ୟର ବିଜେପି ସରକାର ଷ୍ଟାର୍ଟଅପ୍ ଇକୋସିଷ୍ଟମ ଉପରେ ଗୁରୁତ୍ୱ ଦେଉଛି। ତେଣୁ ସମସ୍ତେ ମିଶି ଓଡ଼ିଶାର ଗୌରବ ବୃଦ୍ଧି କରିବା ପାଇଁ ବଜ୍ର ଶପଥ ନେବା। ତିନି ଦିନିଆ ପୁଲିସ ଡିଜି ସମ୍ମିଳନୀରେ ଯୋଗ ଦେବାକୁ ଓଡ଼ିଶା ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଭଳି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଶୁକ୍ରବାର ପ୍ରଧାନମନ୍ତ୍ରୀଙ୍କୁ ଭୁବନେଶ୍ୱର ବିମାନ ବନ୍ଦରରେ ରାଜ୍ୟ ବିଜେପି ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ 'ଜୟ ଜଗନ୍ନାଥ' ବୋଲି ଓଡ଼ିଆରେ କହିବା ସହ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମାଟିକୁ ଆସିବାକୁ ଆଜି ସୁଯୋଗ ମିଳିଛି ବୋଲି ପ୍ରକାଶ କରିଛନ୍ତି। ମୋଦୀ କହିଛନ୍ତି ଯେ ବିଶ୍ୱ ମାନଚିତ୍ରରେ ଓଡ଼ିଶାର ଗୁରୁତ୍ୱ ବଢୁ। ସେଥିପାଇଁ ଏଠାରେ ଜି-୨୦ ସମ୍ମିଳନୀଠୁ ଆରମ୍ଭ କରି ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ, ପୁଲିସ ଡିଜି ସମ୍ମିଳନୀ ଓ ନୌସେନା ଦିବସ ଭଳି ଜାତୀୟ ସ୍ତରର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ଏହା ଓଡ଼ିଶାକୁ ପ୍ରାଥମିକତା ଦେବାର ଏହା ଜ୍ୱଳନ୍ତ ଉଦାହରଣ। ଦେଶରେ ପ୍ରାୟ ଶହେ ବର୍ଷ ଧରି ପୁଲିସ ଡିଜି ସମ୍ମିଳନୀ ହେଉଥିଲେ ହେଁ ଓଡ଼ିଶାରେ ପ୍ରଥମଥର ପାଇଁ ଆୟୋଜିତ ହୋଇଛି। ଚାରି ଦିନ ପରେ ପୁରୀରେ 'ନୌସେନା ଦିବସ' ପାଳନ କରାଯିବ। ପୁରୀ ବ୍ଲୁ-ଫ୍ଲାଗ ବେଳାଭୂମିରେ ତାହା ଆୟୋଜନ ହେବ। ଫଳରେ ଓଡ଼ିଶା ସମଗ୍ର ବିଶ୍ୱ ନଜରରେ ରହିବ। ଆଉ ଜାନୁୟାରୀରେ ପ୍ରବାସୀ ଭାରତୀୟ ଦିବସର ଆୟୋଜନ ହେବ। ବିଦେଶରେ



**ଡବଲ ଇଞ୍ଜିନର ସୁଫଳ ମିଳିବା ଆରମ୍ଭ ହୋଇଛି: ମୋଦୀ**

**ଓଡ଼ିଶାକୁ କେନ୍ଦ୍ର ସରକାର ଦେଉଛନ୍ତି ସର୍ବାଧିକ ଗୁରୁତ୍ୱ: ମୁଖ୍ୟମନ୍ତ୍ରୀ**

ରହୁଥିବା ଆମ ଲୋକେ ଆସିବେ। ପର୍ଯ୍ୟଟନର ସୁଯୋଗ ବଢ଼ିବ। ଓଡ଼ିଶାକୁ ବିଶ୍ୱର ମାନଚିତ୍ରରେ ପ୍ରାଥମିକତା ମିଳିବ। ପ୍ରବାସୀ ଭାରତୀୟ ଦିବସର ଆୟୋଜନ ସେଭଳି ବର୍ଣ୍ଣାଢ଼୍ୟ ଢଙ୍ଗରେ କରିବାକୁ ହେବ। ବିଶ୍ୱର ଲୋକେ ଆମ ଘରକୁ ଆସୁଥିବାରୁ ସେଭଳି ଭାବେ ପ୍ରସ୍ତୁତି କରିବାକୁ ପଡ଼ିବ। ଯେପରି କିଛି ଖୁଣ ନରହିଯାଏ ସେଥିପ୍ରତି ନଜର ଦେବାକୁ ହେବ।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ବିଜୟର ଅୟମାରମ୍ଭ ଓଡ଼ିଶାରୁ ହିଁ ହୋଇଛି। ମହାରାଷ୍ଟ୍ର ନିର୍ବାଚନ ଫଳ, ହରିୟାଣା ନିର୍ବାଚନ ଫଳ ପରେ ଦେଶରେ ବିଶ୍ୱାସ ଭରିଛି। ବିରୋଧୀ ଦଳ ମୋଦୀ ସରକାରଙ୍କ ବିରୋଧରେ ସବୁବେଳେ ଅପପ୍ରଚାର କରୁଛନ୍ତି। ହେଲେ ସଫଳ ହେବେ ନାହିଁ। ଜନତା ମୋଦୀ ସରକାରଙ୍କୁ ଆଶୀର୍ବାଦ କରୁଛନ୍ତି। ସାଧାରଣ ନିର୍ବାଚନ-୨୦୨୪ ପୂର୍ବରୁ କିଛି ଲୋକ କହୁଥିଲେ, ଓଡ଼ିଶାରେ ବିଜେପି ଜିତିବ ନାହିଁ। ମାତ୍ର ନିର୍ବାଚନ ଫଳାଫଳ ଓଲଟା ହେଲା। ଆମ ଦଳ ସରକାର ଗଢ଼ିଲା। କେନ୍ଦ୍ରର କାର୍ଯ୍ୟ ଓଡ଼ିଶାବାସୀ ବି ଗ୍ରହଣ କରିଛନ୍ତି। ଡବଲ ଇଞ୍ଜିନର ସୁଫଳ ମିଳିଛି। ବିଗତ ୧୦ବର୍ଷ ମଧ୍ୟରେ ଗାଁ ଗାଁ ଓ ଘରେଘରେ ଲୋକଙ୍କ ପାଖରେ କେନ୍ଦ୍ର ସରକାରଙ୍କ ଯୋଜନା ପହଞ୍ଚାଇବା ପାଇଁ କ୍ରମାଗତ କାର୍ଯ୍ୟ କରୁଥିଲୁ। ହେଲେ ପୂର୍ବ ସରକାର ଆମ ଯୋଜନାର ନାମକୁ ବଦଳାଇ ଦେବାର ମାହିର ଥିଲେ। ଏହାସତ୍ତ୍ୱେ ଆମେ ଭଲ କାମ ଜାରି ରଖିଥିଲୁ। କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଓଡ଼ିଆଙ୍କ ପ୍ରତିନିଧିତ୍ୱ ଅଧିକ ରଖିଥିଲୁ। ତାହା ପୂର୍ବରୁ କେବେ ଏମିତି ନଥିଲା। କିଛି ଭେଦଭାବ ନକରି ଓଡ଼ିଶା ପାଇଁ ବଜେଟ୍ ପରିମାଣକୁ ୩ଗୁଣ କରିଥିଲୁ। ସେଥିପାଇଁ ଓଡ଼ିଶାର ଲୋକେ ବିଜେପିକୁ ବିଶ୍ୱାସ କଲେ ଓ ଆଶୀର୍ବାଦ ଦେଲେ। ତେଣୁ ବିଜେପିର କର୍ମୀମାନଙ୍କ ସମେତ ଯେଉଁମାନେ ସମ୍ବିଧାନର ସମ୍ମାନ କରୁଛନ୍ତି, ଯିଏ ଗଣତନ୍ତ୍ରରେ ବଞ୍ଚୁଛନ୍ତି, ଯିଏ ଦେଶକୁ ଭଲ ପାଉଛନ୍ତି ସେମାନଙ୍କ ପାଇଁ ଏଭଳି ଲୋକଙ୍କ ଉଦ୍ଦେଶ୍ୟ ଓ କାର୍ଯ୍ୟ ବହୁତବଡ଼ ଚ୍ୟାଲେଞ୍ଜ ପାଲଟିଛି। କ୍ଷମତାଲୋଭୀ ଲୋକମାନଙ୍କ ପ୍ରତି ସତର୍କ ରହିବାର ଆବଶ୍ୟକତା ରହିଛି। ନୂଆଦିଲ୍ଲୀରେ ଓଡ଼ିଶା ପର୍ବରେ ସେ ପିଇଥିବା 'ମସଲା ଚା'ର ପ୍ରଶଂସା କରି ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ ସଂସ୍କୃତିର ପ୍ରଶଂସା କରିଥିଲେ ପ୍ରଧାନମନ୍ତ୍ରୀ ମୋଦୀ।

ବିମାନବନ୍ଦରରେ ଆୟୋଜିତ ଉକ୍ତ 'ସମ୍ବର୍ଦ୍ଧନା ସଭା'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, ଆଜି ହେଉଛି ଓଡ଼ିଶା ପାଇଁ ଏକ ଐତିହାସିକ ଦିନ। ରାଜ୍ୟରେ ସରକାର ହେବା ପରେ ଆଜି ତୃତୀୟ ଥର ପାଇଁ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିଛନ୍ତି। ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କ ପ୍ରତି ଏ ସ୍ନେହ, ଶ୍ରଦ୍ଧା ପାଇଁ ପ୍ରଧାନମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନକରୁଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଏବଂ ମାର୍ଗଦର୍ଶନରେ ଆମ ସରକାର ଓଡ଼ିଶାବାସୀଙ୍କ ସେବା କରୁଛି। ସରକାର ଆସିବାର ୫ ମାସ ମଧ୍ୟରେ ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ'କୁ ମୂଳମନ୍ତ୍ର କରି ଓଡ଼ିଶାର ବିକାଶ ପାଇଁ କାର୍ଯ୍ୟ କରୁଛି। ଓଡ଼ିଆ ଅସ୍ମିତା ଏବଂ ସ୍ୱାଭିମାନର ସୁରକ୍ଷା ସହ ମହିଳା ସଶକ୍ତୀକରଣ ପାଇଁ ସୁଭଦ୍ରା ଯୋଜନା ଦ୍ୱାରା ଏକ କୋଟି ମହିଳାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଚାଷୀଙ୍କ ଉନ୍ନତି ପାଇଁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ କିଣିବାକୁ ନିଷ୍ପତ୍ତି ନିଆଯାଇ ପ୍ରତିଶ୍ରୁତି ପୂରଣ କରାଯାଇଛି।

▶▶ ୭

## ତିନି ଦିନିଆ ଡିଜିପି,ଆଇଜିପି ସମ୍ମିଳନୀ ଉଦ୍‌ଘାଟିତ

# ଦେଶର ସୁରକ୍ଷା ନେଇ ଚାଲିଛି ମାନସମନ୍ଥନ



**ଭୁବନେଶ୍ୱର,୨୯।୧୧/ଏନ୍‌ଏନ୍‌ଏସ୍:**

ଦେଶର ସୁରକ୍ଷା ଓ ନିରାପତ୍ତା ଉପରେ ଚାଲିଛି ମାନସମନ୍ଥନ। ତାହା ତିନି ଦିନ ଚାଲିବ। ସମ୍ମିଳନୀରେ ଯାହା ନିର୍ଯ୍ୟାସ ବାହାରିବ ତାହାକୁ ପରବର୍ତ୍ତୀ ପର୍ଯ୍ୟାୟରେ ସାରା ଦେଶରେ କାର୍ଯ୍ୟକାରୀ କରାଯିବ।

ଶୁକ୍ରବାର ଠାରୁ ଭୁବନେଶ୍ୱରରେ ଆରମ୍ଭ ହୋଇଛି ଗୁରୁତ୍ୱପୂର୍ଣ୍ଣ ତିନି ଦିନିଆ ଡିଜିପି-ଆଇଜିପି ସମ୍ମିଳନୀର ୫୯ତମ ସଂସ୍କରଣ। ସମ୍ମିଳନୀରେ ଯୋଗଦେବାକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଆଜି ଅପରାହ୍ନ ୧ଟା ୧୫ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲେ। ତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ସ୍ୱାଗତ ଜଣାଇଥିଲେ। ସେଠାରୁ ଶ୍ରୀ ଶାହ ସିଧାସଳଖ ଲୋକସେବା ଭବନ କନ୍‌ଭେନସନ୍ ହଲକୁ ଯାଇ ଆନୁଷ୍ଠାନିକ ଭାବେ ଡିଜିପି-ଆଇଜିପି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ ଏଥିରେ ଯୋଗ ଦେଇଛନ୍ତି। ଏଥିସହ ସବୁ ରାଜ୍ୟର ୯୦ ପୁଲିସ ମହାନିର୍ଦ୍ଦେଶକ, ୩୦୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ବି ଯୋଗ ଦେଇଛନ୍ତି।

ଦେଶରେ ବଢୁଥିବା ଅପରାଧ ଉପରେ ନିୟନ୍ତ୍ରଣ ପାଇଁ ପ୍ରଥମ ଥର ପାଇଁ ଓଡ଼ିଶାରେ ଏଭଳି ସମ୍ମିଳନୀ ଆୟୋଜନ ହୋଇଛି। ତିନି ଦିନି ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ଜାତୀୟ ସୁରକ୍ଷା, ଆଭ୍ୟନ୍ତରୀଣ ସୁରକ୍ଷା ବିଷୟରେ ମାନସ ମନ୍ଥନ ହେବା ସହ ଆତଙ୍କବାଦ, ମାଓବାଦ, ସାଇବର କ୍ରାଇମ୍ ସୁରକ୍ଷା, ନିଶା କାରବାର ରୋକିବା, ବେଆଇନ ଅନୁପ୍ରବେଶ ଏବଂ ଶରଣାର୍ଥୀ, ମହିଳା ଅପରାଧ ନିୟନ୍ତ୍ରଣ, ଉପକୂଳ ସୁରକ୍ଷା, ସାମ୍ପ୍ରଦାୟିକ ସଦଭାବ ବଜାୟ ରଖିବା, ନୂଆ ଅପରାଧ ଆଇନ ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରିତା, ଜେଲ ସଂସ୍କାର, ପୁଲିସ ଆଧୁନିକୀକରଣ, ଅପରାଧ ନିୟନ୍ତ୍ରଣରେ ଟେକ୍ନୋଲୋଜିର ବ୍ୟବହାର ଭଳି ପ୍ରମୁଖ ବିଷୟରେ ଆଲୋଚନା କରାଯାଇଛି।

▶▶ ୭

## ଓଡ଼ିଶାରେ ୩ ଦିନ ବର୍ଷା

**ଭୁବନେଶ୍ୱର,୨୯।୧୧/ଏନ୍‌ଏନ୍‌ଏସ୍:**

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସକ୍ରିୟ ରହିଛି ଗଭୀର ଅବପାତ। ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ଓଡ଼ିଶାରେ ପବନର ଗତି ପରିବର୍ତ୍ତନ ହୋଇଛି। ବର୍ତ୍ତମାନ ପୂର୍ବ ଦିଗରୁ ବାୟୁ ଓଡ଼ିଶା ମଧ୍ୟକୁ ପ୍ରବେଶ କରୁଛି। ଫଳରେ ବଙ୍ଗୋପସାଗରରୁ ଆର୍ଦ୍ରତା ଆସୁଥିବା ବେଳେ ରାଜ୍ୟରେ ପାଗ ମେଘୁଆ ସହ ଆହୁରି ୩ ଦିନ କିଛି କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକା ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତିଙ୍କ ସୂଚନା ଅନୁସାରେ, ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଉପକୂଳ ଜିଲ୍ଲା ଗୁଡ଼ିକରେ ହାଲୁକାରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ଅଛି। ଜିଲ୍ଲାର ଗୁଡ଼ିକ ହେଉଛି ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, କଟକ, ନୟାଗଡ଼, ଗଞ୍ଜାମ ଓ ଗଜପତି। ସେହିପରି ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ହାଲୁକା ବର୍ଷା ହେବା ନେଇ ସୂଚନା ଜାରି କରିଛି ଆଞ୍ଚଳିକ ପାଣିପାଗ ବିଭାଗ। ଆସନ୍ତାକାଲି ଓ ରବିବାରଜ ୧୬ ଜିଲ୍ଲାରେ ବର୍ଷା ହେବ। ଜିଲ୍ଲା ଗୁଡ଼ିକ ହେଉଛି ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, ଯାଜପୁର, କଟକ, ନୟାଗଡ଼, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, କଟକ, ନୟାଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ।

▶▶ ୭

## ପାଟପୁର ଥାନାକୁ ଦ୍ୱିତୀୟ ଶ୍ରେଷ୍ଠ ଥାନା ପୁରସ୍କାର

**ସାନଖେମୁଣ୍ଡି,୨୯।୧୧/ଏନ୍‌ଏନ୍‌ଏସ୍:**

ଦେଶର ଶ୍ରେଷ୍ଠ ତିନୋଟି ଥାନା ମଧ୍ୟରୁ ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଦ୍ୱିତୀୟ ଶ୍ରେଷ୍ଠ ଥାନା ଭାବେ ପୁରସ୍କାର ହାସଲ କରିଛି। ଆଜି ଭୁବନେଶ୍ୱରଠାରେ ଅନୁଷ୍ଠିତ ସର୍ବଭାରତୀୟ ଡିଜିପି ସମ୍ମିଳନୀ-୨୦୨୪ରେ ପାଟପୁର ଥାନାକୁ ଦ୍ୱିତୀୟ ଶ୍ରେଷ୍ଠ ଥାନା ପୁରସ୍କାର ମିଳିଛି। ସମ୍ମିଳନୀରେ ପାଟପୁର ଥାନା ଆଇଆଇସି ସବ୍ୟସାଚୀ ମଲ୍ଲଙ୍କୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷତା ପଦକ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ଦେଶର ଶ୍ରେଷ୍ଠ ତିନୋଟି ଥାନାରୁ ଓଡ଼ିଶାର ଗଞ୍ଜାମ ପୁଲିସ ଜିଲ୍ଲା ଅନ୍ତର୍ଗତ ପାଟପୁର ଥାନାକୁ ସାମିଲ କରାଯାଇଥିଲା। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ପାଟପୁର ଥାନା ଆଇଆଇସିଙ୍କ ଅପରାଧ ତଦନ୍ତରେ ଉତ୍କର୍ଷତା, ଅପରାଧୀ ଗତିବିଧି ନିୟନ୍ତ୍ରଣ, ଥାନା ଅଞ୍ଚଳବାସୀଙ୍କ ସହ ସୁସମ୍ପର୍କ, ଆସ୍ଥା ସଚେତନତା, ସ୍ୱଚ୍ଛତା ଇତ୍ୟାଦିକୁ ଆଧାର କରି କେନ୍ଦ୍ରୀୟ ଗୃହ ବିଭାଗ ସର୍ବେକ୍ଷଣ ଅନୁସାରେ ସର୍ବଭାରତୀୟ ସ୍ତରରେ ପାଟପୁର ଥାନା ପୁରସ୍କୃତ ହୋଇଛି।

ଉଲ୍ଲେଖଯୋଗ୍ୟ ଯେ ପ୍ରତିବର୍ଷ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ତରଫରୁ ସମଗ୍ର ଦେଶରେ ଥିବା ଥାନାଗୁଡ଼ିକର ବିଭିନ୍ନ ମାନଦଣ୍ଡକୁ ଆଧାର କରି ଶ୍ରେଷ୍ଠ ଥାନା ପୁରସ୍କାର ନିମନ୍ତେ ଚୟନ କରାଯାଇଥାଏ। ଅପରାଧ ହାର, ତଦନ୍ତ, ମାମଲାର ସମାଧାନ, ସିସିଟିଏନ୍‌ଏସ୍ ବ୍ୟବହାର, ଏନଫୋର୍ସମେଣ୍ଟ, ପୁନରୁଦ୍ଧାର ସମ୍ପତ୍ତିର ମୂଲ୍ୟ, ଦୋଷୀ ସାବ୍ୟସ୍ତ ହାର,



ଦଣ୍ଡବିଧାନ, ଥାନା ଗୁଡିକର ଆନୁସଙ୍ଗିକ ଭିତ୍ତିଭୂମି ଏବଂ ସାଧାରଣ ଜନତାଙ୍କୁ ଉନ୍ନତ ତଥା ଗୁଣାତ୍ମକ ସେବା ପ୍ରଦାନ ଭଳି ବିଭିନ୍ନ ମାନଦଣ୍ଡକୁ ଆଧାର କରି ଶ୍ରେଷ୍ଠ ଥାନା ଚୟନ କରାଯାଇଥାଏ।

▶▶ ୭

## କାର୍‌ରୁ ୮୮ କେଜିର ରୁପା ଇଟା ଓ ୫ ଲକ୍ଷ ଟଙ୍କା ଜବତ



**ଖଲ୍ଲିକୋଟ,୨୯।୧୧/ଏନ୍‌ଏନ୍‌ଏସ୍:**

କାରରେ ଚାଲାଣ ହେଉଥିଲା ରୁପା ଇଟା। ତା' ସହ ନଗଦ ଟଙ୍କା ବି ଭର୍ତ୍ତି ହୋଇଥିଲା। ଜିଏସ୍‌ଟି ଫାଙ୍କି ବ୍ରହ୍ମପୁରରୁ କୋଲକାତା ଅଭିମୁଖେ କାରଟି ବାହାରିଥିବା ବେଳେ ବାଟରେ ମାଡ଼ି ବସିଲା ପୁଲିସ୍। ଏପରି ଏକ କାରକୁ ଆଜି ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ପୁଲିସ୍ ଅଟକ ରଖିଛି। ଖଲ୍ଲିକୋଟ ଥାନା ଗୁରାପଲ୍ଲୀ ଟୋଲପ୍ଲାଜା ନିକଟରେ ଆଜି ଖଲ୍ଲିକୋଟ ପୁଲିସ ପକ୍ଷରୁ ଚେକିଂ ଚାଲିଥିଲା। ଏହି ସମୟରେ ଏକ କାର ଗୁରାପଲ୍ଲୀ ଟୋଲପ୍ଲାଜା ନିକଟରେ ପହଞ୍ଚିଥିଲା। ତାହାକୁ ଯାଞ୍ଚ କରିବା ପରେ ଯାହା ବାହାରିଲା ପୁଲିସ୍ ଅଧିକାରୀ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କାରଣ ଯାଞ୍ଚ ବେଳେ କାର୍ ଭିତରୁ ପୁଳା ପୁଳା ରୁପା ଇଟା ଓ ନଗଦ ଟଙ୍କା ଜବତ ହୋଇଛି।

▶▶ ୭

## ଅତି ଲୋଭର ପରିଣତି

# ନକଲି ନୋଟ୍ ଦେଇ ନେଇଗଲେ ୧୯ ଲକ୍ଷ

**ବ୍ରହ୍ମପୁର,୨୯।୧୧/ଏନ୍‌ଏନ୍‌ଏସ୍:**

ବ୍ୟବସାୟ ନାମରେ ନକଲି ନୋଟ୍ ଦେଇ ନେଇଗଲେ ଲକ୍ଷାଧିକ ଟଙ୍କାର ଅସଲି ନୋଟ୍। ବ୍ରହ୍ମପୁରର ଜନୈକ ବ୍ୟବସାୟୀଙ୍କୁ ପ୍ରଲୋଭନ ଦେଖାଇ ୧୯ ଲକ୍ଷ ଟଙ୍କା ନେଇଯାଇଥିବା ଏକ ଠକ ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି ବ୍ରହ୍ମପୁର ପୁଲିସ୍। ଏହି ଘଟଣାରେ ବୈଦ୍ୟନାଥପୁର ଥାନା ପୁଲିସ୍ ୩ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ମଧ ଖୁବ୍‌ଶୀଘ୍ର ଧରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ୍ ଏମ୍ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ଠାରୁ ଲୁଟ୍ ହୋଇଥିବା ସମସ୍ତ ୧୯ ଲକ୍ଷ ଟଙ୍କା ଜବତ ହୋଇଛି। ଏହି ଘଟଣାରେ ପୁଲିସ୍ କଟକ ଅଞ୍ଚଳର ଅଜୟ କୁମାର ମହାନ୍ତି, ବଟକୃଷ୍ଣ ପ୍ରଧାନ ଏବଂ ବ୍ରହ୍ମପୁର ଗୋଇଲୁଣ୍ଡି ଅଞ୍ଚଳର ଶିବଶଙ୍କର ପଟ୍ଟନାୟକଙ୍କୁ ଗିରଫ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଫେରାର ରହିଛି।

ମିଳିଥିବା ସୂଚନା ପ୍ରକାରେ ବ୍ରହ୍ମପୁରର ବ୍ୟବସାୟୀ ପ୍ରମୋଦ ସାହୁଙ୍କ ଉପରେ ନଜର ରଖିଥିଲା ଏକ ଠକ ଗ୍ୟାଙ୍ଗ। ବ୍ରହ୍ମପୁର ଗୋଇଲୁଣ୍ଡି ଅଞ୍ଚଳର ଶିବଶଙ୍କର



**ଠକ ଗ୍ୟାଙ୍ଗର ୩ ଗିରଫ, ୧୯ ଲକ୍ଷ ଜବତ**

ପଟ୍ଟନାୟକ, କଟକ ଅଞ୍ଚଳର ଅଜୟ କୁମାର ମହାନ୍ତି, ବଟକୃଷ୍ଣ ପ୍ରଧାନ ଏବଂ ବିଶ୍ୱାଳ ନାମକ ଅନ୍ୟ ଜଣେ ବ୍ୟକ୍ତି ମିଳିତ ଭାବେ ଦୁଇଟି ଗ୍ୟାଙ୍ଗ କରି ବ୍ୟବସାୟୀ ପ୍ରମୋଦ ସାହୁଙ୍କ ଉପରେ ନଜର ରଖିଥିଲେ। ଅଭିଯୁକ୍ତମାନଙ୍କ ସହ ପ୍ରମୋଦ ସାହୁଙ୍କ ମଧ୍ୟରେ ଘରେ ବ୍ୟବହୃତ ଝୁମର ଲାଇଟ୍ କିଣା ବିକା ନେଇ କଥାବାର୍ତ୍ତା ହୋଇଥିଲା। ଏଥିପାଇଁ ୨୦ ଲକ୍ଷ ଟଙ୍କାରେ କିଣିବାକୁ ପ୍ରମୋଦ ସାହୁ ରାଜି ହୋଇଥିଲେ। ଅନ୍ୟ ପକ୍ଷରେ ସେମାନଙ୍କ ଗ୍ରୁପ୍‌ର ଅନ୍ୟ ଏକ ଗୋଷ୍ଠୀ ପ୍ରମୋଦ ସାହୁଙ୍କୁ ଠାରୁ ୫୦ ଲକ୍ଷ ଟଙ୍କାରେ ଝୁମର ଲାଇଟ୍ କିଣିବାକୁ ରାଜି ହୋଇଥିଲେ। ଅଧିକ ଲୋଭର ବଶବର୍ତ୍ତୀ ହୋଇ ପ୍ରମୋଦ ଝୁମର କିଣିବାକୁ ରାଜି ହୋଇଥିଲେ।

ଗତକାଲି ଗୁରୁବାର ଅଭିଯୁକ୍ତ ଏବଂ ବ୍ୟବସାୟୀ ଶ୍ରୀ ସାହୁଙ୍କ ମଧ୍ୟରେ ଖୋଡାସିଙ୍ଗି ଅଞ୍ଚଳରେ କଥାବାର୍ତ୍ତା ସରିଥିଲା। ଯୋଜନା ମୁତାବକ ୧୯ ଲକ୍ଷ ଟଙ୍କା ଭର୍ତ୍ତି ଏକ ଟ୍ରଙ୍କ୍‌ରେ ଅଭିଯୁକ୍ତମାନଙ୍କୁ ଟଙ୍କା ଆଣିଥିବା ନେଇ ଦେଖାଇଥିଲେ। ଅଭିଯୁକ୍ତମାନେ ଟଙ୍କା ଦେଖିବା ପରେ ସମାନ ଆଉ ଟ୍ରଙ୍କରେ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ନକଲି ନୋଟ୍ ଭର୍ତ୍ତି ଏକ ଟ୍ରଙ୍କ୍ ବଢାଇ ଦେଇଥିଲେ। ପରେ ଅଭିଯୁକ୍ତମାନେ ଝୁମର ଧରି ଆସୁଥିବା କହି ଘଟଣାସ୍ଥଳରୁ ପଳାଇଯାଇଥିଲେ। ଅଭିଯୁକ୍ତମାନେ ଦୀର୍ଘ ସମୟ ଧରି ନ ଆସିବା ଦେଖି ଠକେଇର ଶିକାର ହୋଇଥିବା ଆଶଙ୍କା କରିଥିଲେ ବ୍ୟବସାୟୀ ପ୍ରମୋଦ ସାହୁ। ପରେ ତାଙ୍କ ପାଖରେ ଥିବା ଟଙ୍କା ଭର୍ତ୍ତି ଟ୍ରଙ୍କ୍‌କୁ ଖୋଲି ଦେଖିବା ବେଳେ ନକଲି ଟଙ୍କା ଥିବା ଜାଣିବାକୁ ପାଇଥିଲେ।

▶▶ ୭

## କାର୍ ଦୁର୍ଘଟଣାରେ ୨ ମୃତ, ଜଣେ ଗୁରୁତର

**ଖଣ୍ଡପଡ଼ା,୨୯।୧୧/ଏନ୍‌ଏନ୍‌ଏସ୍:**

ଖଣ୍ଡପଡା ବ୍ଲକ ଅଧିନ କିଆଝର ପଂଚାୟତ ଅନ୍ତର୍ଗତ ପଂଚବଟୀ ଗୋଶାଳା ନିକଟରେ ଶୁକ୍ରବାର ଅପରାହ୍ନରେ ଏକ କାର ଦୁର୍ଘଟଣାରେ ୨ଜଣ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଅନ୍ତର୍ଗତ ଘୋରାଡ଼ିଆ ଗ୍ରାମର ଅବସରପ୍ରାପ୍ତ ସିଆରପିଏଫ୍ ଯବାନ୍ ପଦ୍ମଚରଣ ମହାରଣା (୬୨) ନିଜ ୱାଗ୍ ?ନର କାର ନଂ ଓଡ଼ି୦୨ଏଏନ୍ ୮୭୯୪ ଯୋଗେ ତାଙ୍କର ଦେଢଶାଶୁ ମଞ୍ଜୁଲତା ମହାରଣା (୬୫) ଓ ଶାଳି ମିଲିନା ମହାରଣା (୪୨)ଙ୍କୁ କୋସ୍ ?କା ମଧୁପୁର ଗ୍ରାମକୁ ଛାଡ଼ିବାକୁ ଆସୁଥିବା ସମୟରେ କିଆଝର ପଂଚବଟୀ ଗୋଶାଳା ନିକଟରେ କା ?ଟି ଦୁର୍ଘଟଣା ଗସ୍ତ ହୋଇ କଲ୍ ?ଭର୍ଟ ତଳକୁ ଖସି ପଡ଼ିଥିଲା।

▶▶ ୭





# ରାଜଧାନୀ ମୋଦୀମୟ



**ମନ୍ଦିର ନଗରୀରେ ମୋଦୀ ଉତ୍ସାହ। କୋହଲା ପାଗକୁ ଉଷ୍ମ କରୁଥିଲା ନାଚଗୀତ ଓ ସାଂସ୍କୃତିକ ଆୟୋଜନ। କେଉଁଠି ଘୋଡ଼ା ନାଚ ଓ ଘଣ୍ଟ ନାଦ ତ ଆଉ କେଉଁଠି ଡାଲଖାଇ ଓ ଆଦିବାସୀ ନୃତ୍ୟ ତାଳେତାଳେ ଝୁମୁଥିଲେ ଅଗଣିତ ମୋଦୀ ଫ୍ୟାନ୍। ପାରମ୍ପରିକ ଲୋକନୃତ୍ୟରେ ଝୁମିଥିଲା ରାଜଧାନୀର ରାଜରାସ୍ତା। ଏଭଳି ପରିବେଶରେ ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ୱାଗତ କରିଥିଲା ରାଜଧାନୀ ଭୁବନେଶ୍ୱର। ମୋଦୀଙ୍କୁ ପାଖରେ ପାଇ ଉତ୍ସାହିତ ନେତା, ମନ୍ତ୍ରୀ ଓ ଜନତା । ନମୋଙ୍କ ଝଲକ ପାଇବା ମାତ୍ରେ ମୋଦୀ..ମୋଦୀ.. ନାରାରେ କମ୍ପିଥିଲା ଏୟାରପୋର୍ଟ ନିକଟସ୍ଥ ସଭାସ୍ଥଳୀ। ଶ୍ରୀଜଗନ୍ନାଥଙ୍କ ମାଟିରେ ପାଦଦେଇ ସେଠାରେ ବିଶାଳ ଜନସଭାକୁ ସମ୍ବୋଧିତ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଜନତାଙ୍କୁ ଉଦ୍‌ବୋଧନ ଦେବା ପରେ ମୋଦୀଙ୍କ କାରକେଡ୍ ମୁହାଁଇଥିଲା ରାଜଭବନ ଅଭିମୁଖେ। ଆଉ ସେଠାରୁ ରାଜ୍ୟ ବିଜେପି କାର୍ଯ୍ୟାଳୟ। ତେବେ ଏୟାରପୋର୍ଟରୁ ରାଜଭବନ ଓ ଦଳୀୟ କାର୍ଯ୍ୟାଳୟ ଯାଏଁ ଜନସମୁଦ୍ର ପାଲଟିଥିଲା ଉଭୟ ରାସ୍ତା।**

## ଜୟ ଜଗନ୍ନାଥରୁ ସମ୍ବୋଧନ

ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାକୁ ପ୍ରଧାନମନ୍ତ୍ରୀ ମୋଦୀ ଉଦବୋଧନ ଦେଇଥିଲେ। ପ୍ରଧାନମନ୍ତ୍ରୀ 'ଜୟ ଜଗନ୍ନାଥ' କହି ଓଡ଼ିଆ ଭାଷାରେ ଭାଷଣ ଆରମ୍ଭ କରିଥିଲେ। ଆଉ ଓଡ଼ିଆରେ କହିଥିଲେ ଓଡ଼ିଶାର ଭାଇ ଭଉଣୀଙ୍କୁ ମୋର ନମସ୍କାର... ପ୍ରଭୁ ଲିଙ୍ଗରାଜଙ୍କ ମାଟିକୁ ଆସିବାକୁ ଆଜି ସୁଯୋଗ ମିଳିଛି... ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରଣାମ କରୁଛି।

## କଂଗ୍ରେସର ନାଁ ନ ନେଇ ସମାଲୋଚନା

ପ୍ରଧାନମନ୍ତ୍ରୀ କଂଗ୍ରେସର ନାଁ ନନେଇ ସମାଲୋଚନା କରିଥିଲେ। ସେ କହିଥିଲେ ରାଜନୀତିରେ 'ନୀତିଗତ ବିରୋଧ' ରହିବା ସ୍ୱାଭାବିକ କଥା । ଯେକୌଣସି ନିଷ୍ପତ୍ତିକୁ ନେଇ ଭିନ୍ନ ଭିନ୍ନ ମତ ରହିବ। ରାଜନୀତିକ ଦଳଗୁଡ଼ିକ ଭିନ୍ନ ଭିନ୍ନ କଥା ଲୋକଙ୍କ ନିକଟକୁ ନେଇଥାନ୍ତି। ସମ୍ବିଧାନର ମର୍ଯ୍ୟାଦା ଭିତରେ ରହି ନିଜର ବିଚାର ପରିପ୍ରକାଶ କରିଥାନ୍ତି। କିନ୍ତୁ ବିଗତ କିଛି ଦିନରେ ଏକ ବଡ଼ପରିବର୍ତ୍ତନ ଅନୁଭବ କରୁଥିବେ। ଗଣତନ୍ତ୍ରର ସବୁ ସୀମାକୁ ଉଲ୍ଲଙ୍ଘନ କରାଯାଉଛି। ଯେଉଁମାନେ କ୍ଷମତାକୁ ନିଜର ଜନ୍ମଗତ ଅଧିକାର ଭାବୁଥିଲେ ସେମାନେ କେନ୍ଦ୍ରରେ ଶାସନ ପ୍ରାୟ ଏକ ଦଶନ୍ଧି ଧରି ହରାଇଛନ୍ତି। ଏହି ଆକ୍ରୋଶ ସେମାନେ ଲୋକଙ୍କ ଉପରେ ଶୁଝାଉଛନ୍ତି। ଦେଶକୁ ଭୁଲ୍ ବାଟରେ ନେବା ପାଇଁ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ମିଛ ଓ ଅପପ୍ରଚାରର ଅଭିଯାନକୁ ଅଧିକ ଜୋରଦାର କରିବାରେ ଲାଗିଛନ୍ତି।

## ଓଡ଼ିଶାକୁ ପ୍ରାଥମିକତା ଦେବାକୁ ଚାହୁଁଛୁ

ମୋଦୀ କହିଥିଲେ ଯେ, ଦେଶରେ ପ୍ରାୟ ଶହେ ବର୍ଷ ଧରି ପୁଲିସ ଡିଜି ସମ୍ମିଳନୀ ହେଉଛି । କିନ୍ତୁ ଓଡ଼ିଶାରେ ଏହା ପ୍ରଥମଥର ପାଇଁ ଆୟୋଜିତ ହୋଇଛି। ଆଉ ୪ଦିନ ପରେ ପୁରୀରେ 'ନୌସେନା ଦିବସ' ପାଳନ କରାଯିବ। ପୁରୀ ବ୍ଲୁଫ୍ଲାଗ ବେଳାଭୂମିରେ ଏହି ଆୟୋଜନ ହେବ। ଏହା ଅର୍ଥ ଓଡ଼ିଶା ସମଗ୍ର ବିଶ୍ୱରେ କେନ୍ଦ୍ରବିନ୍ଦୁ ରହିବ। ଆଉ ଜାନୁୟାରୀ ମାସରେ ପ୍ରବାସୀ ଭାରତୀୟ ଦିବସର ଆୟୋଜନ ହେବ। ଜି-୨୦ରେ ଭିନ୍ନ ପ୍ରକାରର ଲୋକେ ଆସିଥିଲେ। ଏବେ ବିଦେଶରେ ରହୁଥିବା ଆମ ଲୋକେ ଆସିବେ। ପର୍ଯ୍ୟଟନର ସୁଯୋଗ ବଢ଼ିବ। ଓଡ଼ିଶାକୁ ବିଶ୍ୱର ମାନଚିତ୍ରରେ ପ୍ରାଥମିକତା ଦେବାକୁ ଚାହୁଁଛୁ। ପ୍ରବାସୀ ଭାରତୀୟ ଦିବସର ଆୟୋଜନ ଶାନଦାର ଢଙ୍ଗରେ କରିବାକୁ ପ୍ରଧାନମନ୍ତ୍ରୀ ମୋଦୀ ପରାମର୍ଶ ଦେଇଥିଲେ । ଓଡ଼ିଶାର ପ୍ରତ୍ୟେକ ଲୋକ ଅନୁଭବ କରିବା ଦରକାର ଯେ, ବିଶ୍ୱର ଲୋକମାନେ ତାଙ୍କ ଘରକୁ ଆସୁଛନ୍ତି ଓ ସେଭଳି ପ୍ରସ୍ତୁତି କରିବାକୁ ସେ ଆହ୍ୱାନ କରିଥିଲେ।








## ଓଡ଼ିଶା ପାଇଁ ଆଜି ଐତିହାସିକ ଦିନ:ମୁଖ୍ୟମନ୍ତ୍ରୀ

ଓଡ଼ିଶା ପାଇଁ ଆଜି ଐତିହାସିକ ଦିନ। ପ୍ରଧାନମନ୍ତ୍ରୀଙ୍କ ଏହା ହେଉଛି ଓଡ଼ିଶାକୁ ତୃତୀୟ ଗସ୍ତ। ଭୁବନେଶ୍ୱରରେ ପ୍ରଥମଥର ପାଇଁ ଓଡ଼ିଶାରେ ଡିଜିପି ସମ୍ମିଳନୀ ଆୟୋଜନ କରିବା ପାଇଁ ସୁଯୋଗ ଦେଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଉଛି । ପ୍ରଧାନମନ୍ତ୍ରୀଙ୍କ ଆଶୀର୍ବାଦରେ ଆମ ସରକାର ଦକ୍ଷତାର ସହ ଓଡ଼ିଶାବାସୀଙ୍କ ସେବା କରିଚାଲିଛି । ଆମର ୫ମାସର ସରକାର ଅତ୍ୟନ୍ତ ଘଟଣାବହୁଳ ହୋଇଛି । ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସକୁ ମୂଳମନ୍ତ୍ର କରି ଓଡ଼ିଶାର ବିକାଶ ପାଇଁ କାର୍ଯ୍ୟ କରୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

## ଉତ୍ସାହିତ ବିଜେପି ଶିବିର

୩ ଦିନିଆ ଗସ୍ତରେ ଆସିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ରଥମ ଥର କେହି ପ୍ରଧାନମନ୍ତ୍ରୀ ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି । ଯାହାକୁ ନେଇ ଉତ୍ସାହିତ ବିଜେପି ଶିବିର,କର୍ମୀ ଓ ନେତା। ପ୍ରିୟ ନେତାଙ୍କୁ ପାଇ ରାଜ୍ୟ ବିଜେପି କାର୍ଯ୍ୟାଳୟ ଆଜି ଆଜି ଚଳଚଞ୍ଚଳ। ଆଗକୁ ପୌର ନିର୍ବାଚନ। ଏଥିପାଇଁ ପ୍ରଧାନମନ୍ତ୍ରୀ ଦଳୀୟ ନେତା ଓ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିବା ଚର୍ଚ୍ଚା ହେଉଛି। ଏଥିପାଇଁ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଚାଲିଥିଲା ରୁଦ୍ଧଦ୍ୱାର ବୈଠକ।













ଭୁବନେଶ୍ୱର ବିମାନ ବନ୍ଦରରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ସ୍ୱାଗତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଦୁଇ କେନ୍ଦ୍ରମନ୍ତ୍ରୀ

### ସରକାରୀ ଅର୍ଥ ଆତ୍ମସାତ୍

# ଶିକ୍ଷକଙ୍କୁ ୪ ବର୍ଷ ଜେଲ୍

**କନ୍ଧମାଳ,ବାଲିଗୁଡ଼ା,୨୮।୧୧/ଏନ୍ଏନ୍ଏସ୍:** ସରକାରୀ ଅନୁଦାନ ଆତ୍ମସାତ କରିଥିବା ଅଭିଯୋଗରେ ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଜନୈକ ଶିକ୍ଷକଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ୧୦ ହଜାର ଟଙ୍କା ଜୋରିମାନା କରାଯାଇଛି। ଜୋରିମାନା ଅନାଦେୟ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବାଲିଗୁଡା ବ୍ଲକ ଡୁକୁଲାମିଲା ନୂତନ ପ୍ରାଥମିକ ବିଦ୍ୟାଳୟର ତତ୍କାଳୀନ ଶିକ୍ଷକ ବିଭୁନନ୍ଦନ କେଶରୀ ନାୟକ। ସୂଚନା ଅନୁଯାୟୀ ୨୦୧୭ ମସିହାରେ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ଆସିଥିବା ୩ ଲକ୍ଷ ଟଙ୍କାର ଅନୁଦାନ ରାଶିକୁ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ବିଭୁନନ୍ଦନ କୌଣସି କାମ ନକରି ଆତ୍ମସାତ କରି ଦେଇଥିଲେ। ଏନେଇ ଅଭିଯୋଗ ହେବା ପରେ ଭିଜିଲାନ୍ସ ବିଭାଗ ଏହାର ତଦନ୍ତ କରି ତାଙ୍କ ବିରୋଧରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ୫୮/୧୭ରେ ଏକ ମାମଲା ରୁଜୁ କରିଥିଲା। ଆଜି ଏହି ମାମଲାର ଶୁଣାଣି କରି ଫୁଲବାଣୀ ଭିଜିଲାନ୍ସ ଅଦାଲତର ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲାର ଅନ୍ୟ ଅଭିଯୁକ୍ତ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କିଟୁସୁ ମଲ୍ଲିକଙ୍କୁ ଅଦାଲତ ପ୍ରମାଣ ଅଭାବରୁ ଦୋଷମୁକ୍ତ କରିଛନ୍ତି। ମାମଲାର ତଦନ୍ତ ତତ୍କାଳୀନ ଭିଜିଲାନ୍ସ ଇନ୍ସପେକ୍ଟର ରାଜୀବ କୁମାର ବେହେରାଙ୍କ ଦ୍ୱାରା କରାଯାଇଥିବା ବେଳେ ସ୍ୱତନ୍ତ୍ର ପିପି ଭି ଭି ରାମଦାସ ମାମଲା ପରିଚାଳନା କରିଥିଲେ।

# ୪୮ ଘଣ୍ଟାରେ ଚାଷୀଙ୍କୁ ଏମ୍ଏସ୍ପି ସହାୟତା ରାଶି

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ଚଳିତ ଖରିଫ ଋତୁରେ ସମଗ୍ର ରାଜ୍ୟରେ ଧାନକିଣା ପ୍ରକ୍ରିୟାକୁ ବ୍ୟାପକ କରାଯାଇଛି। ପଞ୍ଜୀକୃତ ଚାଷୀ ମଣ୍ଡିରେ ଧାନ ବିକିବାର ୪୮ ଘଣ୍ଟା ମଧ୍ୟରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସର୍ବନିମ୍ନ ସହାୟତା ମୂଲ୍ୟ ପାଇପାରୁଛନ୍ତି। ଏଥି ନିମନ୍ତେ ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଚାଷୀମାନଙ୍କ ଆକାଉଣ୍ଟକୁ ପ୍ରତ୍ୟକ୍ଷ ଭାବେ ସର୍ବନିମ୍ନ ସହାୟତା ମୂଲ୍ୟ ପ୍ରଦାନ ପାଇଁ ସରକାରୀ ସ୍ତରରେ ବିଭିନ୍ନ ପର୍ଯ୍ୟାୟରେ ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ଦିନରାତି ୨୪ ଘଣ୍ଟିଆ ଭିତ୍ତିରେ କାର୍ଯ୍ୟକରି ଚାଷୀମାନଙ୍କ ହିତରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। କୌଣସି ଅଭିଯୋଗ ଆସିଲେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି। ଯୋଗାଣ ବିଭାଗ ପକ୍ଷରୁ ଏଥି ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏହି ଅଧିକାରୀମାନେ ଚାଷୀମାନଙ୍କ ହିତକୁ ଗୁରୁତ୍ୱପୂର୍ଣ୍ଣ ଭାବେ ବିବେଚନା କରିବା ସହ ସେମାନଙ୍କ ପ୍ରାପ୍ୟ ପାଇବାକୁ କାର୍ଯ୍ୟ କରୁଛନ୍ତି। ସୂଚନାଯୋଗ୍ୟ, ଚାଷୀମାନଙ୍କ ଆକାଉଣ୍ଟକୁ ପ୍ରାରମ୍ଭିକ ଭାବେ ମ୍ୟାପିଂ କରାଯିବା ସହ ଶତପ୍ରତିଶତ ଭାବେ ଯାଞ୍ଚ କରାଯାଉଛି। ଏହାକୁ ବୈଷୟିକ ଉପଯୋଗୀ କରାଯାଇ ଡିଜିଟାଲ ମାଧ୍ୟମରେ ସେମାନଙ୍କ ଆକାଉଣ୍ଟକୁ ଏହି ପ୍ରାପ୍ୟ ପ୍ରଦାନ କରାଯାଉଛି। ଏଥି ନିମନ୍ତେ ଯୋଗାଣ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯିବା ସହ ଏ ସଂକ୍ରାନ୍ତୀୟ ଅଭିଯୋଗକୁ ଗୁରୁତର ଭାବେ ଗ୍ରହଣ କରି ତ୍ୱରିତ ପଦକ୍ଷେପ ନିଆଯାଉଛି। ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ଚାଷୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ଉପଯୋଗୀ ପଦକ୍ଷେପ ଗ୍ରହଣ କରିଛନ୍ତି।

### ରାଜ୍ୟ ବିଜେପି କାର୍ଯ୍ୟାଳୟରେ କାର୍ଯ୍ୟକର୍ତ୍ତାଙ୍କୁ ମୋଦୀଙ୍କ ପରାମର୍ଶ

# 'ଜନସେବାରେ ବ୍ରତୀ ହୁଅନ୍ତୁ'

**ଭୁବନେଶ୍ୱର,୨୯।୧୧/,ଏନ୍ଏନ୍ଏସ୍:** ତିନି ଦିନିଆ ଓଡ଼ିଶା ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ଯାଇ ଦଳୀୟ ସାଂସଦ, ମନ୍ତ୍ରୀ, ବିଧାୟକ ଓ କାର୍ଯ୍ୟକର୍ତ୍ତାଙ୍କୁ ଏକାଠି ହୋଇ ଜନସେବାରେ ବ୍ରତୀ ହେବାକୁ ପରାମର୍ଶ ଦେଇଛନ୍ତି। ବିଶେଷକରି ସରକାରୀ ଯୋଜନାକୁ ଲୋକଙ୍କ ଦୁଆର

### ଗୁରୁମନ୍ତ୍ର ଦେଲେ, ଡିନର୍ ବି କଲେ

ମୁହଁକୁ ନେବା ନିମନ୍ତେ ଏକ ଦୀର୍ଘମିଆଦୀ ଖସଡ଼ା ପ୍ରସ୍ତୁତ କରିବାକୁ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଅପରାହ୍ନ ୪ଟା୨୫ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରେ ରାଜ୍ୟ ବିଜେପି ପକ୍ଷରୁ ଏକ ବିଶାଳ ସ୍ୱାଗତ ଓ ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେଇ ମୋଦୀ ସୁରକ୍ଷା ବଳୟ ମଧ୍ୟରେ ରାଜଭବନରେ



ପହଞ୍ଚିଥିଲେ। ଏହା ପରେ ସେ ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ଯାଇ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ସେଠାରେ ମୋଦୀ ବୈଠକ ସହ ରାତ୍ରିଭୋଜନ କରିଥିବାର ଜଣାପଡ଼ିଛି। ରାଜ୍ୟ କାର୍ଯ୍ୟାଳୟରୁ ବାହାରି ସେ ପୁଣି ରାଜଭବନରେ ଯାଇ ସେଠାରେ ରାତ୍ରିଯାପନ କରିଛନ୍ତି। ମୋଦୀଙ୍କ ସହ ରାଜ୍ୟ ରାଜ୍ୟ ବିଜେପିର ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡାଙ୍କ ସମେତ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ରାଜ୍ୟର ମନ୍ତ୍ରୀ, ବିଧାୟକ ଓ ଅନ୍ୟ ନେତା ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ରାଜ୍ୟ କାର୍ଯ୍ୟାଳୟରେ ମୋଦୀ ଉଭୟ ସରକାରୀ ଓ ଦଳୀୟ କାର୍ଯ୍ୟକ୍ରମକୁ ସମୀକ୍ଷା କରି ଗୁରୁମନ୍ତ୍ର ଦେଇଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତକୁ ନେଇ ରାଜନୀତି ସରଗରମ

**ଗୋଟିଏ ପଟେ ଜାତୀୟ ସୁରକ୍ଷାକୁ ନେଇ ରାଜଧାନୀ ଭୁବନେଶ୍ୱରରେ ମାନସ ମନ୍ଥନ ହେଉଥିବା ବେଳେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ନେତା ଓ ସାଂସଦଙ୍କ ରିପୋର୍ଟ କାର୍ଡ ଦେଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ପ୍ରଥମ ଥର ପାଇଁ ଜଣେ ପ୍ରଧାନମନ୍ତ୍ରୀ ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଯାହା ରାଜ୍ୟ ବିଜେପି ପାଇଁ ବୁଷ୍ଟ ହୋଇପାରେ । ଅନ୍ୟପଟେ ପ୍ରଧାନମନ୍ତ୍ରୀଙ୍କ ଏହି ୩ ଦିନିଆ ଗସ୍ତ କାର୍ଯ୍ୟକ୍ରମକୁ ନେଇ ରାଜନୀତି ବି ସରଗରମ ହୋଇଛି।**

## 'କେବଳ ଦେଖେଇ ହେବା କାର୍ଯ୍ୟକ୍ରମ'

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଗସ୍ତକୁ ନେଇ ପ୍ରତିକ୍ରିୟା ରଖିଛି ବିଜେଡି।ବିଜେଡି ବିଧାୟକ ସାରଦା ଜେନା କହିଛନ୍ତି ଯେ ଏବେ ବି ନବୀନ ସର୍ବାଗ୍ରେ ଲୋକପ୍ରିୟ ରହିଛନ୍ତି। ୧୫୦ ଦିନର ରିପୋର୍ଟ କାର୍ଡରେ ବିକାଶ ମୂଳକ କାର୍ଯ୍ୟ ଠପ ହୋଇଯାଇଛି। ବିଭିନ୍ନ ପ୍ରସଙ୍ଗରେ ସରକାର ପଛରେ। ସବୁଠି ସରକାର ଫେଲରେ ଚାଲିଛି, ତେଣୁ ଏସବୁକୁ ଆଗକୁ ନେବାକୁ ପ୍ରଧାନମନ୍ତ୍ରୀ



ଆସିଥାଇ ପାରନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଦେଖେଇ ହେବା କାର୍ଯ୍ୟକ୍ରମ । ତେଣୁ ଦେଖାଇ ହେବା ବଡ଼ କଥା ନୁହେଁ କାମ କରିବାଟା ବଡ଼ କଥା। ବିଜେପି କର୍ମୀମାନେ ରାଜ୍ୟର ସ୍ୱାର୍ଥକୁ ପ୍ରଧାନମନ୍ତ୍ରୀଙ୍କ ପାଖରେ ଉପସ୍ଥାପିତ କରନ୍ତୁ। ସେ ପୋଲାଭରାମ ପ୍ରକଳ୍ପ ହେଉ, ମହାନଦୀ ଜଳ ବିବାଦ ପ୍ରସଙ୍ଗ ହେଉ, ତା ସହିତ ରେଳବାଇ କ୍ଷେତ୍ରରେ ଅବହେଳା ପ୍ରସଙ୍ଗ ହେଉ ଉପସ୍ଥାପନ କରନ୍ତୁ ବୋଲି ଶ୍ରୀ ଜେନା କହିଛନ୍ତି।

## 'ଓଡ଼ିଶା ପାଇଁ ବିକାଶର ପଥ ଖୋଲିବ'

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ବିଶ୍ୱର ସର୍ବଶ୍ରେଷ୍ଠ ନେତୃତ୍ୱ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁବନେଶ୍ୱର ଆସିଛନ୍ତି। ଓଡ଼ିଶା ପାଇଁ ବିକାଶ ପଥ ଖୋଲିବ। ପୂର୍ବ ଭାରତରେ ଓଡ଼ିଶା ବିକାଶର ଶ୍ରେଷ୍ଠ ରାଜ୍ୟ ହେବ। ବିକାଶର ନୂଆ ଫର୍ଦ୍ଦ ଯୋଡ଼ା ହେବ। ଓଡ଼ିଶା ବିକାଶରେ ନିଜକୁ ସାମିଲ କରିବେ ପ୍ରଧାନମନ୍ତ୍ରୀ। ନୂଆ ଦିଶା ଦେବେ, ନୂଆ ଦିଗନ୍ତ ଦେବେ। ଓଡ଼ିଶା ବିକାଶ ପଥରେ ଆଗେଇବ। ଆଗାମୀ ଦିନରେ ଏହା ଏକ ମାଇଲ ଖୁଣ୍ଟ ହେବ। ଓଡ଼ିଶା ପାଇଁ ଏକ ସୁବର୍ଣ୍ଣ ସୁଯୋଗ ବୋଲି



ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ଏକାମ୍ର ବିଧାୟକ ବାବୁ ସିଂହ କହିଛନ୍ତି। ଏହାଛଡ଼ା ସେ କହିଛନ୍ତି ଯେ ମୋଦୀ ଓଡ଼ିଶା ଆସିବା ଦ୍ୱାରା ଖାଲି ପୁଲିସର କାର୍ଯ୍ୟକ୍ରମ ହେବ ନାହିଁ କର୍ଯ୍ୟକର୍ତ୍ତାଙ୍କ ମଧ୍ୟ ମନୋବଳ ବଢ଼ିବା ସଂଗେ ସଂଗେ ଓଡ଼ିଶାର ବିକାଶ ହେବ। ସମସ୍ତ କର୍ମୀ ବିକାଶ ବାର୍ତ୍ତା ନେଇ ଘରକୁ ଯିବେ। ପ୍ରଥମଥର ପାଇଁ ସାରା ଦେଶର ଆଲୋଚନା ହେବ । ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ବିଷୟରେ ଆଲୋଚନା ହେବ। ନିର୍ବାଚନ ପ୍ରତିଥର ଆସିବ ଯିବ, ବିକାଶ ଆମ ମୂଳ ଲକ୍ଷ୍ୟ ହେବା ଦରକାର । ଓଡ଼ିଶା ଆଗେଇବା ଦରକାର ବୋଲି ଶ୍ରୀ ସିଂହ କହିଛନ୍ତି।

## 'ଓଡ଼ିଶାକୁ ସ୍ୱତନ୍ତ୍ର ପ୍ୟାକେଜ ଦିଅନ୍ତୁ ପ୍ରଧାନମନ୍ତ୍ରୀ'

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ଓଡିଶାବାସୀ ଅନେକ ବିଶ୍ୱାସ କରି ୨୦ ଜଣ ସାଂସଦ କେନ୍ଦ୍ରକୁ ପଠାଇଲେ। ହେଲେ କେନ୍ଦ୍ର ସରକାର ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ, ବିହାରକୁ ସ୍ୱତନ୍ତ୍ର ପ୍ୟାକେଜ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଆଜି ଓଡିଶା ଆସିଛନ୍ତି। ହେଲେ ସେପଟେ କନ୍ଧମାଳରେ ଆମ୍ବ ଟାକୁଆ ଜାଉ ଖାଇ ମୃତ୍ୟୁବରଣ କରୁଛନ୍ତି।



ଓଡ଼ିଶାରେ ଚାଷ ପାଇଁ ପାଣିର ଅଭାବ। ପୋଲାଭରମକୁ ଜାତୀୟ ପ୍ରକଳ୍ପ ମାନ୍ୟତା ଦେଲେ କେନ୍ଦ୍ର ସରକାର। ଏହା ଫଳରେ ମାଲକାନଗିରିରେ ଅଧାରୁ ଅଧିକ ଜାଗା ଜଳମଗ୍ନ ହେବ। କୋଟିଆ ଓଡ଼ିଶାର ଏକ ଅବିଚ୍ଛେଦ୍ୟ ଅଙ୍ଗ ତାକୁ ମଧ୍ୟ ସମାଧାନ କଲେ ନାହିଁ । ଓଡିଶାବାସୀ ଭଲ ପାଇ ଜନତା ବିଜେପିକୁ ଭୋଟ ଦେଇଥିଲେ ହେଁ ଗାଁ ଗହଳିରେ କୋଉଠି ବି ବିକାଶ ହୋଇପାରିଲା ନାହିଁ । ଆମେ ଦାବି କରୁଛୁ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ୟାକେଜ ଦିଅନ୍ତୁ ପ୍ରଧାନମନ୍ତ୍ରୀ।

### ଓମ୍ଫେଡ୍ର ପରିଚାଳନା ପରିଷଦ ବୈଠକ

# ଅଙ୍ଗନବାଡ଼ି ଓ ସ୍କୁଲ୍ରେ ଦିଆଯିବ ଗୁଣ୍ଡ ଦୁଗ୍ଧ

**ଭୁବନେଶ୍ୱର,୨୯ ।୧୧/ଏନ୍ଏନ୍ଏସ୍:** ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟିଡେଟ୍ (ଓମଫେଡ୍)ର ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟକୁ ଓମ୍ଫେଡ୍ ଗୁଣ୍ଡ ଦୁଗ୍ଧ ଯୋଗାଇ ଦେବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏ ସଂପର୍କରେ ସରକାରଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବାକୁ ବୈଠକରେ ସ୍ଥିର ହୋଇଛି। ସେହିପରି ଷ୍ଟେଟ ସେଣ୍ଟ୍ରାଲ ଲାବୋରେଟୋରୀ ମଧ୍ୟ ଅରିଲୋଠାରେ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଦୁଗ୍ଧ କାରଖାନାଠାରେ ପାଇପ ଦ୍ୱାରା ପ୍ରାକୃତିକ ଗ୍ୟାସ୍ ଯୋଗାଣ, ଅରିଲୋଠାରେ ଏକ ପାର୍ଲୋର ଖୋଲାଯିବାକୁ ଏହି ବୈଠକରେ ମଧ୍ୟ ନିଷ୍ପତ୍ତି ହୋଇଛି। ଓମ୍ଫେଡ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ, ଜେନେରାଲ ମ୍ୟାନେଜର (ଡାଏରୀ ଅପରେସନ) ସୌମେନ୍ଦ୍ର ଭୌମିକ, ଜେନେରାଲ ମ୍ୟାନେଜର (ଅର୍ଥ) ସୁରେଶ ଚନ୍ଦ୍ର ଅଲଟିଆ, ଡେପୁଟି ଜେନେରାଲ ମ୍ୟାନେଜର (ମାନବ ସମ୍ବଳ) ଡକ୍ଟର ଜୟକୃଷ୍ଣ ପଟ୍ଟନାୟକଙ୍କ ସମେତ ସମସ୍ତ ଅଧିକାରୀ ଓ ବୋର୍ଡର ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ସ୍ୱାଗତ ଅଭିଭାଷଣ ପ୍ରଦାନ ପୂର୍ବକ ଆଗାମୀ ଦିନରେ ଓମ୍ଫେଡ୍କୁ କିପରି ଆଗେଇ ନେବା ସହ ଉତ୍ତମ ଗୁଣବତ୍ତା ବିଶିଷ୍ଟ ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟକର ଉତ୍ପାଦ ମାର୍କେଟକୁ ଯାଇପାରିବ ସେ ସଂପର୍କରେ ବୋର୍ଡର ସଦସ୍ୟ ସଦସ୍ୟାମାନେ ନିଜ ନିଜର ମତାମତ ଦେବାକୁ ଅନୁରୋଧ କରିଥିଲେ। ଦୁଗ୍ଧ ସଂଗ୍ରହ ସହ ଉତ୍ପାଦ ବୃଦ୍ଧି କରିବା ଏବଂ ଓମଫେଡ ଉତ୍ପାଦନଗୁଡିକ କପରି ଲୋକଙ୍କ ପାଖରେ ପହଞ୍ଚି ପାରିବ, ସେ ସଂପର୍କରେ ମଧ୍ୟ ପରିଚାଳନା ନିର୍ଦ୍ଦେଶକ ଆଲୋକପାତ କରିଥିଲେ। ଓମ୍ଫେଡ୍ର ଉତ୍ପାଦନ ବୃଦ୍ଧି କରିବା ସହ ଏହାର କଳେବରକୁ ବୃଦ୍ଧି କରିବା ପାଇଁ କଣ କଣ ପଦକ୍ଷେପ ନିଆଯିବା ଦରକାର ସେ ନେଇ ଆଜିର ବୈଠକରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଦୁଗ୍ଧ ସଂଗ୍ରହ ଓ ନୂତନ ଉତ୍ପାଦ ବୃଦ୍ଧି କରିବା ନେଇ ବୋର୍ଡର ସଦସ୍ୟ ସଦସ୍ୟାମାନେ ବିଭିନ୍ନ ମତ ଉପସ୍ଥାପନ କରିଥିଲେ । ମୁଖ୍ୟତଃ ଗ୍ରାମାଞ୍ଚଳରେ କ୍ଷୀରଧାରା କେନ୍ଦ୍ରମାନ ଖୋଲିବା ପାଇଁ ନିଆଯାଇଥିବା ନିଷ୍ପତ୍ତିକୁ ସମସ୍ତେ ସ୍ୱାଗତ ଜଣାଇବା ସହ ଏହାକୁ ଆହୁରି ପରିବ୍ୟାପ୍ତ କରିବା ପାଇଁ ସର୍ବ ସମ୍ମତ ମତ ପ୍ରକାଶ ପାଇଥିଲା। ଓମ୍ଫେଡ୍ ଘିଅ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ଲାଗି ହେଉଥିବାରୁ ଏହାକୁ ସମସ୍ତେ ସ୍ୱାଗତ ଜଣାଇଥିଲେ। ଆଗାମୀ ଦିନରେ ରାଜ୍ୟର ସମସ୍ତ ବଡ ବଡ ମନ୍ଦିରରେ କିପରି ଓମ୍ଫେଡ୍ ଘିଅ ଲାଗି ହୋଇପାରିବ, ସେ ସଂପର୍କରେ ସରକାରଙ୍କ ସହ ଆଲୋଚନା କରାଯାଇଥିବା ସଂପର୍କରେ ମଧ୍ୟ ପରିଚାଳନା ନିର୍ଦ୍ଦେଶକ ପରିଷଦକୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ କାମଧେନୁ ଯୋଜନାକୁ ଗ୍ରାମାଞ୍ଚଳକୁ ବ୍ୟାପ୍ତ କରିବା ପାଇଁ ପଦକ୍ଷେପ ନିଆଯିବ । ଏଥିପାଇଁ ରାଜ୍ୟ ସରକାର ୬୫.୪୯ କୋଟି ଟଙ୍କା ମଂଜୁର କରିଥିବାରୁ ରାଜ୍ୟ ସରକାରଙ୍କୁ ସମସ୍ତେ ଅଭିନନ୍ଦନ ଜଣାଇଥିଲେ। ପରିଚାଳନା ପରିଷଦର ସଂପାଦକ ଡକ୍ଟର ଜୟକୃଷ୍ଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ଆଳୁ ବିହନ ଯୋଗାଣ ନେଇ ଉପମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ଆଳୁଚାଷରେ ଆତ୍ମନିର୍ଭର ହେବ ଓଡ଼ିଶା

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ଆଜି କୃଷି ଭବନସ୍ଥିତ କୃଷି ସମୀକ୍ଷା କେନ୍ଦ୍ରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ରାଜ୍ୟରେ ଆଳୁ ବିହନ ଯୋଗାଣ ନେଇ ସମୀକ୍ଷା କରିଛନ୍ତି। ରବି ଆଳୁଚାଷ ସଂପର୍କିତ ଆଲୋଚନା ନିମନ୍ତେ ଅନୁଷ୍ଠିତ ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଆଳୁଚାଷରେ ରାଜ୍ୟକୁ ଆତ୍ମନିର୍ଭର କରିବା ପାଇଁ ରବି ଆଳୁ ଚାଷକୁ ଦୃଷ୍ଟିରେ ରଖି ସରକାର ଅକ୍ଟୋବର-ନଭେମ୍ବର ମାସରୁ ହିଁ ବିହନ ଯୋଗାଇ ଦେଇଛନ୍ତି। ପ୍ରଥମଥର ଲାଗି ୧୫,୦୨୩ ହେକ୍ଟରରେ ଆଳୁଚାଷ ହେଉଛି। ଏଯାବତ୍ ୧ ଲକ୍ଷ ୨ ହଜାର ୯୬୪ କ୍ୱିଣ୍ଟାଲର ଉନ୍ନତ ମାନର ପ୍ରାମାଣିକ ଆଳୁ ବିହନ ଚାଷୀଙ୍କୁ ଯୋଗାଇ ଦିଆଯାଇଛି। ଅଦ୍ୟାବଧି ୫୬୪୯ ହେକ୍ଟର ଜମିରେ ଆଳୁ ବିହନ ଲାଗିସାରିଛି। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଆଭାସି ମାଧ୍ୟମରେ ଯୋଗଦେଇଥିବା ସମସ୍ତ ଜିଲ୍ଲାର କୃଷି ଓ ଉଦ୍ୟାନ କୃଷି ଅଧିକାରୀଙ୍କଠାରୁ ଆବଶ୍ୟକ ପରିମାଣର ଆଳୁ ବିହନ ଯୋଗାଣ ବାବଦରେ ଅବଗତ ହୋଇଥିଲେ। ଚାଷୀମାନେ ପ୍ରାମାଣିକ ଆଳୁ ବିହନ କିଲୋଗ୍ରାମ ପିଛା ୨୦ ଟଙ୍କାରେ କ୍ରୟ କରିବେ ଏବଂ ବିହନ ଲଗାଇବା ପରେ କିଲୋଗ୍ରାମ ପିଛା ୧୦ଟଙ୍କା ନିଜ ଆକାଉଣ୍ଟକୁ ଫେରସ୍ତ ପାଇବେ। ଏହି ପ୍ରକ୍ରିୟାରେ କୌଣସି ପ୍ରକାର ଦୁର୍ନୀତି ଅଭିଯୋଗ ଆସିଲେ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସଂପୂର୍ଣ୍ଣ ପ୍ରକ୍ରିୟାରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଅଧିକାରୀମାନେ ଯତ୍ନବାନ ହେବାକୁ ପ୍ରମୁଖ ଶାସନ ସଚିବ ପରାମର୍ଶ ଦେଇଥିଲେ। ରାଜ୍ୟରେ ବିହନ ଯୋଗାଣ ନିମନ୍ତେ କେବଳ ଏନ୍ଏସ୍ସି ଅନୁବନ୍ଧିତ ଫାର୍ମ ହିଁ ଆଳୁ ବିହନ ଯୋଗାଉଛନ୍ତି। ଆଜି ସୁଦ୍ଧା ରାଜ୍ୟର ୩୦ଟି ଜିଲ୍ଲାରେ ଏ ନେଇ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇସାରିଛି ଏବଂ ୩୪୭୦ଟି ସଚେତନତା ବୈଠକ କରାଯାଇ ଆଳୁଚାଷର ପ୍ରଣାଳୀ ବିଷୟରେ ଅବଗତ କରାଯାଇଛି। ରାଜ୍ୟରେ ୩୦୫୮ଟି କ୍ଲଷ୍ଟର ବଛାଯାଇଛି ଯେଉଁଥିରେ ପ୍ରମୁଖ ଭାବେ ଆଳୁଚାଷ କରାଯିବ ଏବଂ ଏଥି ପାଇଁ ୯୫,୮୪୧ ଜଣ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ ଯୋଗଦେଇଥିଲେ।

# ବଢ଼ିଲା ଯୁକ୍ତଦୁଇ ଫର୍ମପୂରଣ ଅବଧି

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ୨୦୨୫ ଯୁକ୍ତଦୁଇ ବିଜ୍ଞାନ, କଳା, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଲାଗି ଫର୍ମପୂରଣ ପ୍ରକ୍ରିୟାର ଅବଧିକୁ ପୁଣି ୨ଦିନ ବୃଦ୍ଧି କରାଯାଇଛି। ପୂର୍ବରୁ ୨୫ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ବେଳେ ପୁଣି ତୃତୀୟଥର ଲାଗି ଏହି ଅବଧିକୁ ୩୦ତାରିଖ ପର୍ଯ୍ୟନ୍ତ +୨ ପରିଷଦ ପକ୍ଷରୁ ବୃଦ୍ଧି କରାଯାଇଛି। ଛାତ୍ରଛାତ୍ରୀ କୌଣସି କାରଣରୁ ଯଦି ଫର୍ମପୂରଣ କରିପାରିନଥିବେ ସେମାନେ ପୁଣି ଏହି ସୁଯୋଗ ପାଇବେ। ତେବେ ଫର୍ମପୂରଣ ଅବଧିକୁ ୨୯ତାରିଖ ଏବଂ ୩୦ତାରିଖ ପର୍ଯ୍ୟନ୍ତ ରଖାଯାଇଛି। ଫର୍ମପୂରଣ କରିନଥିବା ଛାତ୍ରଛାତ୍ରୀ ୬୦୦ଟଙ୍କା ଜରିମାନା ଦେଇ ସେମାନଙ୍କର ଫର୍ମପୂରଣ କରିପାରିବେ। ଏହି ସୁଯୋଗ ଉଭୟ ରେଗୁଲାର ଏବଂ ଏକ୍ସରେଗୁଲାର ଛାତ୍ରଛାତ୍ରୀଙ୍କ ଲାଗି ବୋଲି +୨ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଫର୍ମ ପୂରଣ ଲାଗି ନିର୍ଦ୍ଧାରିତ ଫି' ୨୯ତାରିଖରୁ ଡିସେମ୍ବର ୨ତାରିଖ ମଧ୍ୟରେ ପୈଠ କରିବାକୁ ଧାର୍ଯ୍ୟ ହୋଇଛି। ସମସ୍ତ ଫର୍ମପୂରଣ ପ୍ରକ୍ରିୟା ଶେଷ ହେବା ପରେ ଫର୍ମପୂରଣର ସମସ୍ତ ଡକ୍ୟୁମେଣ୍ଟ ଡିସେମ୍ବର ୫ ତାରିଖ ସୁଦ୍ଧା ପରିଷଦରେ ଜମା କରିବାକୁ +୨ ପରିଷଦର ପରୀକ୍ଷା ନିୟନ୍ତ୍ରକ ଡ.ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ସେହିପରି ୨୯ତାରିଖ ସୁଦ୍ଧା କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକଶିକ୍ଷା ଲାଗି ମୋଟ ୩ଲକ୍ଷ ୯୨ହଜାର ୮୭୬ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବା ଜଣାପଡିଛି।

### ଯୁକ୍ତ ଦୁଇ ପରୀକ୍ଷା

# ୧୨୭୫ ପରୀକ୍ଷାକେନ୍ଦ୍ରରେ ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ଆସନ୍ତା ଫେବୃଆରୀ ୧୮ରୁ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହେବ। ରାଜ୍ୟର ୨୩୦୦ଟି ଜୁନିୟର କଲେଜର ପ୍ରାୟ ୩ଲକ୍ଷ ୯୩ହଜାର ଛାତ୍ରଛାତ୍ରୀ ରାଜ୍ୟରେ ୧୨୭୫ଟି

### ଡିସେମ୍ବର ଶେଷ ସୁଦ୍ଧା ସରିବ କାର୍ଯ୍ୟ

### ପ୍ରଶ୍ନପତ୍ରର ସୁରକ୍ଷା ଲାଗି ୨୧୦ଟି ହବ୍ କେନ୍ଦ୍ର ପ୍ରସ୍ତୁତ

ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ଦେବେ। ସେହିପରି ପ୍ରଶ୍ନପତ୍ରର ସୁରକ୍ଷା ଲାଗି ୨୧୦ଟି ହବ୍ କେନ୍ଦ୍ରର ବ୍ୟବସ୍ଥା କରାଯିବ ବୋଲି +୨ ପରିଷଦ ପକ୍ଷରୁ ଜଣାପଡିଛି। ତେବେ ୧୨୭୫ଟି ପରୀକ୍ଷାକେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯିବାକୁ କଲେଜମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।ସବୁ ପରୀକ୍ଷାକେନ୍ଦ୍ରରେ ସିସି ଟିଭି ଯାଞ୍ଚ ପ୍ରକ୍ରିୟା ଡିସେମ୍ବର ଶେଷ ସୁଦ୍ଧା ଶେଷ ହେବ ବୋଲି ଜଣାପଡିଛି। ଯେଉଁ କଲେଜରେ ସିସି ଟିଭି ଲାଗି ନଥିବା ଜଣାପଡିବ ସମ୍ପୃକ୍ତ କଲେଜକୁ ପରିକ୍ଷାକେନ୍ଦ୍ରରୁ ବାଦ୍ ଦିଆଯିବ। ଅନ୍ୟପକ୍ଷରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଗୁରୁତ୍ୱ ଦେଇ ଚଳିତବର୍ଷ ପରୀକ୍ଷା ନିୟନ୍ତ୍ରକ ୩ଥର ଫର୍ମ ପୂରଣ ଅବଧିକୁ ବଢ଼ାଇଥିବା ବେଳେ ପରୀକ୍ଷାରେ ଯେପରି ଛାତ୍ରଛାତ୍ରୀଙ୍କ କୌଣସି ଅସୁବିଧା ନହୁଏ ସେଥିଲାଗି ପଦକ୍ଷେପ ଗ୍ରହଣ କରାଯିବ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ ଜାନୁଆରୀ ୨ରୁ ୧୨ ତାରିଖ ପର୍ଯ୍ୟନ୍ତ ପ୍ରାକ୍ଟିକାଲ ପରୀକ୍ଷା ଅନୁଷ୍ଠିତ ହେବ। ରାଜ୍ୟର ଜୁନିୟର କଲେଜଗୁଡିକ ସେମାନଙ୍କ ସୁବିଧା ଅନୁସାରେ ଏହି ସମୟ ମଧ୍ୟରେ ପ୍ରାକ୍ଟିକାଲ ପରୀକ୍ଷା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଫେବୃଆରୀ ୧୮ରୁ ମାର୍ଚ୍ଚ ୨୭ ଯାଏଁ ୨୨ ଦିନ ଧରି କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକଶିକ୍ଷା ପରୀକ୍ଷା ହେବ। ସକାଳ ୧୦ଟାରୁ ଦିନ୧ଟା ପର୍ଯ୍ୟନ୍ତ ୩ ଘଣ୍ଟିଆ ଥିଓରୀ ପରୀକ୍ଷା ହେବ। ସେହିପରି ପରୀକ୍ଷା ଶେଷ ହେବା ପରେ ମୂଲ୍ୟାଙ୍କନ ଆରମ୍ଭ ହେବ ଏବଂ ଖୁବ୍ଶୀଘ୍ର ପରୀକ୍ଷା ଫଳ ପ୍ରକାଶ କରିବାକୁ +୨ ପରିଷଦ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ସେହିପରି କପି ରୋକିବାକୁ ଚଳିତ ବର୍ଷ ପ୍ରଥମ ଥର ପାଇଁ ଜିଲ୍ଲା ସ୍ତରରେ ହେବ ସେଣ୍ଟ୍ରାଲ ସ୍କ୍ୱାର୍ଡ।୨୦୨୫ ଯୁକ୍ତ ଦୁଇ ପରୀକ୍ଷା ଦେବା ପାଇଁ ଉଭୟ ରେଗୁଲାର ଏବଂ ଏକ୍ସରେଗୁଲାର ପରୀକ୍ଷାର୍ଥୀଙ୍କ ସଂଖ୍ୟା ୩ଲକ୍ଷ ୯୩ହଜାର ଜଣ। ସେଥିରୁ କଳାରେ ୨ଲକ୍ଷ ୪୬ହଜାର ଜଣ ରହିଛନ୍ତି।

ଅପରପକ୍ଷେ ଯେଉଁ ଛାତ୍ରଛାତ୍ରୀ କୌଣସି କାରଣରୁ ଯଦି ଫର୍ମପୂରଣ କରିପାରିନଥିବେ ସେମାନଙ୍କ ଲାଗି ପୂର୍ବରୁ ଫର୍ମ ପୂରଣ ସୁବିଧା ୨ଥର ମିଳିଥିବା ବେଳେ ପୁଣି ତୃତୀୟ ଥର ସୁବିଧା +୨ ପରିଷଦ ପକ୍ଷରୁ ଦିଆଯାଇଛି। ତେବେ ଏହା ପରେ ଆଉ ସୁବିଧା ଦିଆଯିବ ନାହିଁ। କାରଣ ଆଡମିଟ୍ କାର୍ଡ ପ୍ରିଂଟିଂ ଆଦି ବିଭିନ୍ନ କାର୍ଯ୍ୟ ଥିବାରୁ ଅଧିକ ଫର୍ମ ପୂରଣ ସୁଯୋଗ ଦିଆଗଲେ ସେ ସବୁରେ ବିଳମ୍ବ ହେବ। ତେଣୁ ଯେଉଁ ଛାତ୍ରଛାତ୍ରୀ ଫର୍ମ ପୂରଣ କରିପାରି ନାହାଁନ୍ତି ସେମାନେ ଚାହିଁଲେ ଆସନ୍ତାକାଲି ଅର୍ଥାତ ଡିସେମ୍ବର ୩୦ତାରିଖ ସକାଳ ୯ଟାରୁ ସନ୍ଧ୍ୟା ୫ଟା ମଧ୍ୟରେ ନିଜ କଲେଜରେ ଫର୍ମ ପୂରଣ କରି ପାରିବେ।

## 'ଜାଗୃତି' ଆମ ସମସ୍ତଙ୍କ ଜୀବନରେ ଓ ବୃତ୍ତିରେ ଏକ ନୂତନ ଦୃଷ୍ଟିକୋଣ ଦେବ : ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୯।୧୧/ଏନ୍ଏନ୍ଏସ୍:** ଜାତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସମ୍ମିଳନୀ-୨୦୨୪ରେ ଆଜି ଯୋଗଦେଇ ଉପସ୍ଥିତ ଚାଟାର୍ଡ ଆକାଉଣ୍ଟାଣ୍ଟମାନଙ୍କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସମ୍ବୋଧିତ କରିଥିଲେ। ଜାତୀୟ ଚାଟାର୍ଡ ଆକାଉଣ୍ଟାଣ୍ଟ ସମ୍ମିଳନୀ-୨୦୨୪ ଥିମ୍ 'ଜାଗୃତି' ଆମ ସମସ୍ତଙ୍କ ଜୀବନରେ ଓ ବୃତ୍ତିରେ ଏକ ନୂତନ ଦୃଷ୍ଟିକୋଣ ଦେବାରେ ସକ୍ଷମ ହେବ। ଏହା କେବଳ ଏକ ବାକ୍ୟ ନୁହେଁ, ଏହା ଆମ ଦାୟିତ୍ୱ, ସଫଳତା ଓ ଆଗାମୀ ଭବିଷ୍ୟତ ପାଇଁ ନୂତନ ଆହ୍ୱାନ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି। ତୃଣମୂଳସ୍ତରର ବିକାଶ ଦିଗରେ ଆମ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟ ସାଙ୍ଗକୁ ୨୦୪୭ ସୁଦ୍ଧା ପୂର୍ଣ୍ଣ ବିକଶିତ ଭାରତ ନିର୍ମାଣର ଲକ୍ଷ୍ୟ ହାସଲ ନିମନ୍ତେ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ପ୍ରାଥମିକତା ତାଲିକାରେ ସବୁଠୁ ଆଗରେ ଅଛନ୍ତି ମହିଳା, ଯୁବପିଢ଼ି, ଅନ୍ନଦାତା ଓ ଗରିବ । ଏହି ପରିପ୍ରେକ୍ଷୀରେ ଚାଟାର୍ଡ ଆକାଉଣ୍ଟାଣ୍ଟମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି। କାର୍ଯ୍ୟକ୍ରମରେ କନଫରେନ୍ସ ଡିରେକ୍ଟର ଏବଂ ସେଣ୍ଟ୍ରାଲ କାଉନ୍ସିଲ ମେମ୍ବର, ଆଇସିଏଆଇ, ସିଏ ସୁଶୀଲ କୁମାର ଗୋଏଲ, ଭାଇସ ଚେୟାରମ୍ୟାନ, ସିଏ ଡ. ଗୌତମ ଲେଙ୍କା, ଇଷ୍ଟର୍ଣ୍ଣ ଇଣ୍ଡିଆ ରିଜିଓନାଲ କାଉନ୍ସିଲର ଭୁବନେଶ୍ୱର ଶାଖାର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ଆଗକୁ ମାଟ୍ରିକ୍ ପରୀକ୍ଷା

# ବିଦ୍ୟୁତ୍ ବ୍ୟବସ୍ଥା ନଥିଲେ ସୋଲାର ହେବ ବିକଳ୍ପ

### ଜାନୁଆରୀ ଶେଷସୁଦ୍ଧା ଅନୁଧ୍ୟାନ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୯।୧୧ /ଏନ୍ଏନ୍ଏସ୍:** ଆଗକୁ ୨୦୨୫ ମାଟ୍ରିକ ପରୀକ୍ଷା। ଏନେଇ ରାଜ୍ୟର ସବୁ ପରୀକ୍ଷାକେନ୍ଦ୍ର ଅନୁଧ୍ୟାନ କରି ଜାନୁଆରୀ ଶେଷ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ରାଜ୍ୟର ଯେଉଁ ସବୁ ସ୍କୁଲ ଉପାନ୍ତ ଅଞ୍ଚଳ ମଧ୍ୟରେ ରହିଛି ଏବଂ ଯଦି ସମ୍ପୃକ୍ତ ଅଞ୍ଚଳକୁ କୌଣସି ବିଦ୍ୟୁତ ସଂଯୋଗ ପହଞ୍ଚିନଥିବ କିମ୍ବା ବିଦ୍ୟୁତ ସମସ୍ୟା ରହିଥିବ ସେହି ସବୁ ଅଞ୍ଚଳରେ ଥିବା ସ୍କୁଲରେ ସୋଲାର ବ୍ୟବସ୍ଥାକୁ ବିକଳ୍ପ ଭାବେ ବ୍ୟବହାର କରାଯିବ ବୋଲି ଜଣାପଡ଼ିଛି। ସେହିପରି ଯେଉଁ ପରୀକ୍ଷାକେନ୍ଦ୍ରରେ ସୁରକ୍ଷା, ପ୍ରଶ୍ନପତ୍ର ଏବଂ ଉତ୍ତରଖାତା ରହିବା ଭଳି ଆଇରନ୍ ଚେଷ୍ଟ ନଥିବ, ପାଚେରୀ, ସିସି କ୍ୟାମେରା ବ୍ୟବସ୍ଥା ନଥିବ ସେହି ସ୍କୁଲରେ ପରୀକ୍ଷାକେନ୍ଦ୍ର କରାଯିବ ନାହିଁ। ଜିଲ୍ଲାଓ୍ୱାରୀ ଯାଞ୍ଚ ପ୍ରକ୍ରିୟା ଟେଷ୍ଟ୍ ପରୀକ୍ଷା ଶେଷ ହେବା ପରେ ଆରମ୍ଭ ହେବ।

ଆସନ୍ତା ମାଟ୍ରିକ ପରୀକ୍ଷାରେ ପୁଣି ଅଭିନବ ବ୍ୟବସ୍ଥା ଲାଗୁ କରିବାର ନିଷ୍ପତ୍ତି ଯୋଗୁଁ ଗଣଶିକ୍ଷା ବିଭାଗ ଚର୍ଚ୍ଚାକୁ ପୁଣି ଆସିଛି। ବିଭାଗର ଏପରି ନିଷ୍ପତ୍ତିକୁ ମଧ୍ୟ ସବୁ ସ୍ତରରେ ସ୍ୱାଗତ କରାଯାଇଛି। ପରୀକ୍ଷାରେ ସର୍ବାଧିକ ସ୍ୱଚ୍ଛତା ଆଣିବା ସହ ପ୍ରଶ୍ନପତ୍ର ଏବଂ ଉତ୍ତରଖାତାର ସୁରକ୍ଷା, କପି ରୋକିବା ଲାଗି ସିସି କ୍ୟାମେରା ଏବଂ ପାଚେରୀ ବାଧ୍ୟତାମୂଳକ ନିଷ୍ପତ୍ତି ହୋଇଛି। ମାଟ୍ରିକ ପରୀକ୍ଷା ଲାଗି ଯେଉଁ ସବୁ ସ୍କୁଲକୁ ପରୀକ୍ଷାକେନ୍ଦ୍ର ଭାବେ ମନୋନୀତ କରାଯିବ ସେଥିପାଇଁ ୬ଟି ମାନଦଣ୍ଡକୁ ଅଗ୍ରାଧିକାର ଦିଆଯାଇଛି। ଯେଉଁଥିରେ ସ୍କୁଲ ପାଚେରୀ, ସ୍କୁଲର ଭିତ୍ତିଭୂମି, ମୁଖ୍ୟ ଫାଟକ ଏବଂ ସ୍କୁଲ ଫାଟକରେ ଗେଟ୍ ବ୍ୟବସ୍ଥା ରହିଥିବ, କରିଡୋର ଏବଂ ଶ୍ରେଣୀରେ ସିସି କ୍ୟାମେରା, ବିଦ୍ୟୁତ ସଂଯୋଗ, ଲାଇଟ୍, ଫ୍ୟାନ୍, ପିଇବା ପାଣିର ବ୍ୟବସ୍ଥା ଥିବା ବାଧ୍ୟତାମୂଳକ କରାଯାଇଛି। ବିଶେଷକରି ଚଳିତବର୍ଷ ପରୀକ୍ଷାର୍ଥୀଙ୍କ ଲାଗି ମୌଳିକ ସୁବିଧା ଏବଂ ବିଦ୍ୟୁତ ବ୍ୟବସ୍ଥାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଗତ କିଛି ବର୍ଷ ହେବ ବିଦ୍ୟୁତ ସଂଯୋଗ ନଥିବା ଏବଂ ବାରମ୍ବାର ବିଦ୍ୟୁତକାଟ ଲାଗି ପରୀକ୍ଷାରେ ବ୍ୟାଘାତ ଘଟୁଥିବା ବେଳେ ଖାତାଦେଖା ସମୟରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଥିଲା। ଯେଉଁ ସବୁ ସ୍କୁଲରେ ବିଦ୍ୟୁତ ସମସ୍ୟା ରହିଛି ସଂପୃକ୍ତ ସ୍କୁଲରେ ବିକଳ୍ପ ବ୍ୟବସ୍ଥା ଭାବେ ସୋଲାର ବ୍ୟବସ୍ଥା କରାଯିବ। ସେଥିପାଇଁ ବିଭାଗ ପକ୍ଷରୁ ସମଗ୍ର ଶିକ୍ଷା ଯୋଜନାରେ ମିଳିଥିବା ଅନୁଦାନର ଟଙ୍କା ବ୍ୟୟ କରାଯିବ।

ସ୍କୁଲ ଓ ଗଣଶିକ୍ଷା ବିଭାଗର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ରାଜ୍ୟରେ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ସ୍ୱଚ୍ଛତା ଆଣିବା ସହ ଖାତାଦେଖା ଏବଂ ସ୍କୁଲରେ ଜିରୋ ରେଜଲ୍ଟ ଯେପରି ସମ୍ପୂର୍ଣ୍ଣ ଶୂନ ହେବ ସେହି ଟାର୍ଗେଟରେ ବିଭାଗ କାର୍ଯ୍ୟ ଚଳାଇଛି। ବିଶେଷକରି ସିସି କ୍ୟାମେରାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବାରୁ ଯେଉଁସବୁ ସ୍କୁଲରେ ବିଦ୍ୟୁତ ସଂଯୋଗ ପହଞ୍ଚିପାରିନି ସେହି ସବୁ ସ୍କୁଲରେ ସୋଲାର ବ୍ୟବସ୍ଥା ଲଗାଯିବ।

### ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସର ରୌପ୍ୟଜୟନ୍ତୀ ଉଦ୍‌ଘାଟିତ

## 'ସମାଜର ବିକାଶ ନିମନ୍ତେ ବିଜ୍ଞାନର ବ୍ୟବହାର ଆବଶ୍ୟକ'

**ଭୁବନେଶ୍ୱର, ୨୯।୧୧/ଏନ୍ଏନ୍ଏସ୍:** ଓଡ଼ିଶା ପରିବେଶ ସମିତି ଏବଂ ଖଣିଜ ଓ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଏମ୍ଏମ୍‌ଟି), ଭୁବନେଶ୍ୱରର ମିଳିତ ଅନୁକୂଲ୍ୟରେ ଦୁଇ ଦିନ ଧରି ଅନୁଷ୍ଠିତ ହେଉଥିବା ଓଡିଶା ବିଜ୍ଞାନ ଓ ପରିବେଶ




କଂଗ୍ରେସର ରୌପ୍ୟ ଜୟନ୍ତୀ ଅଧିବେଶନ ଆଇଏମ୍ଏମ୍‌ଟି ପ୍ରେକ୍ଷାଳୟରେ ବିଶିଷ୍ଟ ବୈଜ୍ଞାନିକମାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । କଂଗ୍ରେସର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିପିୟୁଟିର ପୂର୍ବତନ କୁଳପତି ତଥା ଏଆଇସିଟିଇର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବରେ ଏବଂ ଓୟୁଏଟି, ଭୁବନେଶ୍ୱରର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ । ଆମେରିକାର ଉଟାହ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ରମେଶ ଗୋଏଲ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିବା ବେଳେ ଆଇଏମ୍ଏମ୍‌ଟିର ମୁଖ୍ୟ ବୈଜ୍ଞାନିକ ଡ଼. ଲକ୍ଷ୍ମୀଧର ବେସ୍ରା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଆଇଏମ୍ଏମ୍‌ଟିର ନିର୍ଦ୍ଦେଶକ ଡ଼. ରାମାନୁଜ ନାରାୟଣ ଗୁଆହାଟୀରୁ ଅନଲାଇନ୍ ମାଧ୍ୟମରେ କଂଗ୍ରେସକୁ ତାଙ୍କର ଶୁଭେଚ୍ଛା ଜ୍ଞାପନ କରିଥିଲେ । ଚଳିତ ଅଧିବେଶନର ମୁଖ୍ୟ ପ୍ରସଙ୍ଗ 'ସାମଗ୍ରିକ ବିକାଶ ନିମନ୍ତେ ବିଜ୍ଞାନର ପ୍ରୟୋଗ'ର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ଅତିଥିମାନେ ମତ ପ୍ରକାଶ କରିଥିଲେ ଯେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ବିଭିନ୍ନ ଦିଗନ୍ତରେ ଘଟିଥିବା ଅବିଶ୍ୱସନୀୟ ଅଗ୍ରଗତି କେବଳ ବହୁବିଧ ମାନବ ସମସ୍ୟାର ସ୍ଥାୟୀ ସମାଧାନ ଆଣିନାହିଁ, ବରଂ ମାନବଜାତିର ଉତ୍ପାଦନ କ୍ଷମତା, ଦକ୍ଷତା, ଦୀର୍ଘାୟୁତା ଏବଂ ଅତ୍ୟାଧୁନିକ ଜୀବନଶୈଳୀକୁ ମଧ୍ୟ ଋଦ୍ଧିମନ୍ତ କରିଛି । ମାତ୍ର ସାମ୍ପ୍ରତିକ ସମୟରେ ବିକାଶ ନିମନ୍ତେ ଗ୍ରହଣ କରାଯାଇଥିବା ଅସନ୍ତୁଳିତ ଏବଂ ଅସହନୀୟ ପଦ୍ଧତି କେବଳ ମାନବଜାତି ପାଇଁ ନୁହେଁ, ସମଗ୍ର ଜୀବଜଗତ ତଥା ଆମ ଗ୍ରହ ପାଇଁ ମଧ୍ୟ ଅନେକ ସମସ୍ୟାର ସୂତ୍ରପାତ କରିଛି । ଆମେ ଅନେକ ସାମାଜିକ, ଅର୍ଥନୈତିକ ଏବଂ ପରିବେଶ ଆହ୍ୱାନର ସମ୍ମୁଖୀନ ହେଉଛୁ, ଯାହା ମାନବଜାତି ତଥା ବିଶ୍ୱର ଜୀବନ୍ତ ପ୍ରଣାଳୀ ପ୍ରତି ବିପଦ ସୃଷ୍ଟି କରୁଛି ଓ ଏଭଳି ପରିସ୍ଥିତିରେ ମାନବସମାଜ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତିକୁ ଏପରି ଗଠନମୂଳକ ଉପାୟରେ ବ୍ୟବହାର କରିବା ଆବଶ୍ୟକ କରେ ଯାହା ସମାଜର ସାମଗ୍ରିକ ବିକାଶ ଆଣିବ ଏବଂ ସମାଜରେ ଅସମାନତା ଓ ଅସଙ୍ଗତିକୁ ଦୂର କରିବା ସହ ଆମ ଗ୍ରହକୁ ସୁରକ୍ଷିତ ରଖିବ। ଏହି ଅବସରରେ ଅତିଥିମାନେ ରାଜ୍ୟର କେତେକ ବିଶିଷ୍ଟ ବୈଜ୍ଞାନିକଙ୍କୁ ବିଜ୍ଞାନ ଶିକ୍ଷା ତଥା ଗବେଷଣା କ୍ଷେତ୍ରକୁ ସେମାନଙ୍କର ଆଜୀବନ ଅବଦାନ ନିମନ୍ତେ 'ବିଜ୍ଞାନରେ ଉତ୍କର୍ଷତା ପୁରସ୍କାର' ପ୍ରଦାନ କରିଥିଲେ। ପୁରସ୍କାରପ୍ରାପ୍ତ ବ୍ୟକ୍ତିଙ୍କ ମଧ୍ୟରେ ଓଡ଼ିଶାର ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଓମ୍‌କାର ନାଥ ମହାନ୍ତି, ସୋଆ ବିଶ୍ୱବିଦ୍ୟାଳୟରେ ନିର୍ଦ୍ଦେଶକ ରୂପେ କାର୍ଯ୍ୟରତ ପ୍ରଫେସର ଲାଲ ବିହାରୀ ଶୁକ୍ଳା (ପ୍ର. ବି.ଏସ୍ ପାତ୍ର ପୁରସ୍କାର) ଏବଂ ପ୍ରଫେସର କୁଳମଣି ପରିଡ଼ା, କିଟ୍ ବିଶ୍ୱବିଦ୍ୟାଳୟର କିମସ୍‌ରେ କାର୍ଯ୍ୟରତ ଉପ-କୁଳପତି ପ୍ରଫେସର ସି.ବି.କେ. ମହାନ୍ତି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଉଦ୍ଭିଦ ବିଜ୍ଞାନ ମୁଖ୍ୟ ତଥା ପରିବେଶ ବିଜ୍ଞାନୀ ପ୍ରଫେସର ରାମଚନ୍ଦ୍ର ମହାନ୍ତି (ଡ଼. ସ୍ମିତା ବେହେରା ସ୍ମାରକୀ ପୁରସ୍କାର) ଅନ୍ତର୍ଭୁକ୍ତ। ସେମାନଙ୍କୁ ମାନପତ୍ର, ସ୍ମାରକ ବସ୍ତୁ ଏବଂ ଉତ୍ତରୀୟ ପ୍ରଦାନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା କଂଗ୍ରେସର ପ୍ରସିଡ଼ିଙ୍ଗ ପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଥିଲା । ଓଇଏସ୍‌ର ସଭାପତି ଡ଼. ସୁନ୍ଦର ନାରାୟଣ ପାତ୍ର, କଂଗ୍ରେସର ଦୁଇ ଆବାହକ ଡ଼. ଜୟକୃଷ୍ଣ ପାଣିଗ୍ରାହୀ ଏବଂ ଡ଼. ନବିନ କୁମାର ଧଳ ଉତ୍ସବରେ ନିଜର ବକ୍ତବ୍ୟ ରଖିଥିଲେ ଓ ଓଇଏସ୍ ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କଂଗ୍ରେସରେ ରାଜ୍ୟ ତଥା ବାହାରର ବିଭିନ୍ନ ଅନୁଷ୍ଠାନରୁ ୫୦୦ରୁ ଅଧିକ ବୈଜ୍ଞାନିକ, ଗବେଷକ ଏବଂ ଶିକ୍ଷାବିତ୍ ଅଂଶଗ୍ରହଣ କରିଛନ୍ତି । ଦୁଇ ଦିନର କାର୍ଯ୍ୟକ୍ରମର ବିଭିନ୍ନ ବୈଷୟିକ ଅଧିବେଶନରେ ପ୍ରତିନିଧିମାନଙ୍କ ଦ୍ୱାରା ଗବେଷଣା ନିବନ୍ଧଗୁଡ଼ିକ ଉଭୟ ମୌଖିକ ଏବଂ ପୋଷ୍ଟର ମାଧ୍ୟମରେ ଉପସ୍ଥାପିତ ହେବ । ଶ୍ରେଷ୍ଠ ଗବେଷକ ଉଦ୍‌ଯାପନୀ ଉତ୍ସବରେ ପୁରସ୍କୃତ ହେବାର କାର୍ଯ୍ୟକ୍ରମ ରହିଛି।

## ୮୦ ଯୁବତୀଙ୍କୁ ସିପେଟ୍ ଏବଂ ଇନଫୋସିସ୍ ପକ୍ଷରୁ ତାଲିମ ପ୍ରଦାନ




**ଭୁବନେଶ୍ୱର, ୨୯।୧୧/ଏନ୍ଏନ୍ଏସ୍:** ଭୁବନେଶ୍ୱରସ୍ଥିତ ସିପେଟ୍ ସିଏସ୍ ଟିଏସ୍‌ର ୮୦ ଜଣ ଛାତ୍ରୀଙ୍କୁ ଦକ୍ଷତା ବିକାଶ ତାଲିମ ପ୍ରଦାନ କରି ସେଥି ମଧ୍ୟରୁ ୭୬ ଛାତ୍ରୀଙ୍କୁ ଭାରତର ଅଗ୍ରଣୀ ଉଦ୍ୟୋଗରେ ବିଭିନ୍ନ କ୍ଷେତ୍ର ନିଯୁକ୍ତି ପ୍ରଦାନ କରାଯାଇଛି। ବେକାରୀ ସମସ୍ୟା ଦେଶ ପ୍ରଗତିରେ ବାଧକ ସାଜିଥିବାବେଳେ, ଇନଫୋସିସ୍ ଭୁବନେଶ୍ୱର, ଏହାକୁ କିଛିମାତ୍ରାରେ ଦୂର କରିବାକୁ ଯାଇ ଓଡିଶା ରାଜ୍ୟର ବେରୋଜଗାର ତଥା ଚାକିରି ଆଶାୟୀ ଯୁବତୀଙ୍କୁ ରୋଜଗାରକ୍ଷମ କରାଇବା ପାଇଁ ଭାରତ ସରକାରଙ୍କ ଅଧୀନରେ ଥିବା ସିପେଟ ଅନୁଷ୍ଠାନ ସହ ଏମ୍‌ଓୟୁ କରିଥିଲା। ନାରୀମାନଙ୍କୁ ସମାଜରେ ଲିଙ୍ଗୀୟ ସମାନତା ଏବଂ ସେମାନଙ୍କୁ ସଶକ୍ତ କରିବା ପାଇଁ ବିଭିନ୍ନ ଯୋଜନାକୁ ତ୍ୱରାନ୍ୱିତ କରାଯାଉଥିବା ବେଳେ ସରକାରଙ୍କ 'ବେଟି ବଚାଓ, ବେଟି ପଢାଓ' ଆହ୍ୱାନକୁ ଅଉ ଏକ ପାଦ ଆଗେଇ ନେଇ କେବଳ ମହିଳାମାନଙ୍କ ପାଇଁ ସିପେଟରେ ସ୍ୱତନ୍ତ୍ରଭାବେ ତିନି ଗୋଟି ବ୍ୟାଚ୍ ରେ ଅଭାବୀ ଏବଂ ବେରୋଜଗାର ଯୁବତୀଙ୍କୁ ଚୟନ କରି ନିଯୁକ୍ତି ଭିତ୍ତିକ ନିଃଶୁଳ୍କ ତାଲିମର ବ୍ୟବସ୍ଥା କରାଯାଇଥିଲା। ଭୁବନେଶ୍ୱରସ୍ଥିତ ଇନଫୋସିସ୍ ଶାଖାର ଆକାଂକ୍ଷା ଦ୍ୱାରା ପ୍ରାୟୋଜିତ ଗତକାଲି ଏହି ଦକ୍ଷତା ବିକାଶ କାର୍ଯକ୍ରମର ଶେଷ ତଥା ତୃତୀୟ ବ୍ୟାଚର ଉଯାପନୀ କାର୍ଯ୍ୟକ୍ରମ ସିପେଟରେ ସଫଳତାର ସହ ଶେଷ ହୋଇଯାଇଛି। ତାଲିମପ୍ରାପ୍ତ ସମସ୍ତ ଛାତ୍ରୀଙ୍କୁ ପୁନେସ୍ଥିତ ମେରିଲି ମଦର୍ ସନ୍ ଅଟୋମୋଟିଭ ଲାଇଟିଂ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ କମ୍ପାନୀରେ ନିଯୁକ୍ତିର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ଉଦ୍‌ଯାପନୀ ସମାରୋହ ଅବସରରେ ଇନଫୋସିସ୍ ତରଫରୁ ମନିଶ ପାଣ୍ଡେ ସିନିୟର୍ ଡେଲିଭରି ମ୍ୟାନେଜର ଉପସ୍ଥିତ ଥିଲେ। ନାରୀମାନଙ୍କୁ ପ୍ରାଧାନ୍ୟ ଦେଇ ଏକ ବିଶେଷ ବ୍ୟାଚ କରି ସେମାନଙ୍କୁ ଆତ୍ମନିର୍ଭର କରେଇ ପାରିଥିବାରୁ ସିପେଟକୁ ଧନ୍ୟବାଦ ଜଣାଇଥିଲେ। ସେହିପରି ସିପେଟ ଶାଖାର ପ୍ରବନ୍ଧକ ଓ ମୁଖ୍ୟ ବି.ପି.ପାତ୍ର ନିଯୁକ୍ତି ପ୍ରାପ୍ତ ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପରିଶେଷରେ ଛାତ୍ରୀମାନଙ୍କୁ ମାନପତ୍ର ସହ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ସିପେଟ ତରଫରୁ ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଦାସ ଏହି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ସବୁବର୍ଗର ଲୋକଙ୍କ ସୁବିଧା ଲାଗି 'ଏ-ଆଇ' ପକ୍ଷରୁ ଫ୍ରାଇଡେ ଇଭେଣ୍ଟ ଆରମ୍ଭ

ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍: ସବୁ ବର୍ଗର ଲୋକମୋନେ ଯେପରି ସୁବିଧା ପାଇପାରିବେ ସେଥିଲାଗି 'ଏ-ଆଇ' ପକ୍ଷରୁ ଫ୍ରାଇଡେ ଇଭେଣ୍ଟ ଆରମ୍ଭ ହୋଇଛି ବୋଲି 'ଏ-ଆଇ'ର କାଟେଗୋରି ଭାଇସ ପ୍ରେସିଡେଣ୍ଟ ସୌରଭ ଶ୍ରୀବାସ୍ତବ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଏହି ସୁବିଧା ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଇଭେଣ୍ଟରେ ବିଭିନ୍ନ ପ୍ରତିଷ୍ଠିତ କମ୍ପାନୀର ସାମଗ୍ରୀ ଆକର୍ଷଣୀୟ ଡିଲ୍ ଉପଲବ୍ଧ ରହିଛି। ଏହାବ୍ୟତୀତ କିଛି ନିର୍ଦ୍ଦିଷ୍ଟ ବ୍ୟାଙ୍କର ଡେବିଟ ଆଣ୍ଡ କ୍ରେଡିଟ କାର୍ଡ ଏବଂ କ୍ରେଡିଟ ଇଏମଆଇ ଜରିଆରେ ଲେଣକଙ୍କୁ ୧୦ ପ୍ରତିଶତ ତୁରନ୍ତ ରିହାତି ମଧ୍ୟ ପାଇପାରିବେ। ସେହିପରି ବିଭିନ୍ନ ମୋବାଇଲ, ଇଲେକ୍ଟ୍ରୋନିକ୍ସ ଓ ଆକ୍ସେସରିଜ୍ ଉପରେ ୪୦-୭୫% ରିହାତି ରହିଛି। ସେହିପରି ଶୀତ ଲାଗି ଲୋକଙ୍କ ଆବଶ୍ୟକ ହେଉଥିବା ବିଭିନ୍ନ ସାମଗ୍ରୀ ମଧ୍ୟ ଶସ୍ତାରେ ଉପଲବ୍ଧ ହେଉଛି। ସବୁ ବର୍ଗର ଲୋକମାନେ ଯେପରି ଏହି ବ୍ୟବସ୍ଥାରେ ଉପକୃତ ହୋଇପାରିବେ ସେଥିଲାଗି ଗୁରୁତ୍ୱ ଦିଆଯାଉଛି ବୋଲି ସେ ସୂଚନା ଦେଇଛନ୍ତି।

### ଓଡ଼ିଶା ମେଡିକାଲ ସେଣ୍ଟର ତରଫରୁ ଔଷଧୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ

# ଜଙ୍ଗଲ ସୁରକ୍ଷା ଓ ବୃକ୍ଷରୋପଣ ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ଆଦିମ କାଳରୁ ମନୁଷ୍ୟ ବୃକ୍ଷଲତାର ବିଭିନ୍ନ ଅଂଶକୁ ଔଷଧ ଭାବରେ ବ୍ୟବହାର କରି ଆସୁଛି। ଖ୍ରୀଷ୍ଟପୂର୍ବ ୪୦୦୦ ଠାରୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ସମୟ ମଧ୍ୟରେ ରଚନା କରାଯାଇଥିବା ଋକ ବେଦରେ ୬୭ ଗୋଟି, ଯଜୁର୍ବେଦରେ ୮୨ ଗୋଟି ଏବଂ ଅଥର୍ବ ବେଦରେ ୨୮୯ ଗୋଟି ଔଷଧୀୟ ବୃକ୍ଷ ତଥା ଏହାର ଉପଯୋଗ ଦ୍ୱାରା ରୋଗ ଚିକିତ୍ସା ବିଷୟରେ ବିଷଦ ଭାବରେ ବର୍ଣ୍ଣନା ଅଛି। ଆମ ଆଖପାଖରେ ଥିବା ଅନେକ ଔଷଧୀୟ ବୃକ୍ଷର ସ୍ୱାସ୍ଥ୍ୟ ରକ୍ଷା ବା କେତେକ ରୋଗ ପ୍ରତିଷେଧକ ନିମିତ୍ତ ଅନେକ ଉପଯୋଗୀତା ଗୁଣ ରହିଛି । ଯେପରିକି ଥଣ୍ଡାର ଆରମ୍ଭ ଅବସ୍ଥାରେ ତୁଳସୀ ପତ୍ରର ରସ ସହ ମହୁ , ବାରମ୍ବାର ଥଣ୍ଡା ହେଉଥିଲେ ତୁଳସୀ ପତ୍ରର ରସ ସହ ଡାଲଚିନି ଓ ପିପ୍ପଳୀ ଉପଯୋଗ କରି ପ୍ରସ୍ତୁତ ଚା, ଭେର୍ସୁଙ୍ଗା ପତ୍ରର ମଧୁମେହ ନାଶକ ଗୁଣ, ବେଲ ପତ୍ର ଓ ନିମ୍ବପତ୍ରର ମଧୁମେହ ପ୍ରତିଷେଧ ଓ ନିୟନ୍ତ୍ରଣରେ ଉପଯୋଗ , ଗଣ୍ଠିର ଫୁଲା, ବଥା, ବିନ୍ଧାରେ ବେଗୁନିଆ, କରଞ୍ଜ, ଅର୍କ ପତ୍ରର ସେକ, ଅଣ୍ଟା ବଥା ଓ ଆମବାତରେ ପସାରୁଣୀ ପତ୍ରର ରସ, ଏହିପରି ଅନେକ କିଛି ବ୍ୟବହାର କରାଯାଉଛି। କରୋନା ମହାମାରୀ ସମୟରେ ଗିଲୋୟ ବା ଗୁଡୁଚିର ପାଚନ ତଥା ଶୁଣ୍ଠୀ , ପିପ୍ପଳୀ, ଡାଲଚିନି , ଗୋଲମରିଚ ସହ ତୁଳସୀ ପତ୍ର ପ୍ରସ୍ତୁତ କାଢା ପ୍ରତିଷେଧରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା। ବୃକ୍ଷ ଲତାରୁ ପ୍ରସ୍ତୁତ ଔଷଧ ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ତଥା ଅନେକ ସମୟରେ କୁପ୍ରଭାବ ଯୁକ୍ତ ରାସାୟନିକ ଔଷଧ ସେବନରୁ ସୁରକ୍ଷା କରିଥାଏ। ମାତ୍ର ଦୁଃଖ ଓ ପରିତାପର ବିଷୟ ଏହିକିଯେ ବର୍ତ୍ତମାନ ସମଗ୍ର



ଭାରତବର୍ଷରେ ତଥା ଓଡିଶା ରାଜ୍ୟରେ ମଧ୍ୟ ଔଷଧୀୟ ବୃକ୍ଷ ଗୁଡିକ ଦ୍ରୁତ ଗତିରେ କମିବାରେ ବା ଲୋପ ପାଇବାରେ ଲାଗିଛି। ଫଳରେ ଜନସାଧାରଣ ସେଗୁଡିକର ସହଜ ଚିହ୍ନଟ ତଥା ସାଧାରଣ ଉପଯୋଗ ବିଷୟରେ ଭୁଲିଯିବା ସହିତ ଔଷଧ ନିର୍ମାତାମାନେ ଏହାର ନିମ୍ନ ମାନର ବିକଳ୍ପ ଦ୍ରବ୍ୟ ଉପଯୋଗ କରୁଛନ୍ତି କିମ୍ବା ଜମା ମିଶାଉ ନାହାନ୍ତି। ଫଳସ୍ୱରୂପ ଔଷଧରୁ ନିର୍ଦ୍ଦିଷ୍ଟ ସୁଫଳ ମିଳିପାରୁନାହିଁ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ମନ୍ତ୍ରୀ କହିଥିଲେ ଯେ ପୂର୍ବକାଳରେ ଜନସଂଖ୍ୟା କମ୍ ଥିଲା ଏବଂ ବୃକ୍ଷ ସମ୍ପଦ ଅଧିକ ଥିଲା। ତଥାପି ଅଶୋକଙ୍କ ଶିଳାଲେଖରୁ ଜଣାଯାଏ ଯେ ସେ ସେହିସମୟରେ ପଥ ପ୍ରାନ୍ତରେ ବ୍ୟାପକ ଫଳ ଓ ଔଷଧୀୟ ବୃକ୍ଷର ରୋପଣ କରାଇଥିଲେ । ବର୍ତ୍ତମାନର ଜନସଂଖ୍ୟାରେ ଅହେତୁକ ବୃଦ୍ଧି , ସହରୀକରଣ ତଥା ବ୍ୟାପକ ଶିଳ୍ପାୟନ ହେତୁ ପର୍ଯ୍ୟାବରଣ ଅସନ୍ତୁଳନ, ଜଳବାୟୁ ପରିବର୍ତ୍ତନ ହେତୁ ନୂଆ ନୂଆ ରୋଗର ପ୍ରାଦୁର୍ଭାବ ପରି ଅନେକ ବିପର୍ଯ୍ୟୟର ସାମନା କରିବାକୁ ପଡୁଛି। ତେଣୁ ଜଙ୍ଗଲ ସୁରକ୍ଷା ସହିତ ବ୍ୟାପକ ବୃକ୍ଷ ରୋପଣର ଆବଶ୍ୟକତା ରହିଛି। ଅଶୋକ, ଗମ୍ଭାରୀ, ପାଟଳ, ଅର୍ଜୁନ , ନିମ୍ବ , ବଉଳ , ହରିଡା, ଅଁଳା, ବାହାଡା, ଫଣଫଣା ପରି ବୃକ୍ଷ ସହ ଅଶ୍ୱଗନ୍ଧା , ପିପ୍ପଳୀ, ଶତାବରୀ, ବ୍ରାହ୍ମୀ, ଭୃଙ୍ଗରାଜ, ଗୁଡୁଚି ପରି ଗୁଳ୍ମ ଓ ଲତା ଗୁଡିକୁ ଘରୋଇ ପରିବେଶ ଯଥା ଗାଁ ତୋଟା, ରାସ୍ତାକଡ , ନିବାସ ସ୍ଥଳୀର ବାଡ଼ି ବଗିଚା, ଶିକ୍ଷାନୁଷ୍ଠାନ ତଥା ସରକାରୀ କାର୍ଯ୍ୟାଳୟ ମାନଙ୍କରେ ଖାଲିଥିବା ସ୍ଥାନରେ ବ୍ୟାପକ ରୋପଣ ସଙ୍ଗେ ସଙ୍ଗେ ଜନ ସଚେତନତା ସୃଷ୍ଟିକରି ଏ ଦିଗରେ ଉଚିତ ପଦକ୍ଷେପ ନେବା ଏକାନ୍ତ ଆବଶ୍ୟକ । ଏହା ସହିତ ସମଗ୍ର ପୃଥିବୀରେ ଜୀବନଶୈଳୀ ଜନିତ ରୋଗ ଯେପରିକି ମେଦରୋଗ, ମଧୁମେହ ଆଦି ଅଧିକ ବୃଦ୍ଧି ପାଇଛି । ଏଥିପାଇଁ ମାଣ୍ଡିଆ ସମେତ ଅନ୍ୟ ମୋଟା ଶସ୍ୟରୁ ଆୟୁର୍ବେଦ ପଦ୍ଧତିରେ ଖାଦ୍ୟ ପ୍ରସ୍ତୁତ କରି ସେବନ କରିବା ନିମିତ୍ତ ଜନ ସଚେତନତାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଡା. ମହାପାତ୍ର କହିଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଅଞ୍ଚଳରେ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ କରୁଥିବା ଓଡ଼ିଶା ମେଡିକା ସେଣ୍ଟର ନାମକ ଏକ ସଂସ୍ଥା ଏହି ଔଷଧୀୟ ବୃକ୍ଷ ରୋପଣ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ମୟୁରଭଞ୍ଜ ଅଞ୍ଚଳ ସହ ରାଜ୍ୟର ରାଜଧାନୀ ଭୁବନେଶ୍ୱରରେ ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ ପାଇଁ ଆଗେଇ ଆସିଛି। ପ୍ରଥମେ ଏହି ଔଷଧୀୟ ବୃକ୍ଷ ରୋପଣ ନିମନ୍ତେ ସେମାନେ ମୋର ସରକାରୀ ବାସଭବନ ସ୍ଥିତ ବଗିଚାକୁ ଚୟନ କରିଥିବାରୁ ସେ ଅତ୍ୟନ୍ତ ଖୁସି ବୋଲି ପ୍ରକାଶ କରିଛନ୍ତି। କ୍ରମଶଃ ଏହା ଅନ୍ୟ ସରକାରୀ ଅଧିକାରୀଙ୍କ ବାସଭବନ ପ୍ରାଙ୍ଗଣ, ପାର୍କ, ସ୍ୱତନ୍ତ୍ର ବଗିଚା , ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ରାସ୍ତା କଡରେ ଏହି ଔଷଧୀୟ ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଯିବାର ପ୍ରସ୍ତାବ ରଖିଛନ୍ତି। ସେଥିପାଇଁ ସଂସ୍ଥାର ପ୍ରୟାସକୁ ଆନ୍ତରିକ ଧନ୍ୟବାଦ ଜଣାଇବା ସଙ୍ଗେ ସଙ୍ଗେ ଆଜିର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ସେ ଶୁଭେଚ୍ଛା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଟ୍ରଷ୍ଟି ସଦସ୍ୟା ସୋନାଲି ସ୍ୱାଇଁ ଓ ଆୟୁର୍ବେଦ ଉପଦେଷ୍ଟା ତଥା ଭାରତ ସରକାରଙ୍କ କେନ୍ଦ୍ରୀୟ ଆୟୁର୍ବେଦ ବିଜ୍ଞାନ ଗବେଷଣା ପରିଷଦର ପୂର୍ବତନ ଭାରପ୍ରାପ୍ତ ନିର୍ଦ୍ଦେଶକ ଡ଼ଃ ମଦନ ମୋହନ ପାଢ଼ୀ ଉପସ୍ଥିତ ଥିଲେ।

## ଇନ୍ଦ୍ରାବତୀରୁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ମହାସିର୍ ପ୍ରଜାତି ମାଛ ଉଦ୍ଧାର

**ଭୁବନେଶ୍ୱର,୨୯।୧୧/ଏନ୍ଏନ୍ଏସ୍:** ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗର ଡିନ୍ ପ୍ରଫେସର ଶରତ କୁମାର ପଲିତାଙ୍କ ନେତୃତ୍ୱରେ କାର୍ଯ୍ୟରତ ଗବେଷକମାନେ ପ୍ରଥମଥର ପାଇଁ ଦକ୍ଷିଣ ଓଡ଼ିଶାର ଇନ୍ଦ୍ରାବତୀ ନଦୀରୁ ଦୁଇଟି ମହାସିର୍ ପ୍ରଜାତିର ମାଛ ସନ୍ଧାନ କରିବାରେ ସକ୍ଷମ ହୋଇଛନ୍ତି। ଏହି ଦୁଇଟି ନୂତନ ମହାସିର୍ ମାଛ ପ୍ରଜାତି ସାୟପ୍ରିନୟଡ ପରିବାର ଅନ୍ତର୍ଭୁକ୍ତ ତଥା ଏମାନେ ବଡ଼ ଶରୀର ବିଶିଷ୍ଟ ଓ ଏମାନଙ୍କର ଦେହର କାତି ଗୁଡ଼ିକ ବଡ଼। ସାଧାରଣତଃ ଏହି ମାଛମାନଙ୍କୁ 'ଭାରତୀୟ ନଦୀର ରାଜା' କୁହାଯାଏ ଏବଂ ଏମାନଙ୍କୁ ପୃଥିବୀର ୨୦ଟି ବୃହତ ମାଛ ପରିବାରରେ ଅନ୍ତର୍ଭୁକ୍ତ କରାଯାଇଛି। ଏମାନେ ସାଧାରଣ ଦ୍ରୁତବେଗରେ ପ୍ରବାହିତ, ଶୀତଳ, ସ୍ୱଚ୍ଛ, ପାହାଡ଼ିଆ ନଦୀର ପଥୁରିଆ ଓ କଙ୍କରଯୁକ୍ତ ଚଟାଣରେ ବାସ କରିଥାନ୍ତି। ଏହି ମହାସିର୍ ମାଛମାନଙ୍କୁ ମଧ୍ୟ ଏକ 'ପବିତ୍ର ମାଛ ଭାବେ ଭାରତର ଅନେକ ହିନ୍ଦୁ ମନ୍ଦିରରେ ପୂଜା କରାଯାଇଥାଏ। ଅତୀତରେ ଓଡ଼ିଶାର ମହାନଦୀ, ବ୍ରାହ୍ମଣୀ ଏବଂ ଶିମିଳିପାଳ ଅଞ୍ଚଳରୁ ମହାସିର୍ ମାଛ ପ୍ରଜାତି ଆବିଷ୍କୃତ ହୋଇଛି। ତେବେ ଦକ୍ଷିଣ ଓଡିଶାର କୌଣସି ନଦୀରୁ ଏହା ଆବିଷ୍କୃତ ହେବା ଏହା ପ୍ରଥମ। ଦକ୍ଷିଣ ଓଡ଼ିଶାର ପ୍ରମୁଖ ନଦୀ ଯଥା କୋଲାବ, ଇନ୍ଦ୍ରାବତୀ ଏବଂ ମାଛକୁଣ୍ଡ ଆଦି ଗୋଦାବରୀ ନଦୀ ଶୃଙ୍ଖଳାର ଏକ ଅଂଶ, ଏବଂ ଏହାର ପ୍ରମୁଖ ଉପନଦୀ ହୋଇଥିବାବେଳେ, ନାଗାବଳି ଏବଂ ବଂଶଧାରା ଓଡିଶାରୁ ବାହାରି ଆନ୍ଧ୍ରପ୍ରଦେଶରେ ବଙ୍ଗୋପସାଗରରେ ପଡ଼ିଛନ୍ତି।



ପ୍ରଫେସର ପଲିତା ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଯୋଗଦେବା ପରେ ପ୍ରାୟ ୬ ବର୍ଷ ପୂର୍ବେ ମହାସିର୍ ମାଛମାନଙ୍କ ଉପରେ ଗବେଷଣା ଆରମ୍ଭ କରିଥିଲେ। ଗୋଲଡେନ୍ ମହାସିର୍ ଟର ପୁଟିଟୋରା ହିମାଳୟର ପାଦଦେଶରେ ଥିବା ବ୍ରହ୍ମପୁତ୍ର ଏବଂ ଗଙ୍ଗା ନଦୀ ଏବଂ ଉତ୍ତର ଭାରତର ମେଘାଳୟ ଏବଂ ମଣିପୁର ପର୍ଯ୍ୟନ୍ତ ବିସ୍ତୃତି ଲାଭ କରିଥିବାବେଳେ, ମଧ୍ୟ-ଭାରତର ନର୍ମଦା ନଦୀ ଏହାର ଦକ୍ଷିଣ ସୀମା ବୋଲି ବିବେଚନା କରାଯାଉଥିଲା। ମହାନଦୀରୁ ଟର ପୁଟିଟୋରା ଥିବା କଥା ଏବେ ଭୁଲ ପ୍ରମାଣିତ ହୋଇଛି, କାରଣ ମହାନଦୀ ମହାସିରକୁ ଏକ ନୂତନ ପ୍ରଜାତି ଟର ମହାନଦୀକସ ଭାବେ ବୈଜ୍ଞାନିକ ସ୍ୱୀକୃତି ମିଳିଛି।

# ‘ମୋନା’ ପକ୍ଷରୁ ମଦ ମୁକ୍ତି ପାଇଁ ଦସ୍ତଖତ ଅଭିଯାନ



**କଣ୍ଟାପଡ଼ା,୨୯।୧୧/ଏନ୍ଏନ୍ଏସ୍ :** ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) କଣ୍ଟାପଡ଼ା ବ୍ଲକ ଆନୁକୂଲ୍ୟରେ ଓଡ଼ିଶାକୁ ମଦ ମୁକ୍ତ କରିବା ପାଇଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବା ପାଇଁ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି । ଏହା ଓଡ଼ିଶାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଗତ ୨୩ ତାରିଖଠାରୁ ଆରମ୍ଭ ହୋଇ ଗାନ୍ଧିଜୀଙ୍କ ତିରୋଧାନ ଦିବସ ଆସନ୍ତା ୩୦.୧. ୨୦୨୫ ପର୍ଯ୍ୟନ୍ତ ଚାଲିବ। ସେହିଦିନ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସଂଗୃହୀତ ଦାବିପତ୍ର ଭୁବନେଶ୍ୱର ଲୋୟର୍ ପିଏମ୍‌ଜିଠାରେ ଏକ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ‘ମୋନା’ କେନ୍ଦ୍ରୀୟ କମିଟି ଦ୍ୱାରା ସ୍ଥିର ହୋଇଛି। ଆଜି ବ୍ରାହ୍ମଣସାଇଲୋ ପଞ୍ଚାୟତ ଧାନମଣ୍ଡଳସ୍ଥିତ ଶ୍ରୀସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତରଫରୁ ଉକ୍ତ ଅଭିଯାନ ଆରମ୍ଭ ହୋଇଥିଲା। ଏଥିରେ ବିଦ୍ୟାଳୟର ଗୁରୁମା ନିରୁପମା ପାତ୍ର, ପ୍ରିୟଙ୍କା ଦାସ, କଳ୍ପନା ଆଚାର୍ଯ୍ୟ, ସୁମିତ୍ରା ବେହେରା, ସୁଜାତା ରାଉତରାୟ, ସ୍ୱାଗତିକା ରାଉତ, ପ୍ରଶାନ୍ତୀ ଭୋଳ ଓ ସଞ୍ଜୟ ପରିଡ଼ା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ‘ମୋନା’ର କେନ୍ଦ୍ରୀୟ କମିଟି ସଦସ୍ୟ ତଥା କଟକ ଜିଲ୍ଲା ଆବାହକ ପ୍ରିୟନାଥ ଆଚାର୍ଯ୍ୟଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ସଦର ସବ୍‌ଡିଭିଜନ୍‌ରେ ଜାନୁୟାରୀ ୬ରୁ ଧାନ କ୍ରୟ ଆରମ୍ଭ

# ସମବାୟ ସମିତି ପରିଦର୍ଶନକଲେ ଜିଲ୍ଲାପାଳ



**କଣ୍ଟାପଡା,୨୯।୧୧/ଏନଏନ ଏସ:** କଟକ ଜିଲ୍ଲାରେ ଆସନ୍ତା ଡିସେମ୍ବର ୨୬ ତାରିଖ ଠାରୁ ଏବଂ ସଦର ସବ୍‌ଡିଭିଜନ୍ ଅଞ୍ଚଳରେ ଜାନୁୟାରୀ ୬ତାରିଖରୁ ସରକାରୀ ମଣ୍ଡି ମାଧ୍ୟମରେ ଚାଷୀଙ୍କଠୁ ଧାନ କ୍ରୟ ନିମନ୍ତେ ଦିନ ଧାର୍ଯ୍ୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ କଟକ ସଦର ସବ୍‌ଡିଭିଜନ୍ ଅନ୍ତର୍ଗତ ବିଭିନ୍ନ ସେବା ସମବାୟ ସମିତି ପରିଦର୍ଶନ କରିଛନ୍ତି। ଏହି ସବ୍‌ଡିଭିଜନ୍ ଅନ୍ତର୍ଗତ ବାରଙ୍ଗ ଓ କଣ୍ଟାପଡା ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ସମବାୟ ସମିତି ମଧ୍ୟରୁ ବ୍ରାହ୍ମଣଝରିଲୋସ୍ଥିତ ଶ୍ରୀ ଜଗନ୍ନାଥ ସେବା ସମବାୟ ସମିତି ଓ କଣ୍ଟାପଡା ବ୍ଲକର କଣ୍ଟାପଡା, ବ୍ରାହ୍ମଣସାଇଲୋ ଓ ବ୍ରାହ୍ମଣବାଟୀ ଧାନମଣ୍ଡି ପରିଦର୍ଶନ କରି ଧାନକ୍ରୟ ନିମନ୍ତେ ହୋଇଥିବା ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଏହି ଅବସରରେ ବ୍ରାହ୍ମଣଝରିଲୋ ଶ୍ରୀ ଜଗନ୍ନାଥ ସେବା ସମବାୟ ସମିତିରେ ସଭାପତି ଗୋଲଖ ଚନ୍ଦ୍ର ପାତ୍ର ଓ ସମ୍ପାଦକ ପ୍ରଣୟ କୁମାର ଦାଶ ଜିଲ୍ଲାପାଳଙ୍କୁ ସମବାୟ ସମିତିରେ ଧାନକ୍ରୟ ନିମନ୍ତେ କିପରି ବ୍ୟବସ୍ଥା କରାଯାଇଛି ତାହା ବୁଝାଇଥିଲେ। ସେହିପରି କଣ୍ଟାପଡା ସେବା ସମବାୟ ସମିତିରେ ସଭାପତି ଦ୍ୱାରିକା ନାଥ ଦାଶ, ବ୍ରାହ୍ମଣସାଇଲୋ ସେବା ସମବାୟ ସମିତିରେ ସଭାପତି ସୁରେନ୍ଦ୍ର ପାତ୍ରଙ୍କ ସହ ଉଭୟ ସମିତିର ସମ୍ପାଦକ ଗଙ୍ଗାଧର ସାହୁ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ଧାନକ୍ରୟ ନିମନ୍ତେ କିକି ପଦକ୍ଷେପ ଗ୍ରହଣ କରାଯାଇଛି ସେ ସମ୍ପର୍କରେ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ କଟକ ଜିଲ୍ଲାରେ ଆସନ୍ତା ଡିସେମ୍ବର ୨୬ତାରିଖରୁ ଧାନକ୍ରୟ ନିମନ୍ତେ ଦିନ ଧାର୍ଯ୍ୟ କରାଯାଇଥିବା ବେଳେ ସଦର ସବ୍‌ଡିଭିଜନ୍ ଅଞ୍ଚଳରେ ଜାନୁୟାରୀ ୬ତାରିଖରୁ ଧାନକ୍ରୟ ନିମନ୍ତେ ପ୍ରଶାସନ ଦିନ ଧାର୍ଯ୍ୟ କରିଛି। ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଡିଆର୍ ସୁପ୍ରୀୟା ସ୍ୱାଇଁ,ଏସ୍‌ଆର୍‌ସିଏସ୍ ପବିତ୍ର ମୋହନ ସ୍ୱାଇଁ, ସିଏସ୍‌ଓ ବିଭୁ ପ୍ରସନ୍ନ ଆଚାର୍ଯ୍ୟ, କଣ୍ଟାପଡା ବିଡିଓ ସ୍ୱପ୍ନିତା ନାୟକ, କଣ୍ଟାପଡା ଯୋଗାଣ ନିରୀକ୍ଷକ ମୋତିରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍‌ଆଇଇଟି ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଖାଦ୍ୟ ପ୍ରଦର୍ଶନୀ



**ନରଦା,୨୯।୧୧/ଏନ୍ଏନ୍ଏସ୍:** ବସନ୍ତମାଳସ୍ଥିତ ଆର୍‌ଆଇଇଟି ଇଣ୍ଟର୍‌ନାସନାଲ୍ ସ୍କୁଲ ପରିସରରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମିଳିତ ଉଦ୍ୟମରେ ଏକ ଖାଦ୍ୟ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି।ଏଥିରେ ପ୍ରାୟ ୫୦ ଗୋଟି ଷ୍ଟଲ୍ ଖୋଲାଯାଇଥିଲା। ଛାତ୍ରଛାତ୍ରୀମାନେ ସୁଷମ ଖାଦ୍ୟ ପ୍ରତି ଆକୃଷ୍ଟ ହେବା ସହିତ ସ୍ୱଚ୍ଛତା ଓ ଖାଦ୍ୟର ଗୁଣବତ୍ତା ପ୍ରତି ସଚେତନ ହେବା ଏହି ପ୍ରଦର୍ଶନୀର ମୂଳ ଲକ୍ଷ୍ୟ ବୋଲି ଅନୁଷ୍ଠାନର ଅଧ୍ୟକ୍ଷା ପ୍ରିୟଙ୍କରୀ ମହାନ୍ତି ସୂଚନା ଦେଇଛନ୍ତି। ଏହି ଅବସରରେ ଜନସାଧାରଣ ଙ୍କ ଦ୍ୱାରା ଚୟନ କରାଯାଇଥିବା ଶ୍ରେଷ୍ଠ ଖାଦ୍ୟ ପରିବେଷଣ କରିଥିବା ଅଂଶଗ୍ରହଣକାରୀ ଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପାଇଁ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଇଉନିୟନ୍ ବ୍ୟାଙ୍କ୍ ମ୍ୟାନେଜର ଧିରେନ୍ କୁମାର ପରିଡ଼ା, ପ୍ରେସ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା, ଓଡ଼ଖଣ୍ଡ ମହାବିଦ୍ୟାଳୟ ଅଧ୍ୟକ୍ଷା ସାଗରିକା ମହାନ୍ତି, ସାମ୍ବାଦିକ ରମେଶ ଚନ୍ଦ୍ର ରଥ, ବସନ୍ତ କୁମାର ଦାଶ, ବିଦ୍ୟାଭୂଷଣ ଭୋଳ ଯୋଗଦେଇ ଶିଶୁମାନଙ୍କ ପ୍ରତିଭା ବିକାଶ ପାଇଁ ଗୋଟିଏ ଆଦର୍ଶ ବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ସଞ୍ଜୀବ କୁମାର ହୋତା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଶର୍ମିଷ୍ଠା ସାହୁ, ଇପ୍ସିତା ପ୍ରିୟଦର୍ଶିନୀ, ନମିତା ବାରିକ, ଜୟନ୍ତୀ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନିଗମାନନ୍ଦ ମହିଳା କଲେଜରେ ପାଠଚକ୍ର

**ଚାରିଛକ,୨୯।୧୧/ଏନ୍ଏନ୍ଏସ୍ :** ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ବିନୋଦିନୀ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମଙ୍ଗଳା ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନର ଅଧ୍ୟାପିକା ଡକ୍ଟର ବନାନୀ ମହାନ୍ତି ଯୋଗଦେଇ ‘ବାୟୋ ପ୍ଲାଷ୍ଟିକ’ ବିଷୟ ଉପରେ ଆଲୋକପାତ କରିଥିଲ। ଉକ୍ତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ମଧୁସ୍ମିତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏନ୍‌ସିସି ମେଜର ପୁଷ୍ପଲତା ଦତ୍ତ, ଅଧ୍ୟାପିକା ଇତିଶ୍ରୀ ସାହୁ, ସଂଗୀତା ଦାଶ, ଓଡିଆ ବିଭାଗର ମୁଖ୍ୟା ଶର୍ମିଷ୍ଠା ରାଣୀ ମହାନ୍ତି, ଉଦ୍ଭିଦ ବିଜ୍ଞାନ ବିଭାଗର ସବ୍ୟସାଚୀ ନାୟକ ଓ ସୁଶାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପିକା ମେନକା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ରଶିଲଗାଇ ଆତ୍ମହତ୍ୟା

**ବୟାଳିଶମୌଜା,୨୯।୧୧/ଏନ୍ଏନ୍ଏସ୍ :** କଟକ ସଦର ବୟାଳିଶି ମୌଜା ଥାନା ଅଧିନସ୍ଥ ବସ୍ତକୁଣ୍ଡଳ ଗ୍ରାମର ଅଜୟ କୁମାର ନାୟକ(୫୭) ତାଙ୍କ ବାସଭବନରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ଖବର ପାଇ ଘଟଣା ସ୍ଥଳରେ ବୟାଳିଶି ମୌଜା ଥାନା ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି କେସ୍ ନଂ ୧୨/୨୪ ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପତ୍ନୀଙ୍କୁ ହସ୍ତାନ୍ତର କରାଯାଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

# ନିରଞ୍ଜନ ଖଟୁଆଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା

**ବାଲିଅନ୍ତା,୨୯।୧୧/ଏନ୍ଏନ୍ଏସ୍:** ପାହାଳ ଥାନା ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ମଦାରିଆ ପାଟଣା ଗ୍ରାମର ନିରଞ୍ଜନ ଖଟୁଆଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ସ୍ୱର୍ଗତ ଖଟୁଆ ଏକ ଦୈନିକ ଖବରକାଗଜରେ ଦୀର୍ଘଦିନ ହେବ କାର୍ଯ୍ୟ କରିଆସୁଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଧର୍ମ ପରାୟଣ ବ୍ୟକ୍ତି ଭାବରେ ଅଞ୍ଚଳରେ ବେଶ ପରିଚିତ ଥିଲେ। ତାଙ୍କରି ସ୍ମୃତି ଉଦ୍ଦେଶ୍ୟରେ ସବୁଦିନ ଟିଭିର ମୁଖ୍ୟ ସମ୍ପାଦକ ଡ. ଭବାନୀ ଶଙ୍କର ପାତ୍ରଙ୍କ ନେତୃତ୍ୱରେ ଏକ ସ୍ମୃତିସଭା ଆୟୋଜନ ହୋଇଥିଲା। ଏଥିରେ ପଞ୍ଚବଟୀ ସ୍କୁଲର ସଂସ୍କୃତ ଶିକ୍ଷକ ବିଜୟ କୁମାର ସାହୁ, ବରିଷ୍ଠ ନାଗରିକ ସମାଜସେବୀ ଲକ୍ଷ୍ମୀଧର ପାତ୍ର, ପେଟାଲ ଇଣ୍ଟର୍‌ନେସନାଲ ସ୍କୁଲର ପ୍ରିନ୍ସିପାଲ ରମାକାନ୍ତ ସାହୁ, ବୀରବର ସାହୁ , ଧରଣୀଧର ସାହୁ, ସୁଦର୍ଶନ ସାହୁ, ଧୀରେନ୍ଦ୍ର ଖଟୁଆ, କମାଲ କୁମାର ମହାପାତ୍ର, ସହିତ ପରିବାର ବର୍ଗ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସ୍ୱର୍ଗତ ଖଟୁଆଙ୍କ ଦୁଇ ପୁଅ ପପୁନ ଓ ତପୁନ କାର୍ଯ୍ୟକ୍ରମ ପରିଚାଳନ କରିଥିଲେ।

# କଣାସ କଲେଜରେ ପ୍ରତିରକ୍ଷା ଶିକ୍ଷଣ କାର୍ଯ୍ୟକ୍ରମ



**କଣାସ,୨୯।୧୧/ଏନ୍ଏନ୍ଏସ୍:** କଣାସ ମହାବିଦ୍ୟାଳୟର +୨ ଓ +୩ ଶ୍ରେଣୀର ୧୭୫ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଏକ ପ୍ରତିରକ୍ଷା ଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସର୍ଜେଣ୍ଟ ରାକେଶ କୁମାର ଶ୍ରୀବାସ୍ତବ ଓ କର୍ପୋରାଲ୍ ରାଜେଶ କୁମାର ଦାସ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ନିରଞ୍ଜନ ସ୍ୱାଇଁ ପ୍ରାରମ୍ଭିକ ଭାଷଣ ଦେଇଥିଲାବେଳେ ଅଧ୍ୟକ୍ଷ ଡମ୍ବରୁଧର ଛୁଆଳସିଂହଙ୍କ ଦ୍ୱାରା ଉଦ୍‌ବୋଧନ ସହ ଉଭୟ ସେନା ଅଧିକାରୀ ବାୟୁବୀର ଓ ଅଗ୍ନିବୀର ଚୟନ ପ୍ରକ୍ରିୟା ବିଷୟରେ ସୁବିସ୍ତୃତ ଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ଶିକ୍ଷାର୍ଥୀମାନେ ସକ୍ରୀୟ ଅଂଶଗ୍ରହଣ କରିଥିଲେ। ସେନା ଅଧିକାରୀଙ୍କ ଦ୍ୱାରା ପ୍ରସ୍ତୁତ ସାଧାରଣଜ୍ଞାନ ପ୍ରଶ୍ନଗୁଡିକର ସଠିକ ଉତ୍ତର ଦେଇ ଛାତ୍ରଛାତ୍ରୀଙ୍କୁ ସେନା ଅଧିକାରୀ ପୁରସ୍କୃତ କରିଥିଲେ। ଏହା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ତଥା ବ୍ୟକ୍ତିତ୍ୱ ଶାଣିତ କରିବାରେ ସହାୟକ ହୋଇପାରିବ। ଦେଶପ୍ରେମ ଭାବରେ ଉଦ୍‌ବୁଦ୍ଧ ହୋଇ ଶିକ୍ଷାର୍ଥୀମାନେ ଦେଶ ମାତୃକାର ସେବା କରିବା ସୁଯୋଗ ସୃଷ୍ଟି କରିପାରିବେ ବୋଲି ସେନା ଅଧିକାରୀ ମତପ୍ରଦାନ କରିଥିଲେ।

# ଖଲର୍ଦ୍ଦା-କୁରୁଣ୍ଟି ରାସ୍ତା ଅଧପନ୍ତରିଆ

**ଫୁଲନଖରା,୨୯।୧୧/ଏନ୍ଏନ୍ଏସ୍ :** ବାରଙ୍ଗ ବ୍ଲକ ଅନ୍ତର୍ଗତ ଖଲର୍ଦ୍ଦା-କୁରୁଣ୍ଟି ରାସ୍ତା କାର୍ଯ୍ୟ ଅଧପନ୍ତରିଆ ଭାବେ ପଡ଼ିରହିଛି। କଟକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ସମ୍ପୃକ୍ତ ଠିକାଦାର ଦୀର୍ଘଦିନ ଧରି କାମ ପକାଇ ରଖିଛନ୍ତି। ଫଳରେ ବ୍ୟସ୍ତବହୁଳ ଏହି ରାସ୍ତାରେ ଲୋକମାନେ ଯିବାଆସିବାରେ ସମସ୍ୟା ଭୋଗୁଛନ୍ତି। ବିଶେଷ କରି ଜିଗିନିପୁରଠାରୁ ଖଲର୍ଦ୍ଦା ଡିହୁଆଁ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱ ଖୋଳା ହୋଇପଡ଼ିଥିଲା ବେଳେ କାମ କେବେ ଆରମ୍ଭ ହେବ, ତାହା ଜଣାପଡୁନାହିଁ; ଖାଲଖମା ଭର୍ତ୍ତି ରାସ୍ତାରେ ଛାତ୍ରଛାତ୍ରୀ, ବ୍ୟବସାୟୀ, ଚାଷୀ, ଚାକିରିଆ ଏବଂ ଯାତ୍ରୀମାନେ ହଇରାଣ ହେଉଛନ୍ତି। ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ କାମ ତ୍ୱରାନ୍ୱିତ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।



# ସବୁଜ ଶାଖା ପକ୍ଷରୁ ବଜାର ସଫେଇ



**ଅସ୍ତରଙ୍ଗ,୨୯।୧୧/ଏନ୍ଏନ୍ଏସ୍ :** ଅସ୍ତରଙ୍ଗ ବଜାରକୁ ସ୍ୱଚ୍ଛତା ରଖିବାକୁ ସବୁଜଶାଖା ପକ୍ଷରୁ ଉଦ୍ୟମ ଜାରି ରହିଛି । ମାସ ଶେଷ ଗୁରୁବାର ବଜାର ବନ୍ଦଥିବାରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସଭାପତି ରମାକାନ୍ତ ବସ୍ତିଆ ଓ ମୁଖ୍ୟ ସଂଯୋଜକ (ସମାଜସେବୀ) ଦିବାକର ଛାଟୋଇ ଓ ସଭ୍ୟମାନେ ସକାଳ ସମୟରେ ଏକାଠି ହୋଇ ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ମହାବୀର ମନ୍ଦିରଠାରୁ ଷ୍ଟେଟ୍ ବ୍ୟାଙ୍କ୍ ଛକ ପର୍ଯ୍ୟନ୍ତ ରାସ୍ତାକଡରେ ଜମିଥିବା ଆବର୍ଜନାକୁ ସଫା କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁଗଳ କିଶୋର ମହାନ୍ତି, ପ୍ରଶାନ୍ତ ନାୟକ, କେଳୁଚରଣ ଓଝା, ପ୍ରଶାନ୍ତ ମୁଦୁଲି, ସନ୍ତୋଷ କାଣ୍ଡି, ହୃଷିକେଶ ମୁଦୁଲି, ଦୁର୍ଗାଚରଣ ମହାରଣା ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ସାମିଲ୍ ହୋଇଥିଲେ।

# ଜାତୀୟ ରାଜ୍ୟ ରାଜପଥ ନିର୍ମାଣରେ ତ୍ରୁଟି, ବଢୁଛି ଦୁର୍ଘଟଣା



**କଣ୍ଟିଲୋ,୨୯।୧୧/ଏନ୍ଏନ୍ଏସ୍:** ପ୍ରମୁଖ ପର୍ଯ୍ୟଟନ ସ୍ଥଳ, ଜନବହୁଳ ଏକକ ଗ୍ରାମପଞ୍ଚାୟତ, କଂସା ପିତ୍ତଳ ବାସନ ପାଇଁ ପ୍ରସିଦ୍ଧ ତଥା ଜଗନ୍ନାଥ ମହାପ୍ରଭୁଙ୍କ ଆଦିପୀଠ ଭାବେ ପରିଚିତ ନୟାଗଡ଼ ଜିଲ୍ଲା ପ୍ରଭୁ ଶ୍ରୀ ନୀଳମାଧବଜିଉ ବିଜେ କଣ୍ଟିଲୋ ଗ୍ରାମଦେଇ ଯାଇଥିବା ୪୮ନମ୍ବର ଜାତୀୟ ରାଜ୍ୟ ରାଜପଥରେ ହମ୍ପସ୍ ନଥାଇ ଫୁଟେ ଗଭୀରର ଏକ ଧୋଡ଼ା(ରାସ୍ତାକୁ ନ ମିଶାଇ) ହୋଇଥିବାରୁ ଅଧିକାଂଶ ସମୟରେ ଛାତ୍ରଛାତ୍ରୀମାନେ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି। ସୂଚନା ମୁତାବକ ୪୮ ନମ୍ବର ଜାତୀୟ ରାଜ୍ୟ ରାଜପଥ ଉପରେ ଥିବା ‘କମେଇ’ ଶଙ୍ଖଠାରୁ ନୀଳମାଧବ ନୋଡାଲ ବିଦ୍ୟାପୀଠର ପଲ୍ଟନ ପଡିଆ ପର୍ଯ୍ୟନ୍ତ ଦୂରତା ମାତ୍ର ୧୪୦ରୁ ୧୫୦ ଫୁଟ। ଛଅ ସାତ ମାସ ପୂର୍ବେ ଏହି ସିମେଣ୍ଟ କଂକ୍ରିଟ୍ ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିବା ଠିକାଦାର ନିମ୍ନମାନର କରି ସ୍ଲୋପ୍ ନକରି ଫୁଟେ ଗଭୀରର ଧୋଡ଼ା ରଖି ଚାଲି ଯାଇଥିବା ଯୋଗୁ ପ୍ରାୟ ପ୍ରତ୍ୟେକ ଦିନ କିଛିନା କିଛି ଦୁର୍ଘଟଣା ଘଟୁଥିବାର ଦେଖିବାକୁ ମିଳୁଛି। ଏଠି ବଡ ପ୍ରଶ୍ନ ଉଠୁଛି, ଠିକାଦାର ଏପରି ବେନିୟମ ଓ ନିମ୍ନମାନର କାର୍ଯ୍ୟକରି ନିଜର ବିଲ ପାସ୍ କରାଇ ନେଇଛନ୍ତି। ଉପଯୁକ୍ତ ଭାବେ କାର୍ଯ୍ୟର ଗୁଣବତ୍ତା ଯାଞ୍ଚ୍ ନ କରି ସମ୍ପୃକ୍ତ ଠିକାଦାରଙ୍କ ବିଲ୍ ପାସ୍ କରାଇବାରେ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କ ଏପ୍ରକାର କାର୍ଯ୍ୟକୁ ସାଧାରଣରେ ତୀବ୍ର ନିନ୍ଦା କରାଯାଉଛି। ତେଣୁ ଯଥାଶୀଘ୍ର ଠିକାଦାରଙ୍କ ବିରୁଦ୍ଧରେ ବିହୀତ ପଦକ୍ଷେପ ନେବା ସହିତ ଉକ୍ତ ଧୋଡାକୁ ବନ୍ଦ କରିବାକୁ ଜିଲ୍ଲାପାଳ ନୟାଗଡ଼ ଓ ସ୍ଥାନୀୟ ବିଧାୟକଙ୍କ ନିକଟରେ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ରାଧାଶ୍ୟାମ ବିଦ୍ୟାପୀଠରେ ମଣ୍ଡଳସ୍ତରୀୟ ବିଜ୍ଞାନମେଳା



**ମାହାଙ୍ଗା,କୁଆଁପାଳ,୨୯।୧୧/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ବରାହିପୁର ପଞ୍ଚାୟତସ୍ଥିତ ରାଧାଶ୍ୟାମ ବିଦ୍ୟାପୀଠରେ ମାହାଙ୍ଗା ମଣ୍ଡଳସ୍ତରୀୟ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ବିଇଓ ଚକ୍ରଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଉଦ୍‌ଘାଟନ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପଗୁଡିକ ଦେଖିବା ସହ ଏହି ବିଜ୍ଞାନ ମେଳା ଦ୍ୱାରା ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣର ବିକାଶ ହୋଇଥାଏ ବୋଲି କହିଥିଲେ। ଏଥି ସହିତ ବିଦ୍ୟାଳୟସ୍ତରୀୟ ପ୍ରସ୍ତୁତ ବିଜ୍ଞାନ ପ୍ରକଳ୍ପଗୁଡିକର ଉପଯୋଗିତାକୁ ବିଚାରକୁ ନେଇ ତାହା କିପରି ସମାଜ ମଙ୍ଗଳରେ ବିନିଯୋଗ ହୋଇପାରିବ ସେ ଦିଗରେ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ସରକାର ମିଳିତ ଭାବେ କାର୍ଯ୍ୟ କରିବାକୁ ବିଧାୟକ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ରାଉତ, ସମ୍ମାନିତ ଅତିଥି ବିଡିଓ ସନ୍ତୋଷ କୁମାର ଜେନା ଏବଂ ଅନ୍ୟତମ ଅତିଥି ଭାବେ ଏବିଇଓ ସୋମନାଥ ରାମ, ସବିତା କୁମାରୀ ସ୍ୱାଇଁ, ଯୁକ୍ତା ଭୋଇ ପ୍ରମୁଖ ଯୋଗଦେଇଥିଲେ। ଏହି ବିଜ୍ଞାନ ମେଳାରେ ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପକ୍ଷରୁ ୧୪୪ ପ୍ରକଳ୍ପ ସ୍ଥାନିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବିଇଓ ଶ୍ରୀ ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ମନୋରଞ୍ଜନ ମଲିକ ଯୋଗଦେଇ କୁନି କୁନି ବୈଜ୍ଞାନିକମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରୋଜାଲିନ ପ୍ରଧାନ ଧନ୍ୟବାଦ ଅପର୍ଣ କରିଥିଲେ। ସିଆର୍‌ସିସି ନିହାର ରଂଜନ ସାମଲ, ମନୋଜ ଦାସ, ରମାକାନ୍ତ ଦାସ,ସରଫୁଦ୍ଦିନ ଖାନ, ରାମ ରାମ ଷଡଙ୍ଗୀ, ହରେକୃଷ୍ଣ ପାତ୍ର, ଅମର ପ୍ରସାଦ ଜେନା, ସନଓ୍ୱର ଅଲି, ରବିନ ସାହୁ, ଶ୍ୟାମସୁନ୍ଦର ନାୟକ, ଭାସ୍କର ସାହୁ, ରିତାଞ୍ଜଳି ଦାସ, କାର୍ତ୍ତିକ ବେହେରା, ସତ୍ୟବ୍ରତ ରଥ, ବାମଦେବ ସ୍ୱାଇଁ, ଅଦ୍ୱୈତ୍ୟ ବଲ୍ଲଭ ରାଉତ, ବିଜ୍ଞାନ ଶିକ୍ଷକ ବିକାଶ ବେହେରା, ସୌଭାଗ୍ୟ ରଂଜନ ବରାଳ, ତରୁଣ ମହାନ୍ତି, ଲକ୍ଷ୍ମୀଧର ସାହୁ, କଲ୍ୟାଣୀ ମହାଳିକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଶ୍ରମିକ ମୃତ

**ବୟାଳିଶମୌଜା,୨୯।୧୧/ଏନ୍ଏନ୍ଏସ୍:** କଟକ ସଦର ବୟାଳିଶି ମୌଜା ଥାନା ଅଧୀନସ୍ଥ ଶ୍ରୀକୃଷ୍ଣ ବିହାରରେ ଗୃହ ନିର୍ମାଣରେ ପଶ୍ଚିମବଙ୍ଗରୁ ଆସି କାର୍ଯ୍ୟ କରୁଥିବା ପ୍ରସାନ୍ତ ହାଲଦାର(୩୬)ଙ୍କ ମୃତ୍ୟୁ ଘଟିଛି। ଏକ ବାଉଁଶ ନେଇ ଯାଉଥିବାବେଳେ ସେ ଏକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ଘଟଣାସ୍ଥଳରେ ବୟାଳିଶି ମୌଜା ଥାନା ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହିତ କେସ ନଂ ୧୩/୨୪ ରୁଜୁକରି ତଦନ୍ତ ଚଳାଇଥିବା ଜଣାପଡ଼ିଛି ।

ତୁମର ଦୁଇଗୋଟି ହାତ ଅଛି- ଗୋଟିଏ ନିଜକୁ ଏବଂ ଅନ୍ୟଟି ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ। - ପ୍ରବାଦ

ନିତିଦିନ NITIDIN
ଶନିବାର , ୩୦ ନଭେମ୍ବର, ୨୦୨୪

# ମରଣ ଆମ ମଇତ୍ର, କଷଣ ଆମ ସାଥୀ



ସତ୍ୟବାଦୀ ବଳିଆରସିଂହ

ଆକାଶର ଘନଘଟା ଅନ୍ଧକାରକୁ ହଟାଇ ଦେଇ ଯିଏ ଦୀପ୍ତିମାନ, ତେଜୀୟାନ ହୋଇ ପ୍ରକଟ ହୁଏ, ସିଏ ହିଁ ସୂର୍ଯ୍ୟ। ଯିଏ ସୂର୍ଯ୍ୟ, ସିଏ ହିଁ ରବି ବା ଦିବାକର। ଏମିତି ଦିନେ ରଣପୁର ଗଡ଼ଜାତର ଅନ୍ଧକାର ଶାସନକୁ ହଟାଇ ଦେବା ପାଇଁ ଯିଏ ପ୍ରକଟ ହୋଇଥିଲେ, ସିଏ ଥିଲେ ଦିବାକର ପରିଡ଼ା। ରାଜତନ୍ତ୍ର ଓ ବ୍ରିଟିଶ୍‌ତନ୍ତ୍ର ବିରୋଧରେ ପ୍ରଜାମଣ୍ଡଳ ଗଠନ ହୋଇଥିଲା ବେଳେ ରଣପୁରରେ ଦିବାକର ଏହାର ନେତୃତ୍ୱ ନେଇଥିଲେ। ରଣପୁର ପ୍ରଜାମଣ୍ଡଳର ସେ ଥିଲେ ସଂଗଠନ ସମ୍ପାଦକ।

୧୯୧୧ ମସିହା ନଭେମ୍ବର ୩୦ ତାରିଖରେ ଗଡ଼ବାଣୀକିଲୋର ବିଷୋୟୀ ସାମନ୍ତ ହରିହର ପରିଡ଼ା ଓ ତାରା ଦେବୀଙ୍କର ଜ୍ୟେଷ୍ଠ ସନ୍ତାନ ରୂପେ କୋଳ ମଣ୍ଡନ କରିଥିଲେ ଦିବାକର। ପିତା ହରିହର ପରିଡ଼ା ରାଜାଙ୍କ ପୁଲିସ ଜୁଲମ ବିରୋଧରେ ପ୍ରତିବାଦ କରି ରାଜା ଓ ପଲିଟିକାଲ ଏଜେଣ୍ଟଙ୍କୁ ଦରଖାସ୍ତମାନ ପଠାଇ ଚର୍ଚ୍ଚାକୁ ଆସିଥିଲେ। ଦିବାକରଙ୍କ ପିତାମହ ତଥା ହରିହରଙ୍କ ପିତା ରଘୁନାଥ ସୁନ୍ଦରାୟ ରଣପୁରରେ ୧୮୯୨ରେ ଘଟିଥିବା ଶସ୍ୟ ମେଳିର ଅନ୍ୟତମ ମେଳିଆ ଥିଲେ। ପିତା ଓ ପିତାମହଙ୍କ ବୈପ୍ଳବିକ ଚିନ୍ତାଧାରା ଦିବାକରଙ୍କଠାରେ ବଂଶଗତ ଭାବେ ପ୍ରବାହିତ ହୋଇଥିଲା। ରଣପୁର ପ୍ରଜାମଣ୍ଡଳରେ ବୟୋବୃଦ୍ଧ ସମାଜସେବୀ ବନମାଳୀ ରାମ ସଭାପତି, କୃପାସିନ୍ଧୁ ମିଶ୍ର ଉପସଭାପତି, ରଘୁନାଥ ମହାନ୍ତି ସଂପାଦକ, ଅଗାଧୁ ବରାଳ କୋଷାଧ୍ୟକ୍ଷ ଥିବା ବେଳେ ବିଦ୍ରୋହୀ ଦିବାକର ସଂଗଠନ ସମ୍ପାଦକ ଭାବେ ରଘୁନାଥଙ୍କ ସହ ଗାଁ ଗାଁ ବୁଲି ରାଜତନ୍ତ୍ର ବିରୋଧରେ ବାର୍ତ୍ତା ପ୍ରଚାର କରିବା ସହିତ ସଭ୍ୟ ସଂଗ୍ରହ କରୁଥିଲେ। ଏପରିକି ତା୨୯.୧୦.୧୯୩୮ରିଖ ଦିନ 'ନିଖିଳ ଓଡ଼ିଶା ଗଡ଼ଜାତ ଦିବସ' ପାଳନ ବେଳେ ସେ ରଣପୁର ଅଞ୍ଚଳର କେତେକ କର୍ମୀଙ୍କୁ ସାଙ୍ଗରେ ନେଇ ସେଠାରେ ଯୋଗ ଦେଇଥିଲେ। ଡେଲାଙ୍ଗ ବେରବୋଇଠାରେ ମହାତ୍ମା ଗାନ୍ଧୀଙ୍କ ଆଗମନ ସମୟରେ ସେ ସାଥୀ ରଘୁନାଥ ମହାନ୍ତିଙ୍କ ସହ ଯାଇ ଡକ୍ଟର ହରେକୃଷ୍ଣ ମହାତାବ, ନବକୃଷ୍ଣ ଚୌଧୁରୀଙ୍କ ସହ ପ୍ରଜାମଣ୍ଡଳକୁ ତୀବ୍ରତର କରିବା ପାଇଁ ବିଚାର ବିମର୍ଶ କରିଥିଲେ। ସଂଗଠନ ଦାୟିତ୍ୱରେ ଥିବାରୁ ଦିବାକର ଖରା ବର୍ଷା ଶୀତକୁ ଖାତିର ନକରି ରାତ୍ର କାଳରେ ୩/୪ଜଣ ସାଥୀଙ୍କୁ ନେଇ ପୁରପଲ୍ଲୀରେ ଦେଓ୍ୱାନ, ପୁଲିସଙ୍କ ଶୋଷଣ ଓ ଜୁଲମର ନୃଶଂସ ବିବରଣୀ ଦେଇ ଲୋକମାନଙ୍କୁ ସଂଗଠିତ କରୁଥିଲେ। ଅତ୍ୟାଚାରୀ ବ୍ରିଟିଶ୍ ଶାସନ ତଥା ରାଜ ଶାସନ ବିରୋଧରେ ଲୋକଙ୍କୁ ଏକତ୍ରିତ କରୁଥିଲା ମାଟିର ମହାକବି ସଚ୍ଚି ରାଉତରାୟଙ୍କର ଗୋଟେ ବିପ୍ଳବାତ୍ମକ ଗୀତ ଯାହାକୁ ଗାଉଥିଲେ ଦିବାକର ଓ ତାଙ୍କ ସାଥୀମାନେ। ସେଇ ଗୀତଟି ଥିଲା, 'ମାର୍ ତୁ ଯେତେ ଗୁଳି, ହୁଙ୍କାପିଟା ଶାସନ ଆମେ ଗୋଡ଼ରେ ଦେବୁ ଦଳି/ ରଖ୍ ତୋ ଲାଠି କାଠର ଲାଠି ଲୁହାର ଆମ ଛାତି/ ମରଣ ଆମ ମଇତ୍ର ଜାଣ କଷଣ ଆମ ସାଥୀ।'

ପ୍ରଥମେ ପ୍ରଥମେ ପ୍ରଜାମଣ୍ଡଳର ସଭା ରଣପୁର ଅଞ୍ଚଳରେ ନହୋଇ ଖାସମାହାଲ ଅଞ୍ଚଳ, ବିଶେଷକରି ସାନପଦର, ସିକୋ ପରେ ଟାଙ୍ଗୀରେ ସଭା ହୋଇଥିଲା। ଏହାପରେ ରଣପୁର ରାଜ୍ୟର ରଣପୁର ହାଟ ପଡ଼ିଆରେ ଏକ ସଭା ହୋଇ ୩୯ଟି ଦାବି ସମ୍ବଳିତ ଏକ ପତ୍ର ରାଜାଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଗଲା। ଛୁଟିରେ ଥିବା ଦେବାନ୍ ଜଗନ୍ନାଥ ମହାନ୍ତି ପ୍ରଜା ଆନ୍ଦୋଳନର ଭୟାବହତା ଅନୁମାନ କରି ଆଉ କାର୍ଯ୍ୟରେ ଯୋଗ ଦେଲେ ନାହିଁ। ଏଣେ ଆସିଷ୍ଟାଣ୍ଟ ଦେଓ୍ୱାନ ଚଣ୍ଡୀ ମିଶ୍ର ଦେଓ୍ୱାନ ଚାର୍ଜରେ ରହିଲେ। ବ୍ରଜରାଜପୁରଠାରେ ୧୯୩୯ ଜାନୁଆରୀ ୩ ତାରିଖ ଦିନ ପ୍ରଜାମଣ୍ଡଳର ଏକ ସଭା ହେଲା। ବୌଦ ଓ ସିକନ୍ଦରାବାଦରୁ ଆସିଥିବା ପୁଲିସ୍ ଫୋର୍ସ ସଭାସ୍ଥଳୀକୁ ବାଙ୍କପୁର-ହିଞ୍ଜଳଗାଡ଼ିଆ ଗହୀର ହିଡ଼ରେ ମାଡ଼ି ଚାଲିଲେ ଓ ଉପସଭାପତି କୃପାସିନ୍ଧୁ ମିଶ୍ରଙ୍କ ସମେତ ୧୩ ଜଣଙ୍କୁ ଗିରଫ କଲେ। ଦିବାକର ପରିଡ଼ା ଓ ରଘୁନାଥ ମହାନ୍ତିଙ୍କ ସମେତ କେତେକ ପାହାଡ଼କୁ ଧାଇଁ ପଳାଇଲେ। ଏହି ଗିରଫଦାରୀ ପରେ ଦେଓ୍ୱାନ ଚଣ୍ଡୀ ମିଶ୍ର ନୟାଗଡ଼ରେ ଅବସ୍ଥାନ କରୁଥିବା ପଲିଟିକାଲ ଏଜେଣ୍ଟଙ୍କୁ ଜାନୁଆରୀ ୪ ତାରିଖ ଦିନ ରଣପୁର ଆସିବା ପାଇଁ ଚିଠି ଲେଖି ଜଣାଇଲେ। ୫ ତାରିଖ ଦିନ ପଲିଟିକାଲ ଏଜେଣ୍ଟ ମେଜର ବେଜଲଗେଟ ରଣପୁର ଆସିଲେ। ସେତେବେଳେ ରଘୁ-ଦିବାକର ଦେଓ୍ୱାନଙ୍କ ସହ ଦାବି ନେଇ ଆଲୋଚନାରେ ବ୍ୟସ୍ତ ଥିଲେ। ହଠାତ୍ ରଣପୁର ବଡ଼ଦାଣ୍ଡରେ ଲୋକ ଭିଡ଼ି ଆଣୁଥିବା ଶଗଡ଼ଟିଏ ପହଞ୍ଚିଲା। ଜନରବ ଖେଳିଗଲା ଯେ ପଲିଟିନା ସାହେବ ଲୋଧାଚୁଆଠାରେ ଜଣେ ଲୋକଙ୍କୁ ମାରି ଦେଇଛି। ସାହେବ ଏ ଲୋକକୁ ଦେଖିବାକୁ ଯାଇ ଜନ ଗହଳି ମଧ୍ୟରେ ପଶିଗଲେ ଏବଂ ଠେଲାପେଲାରେ ଜଣେ ଲୋକକୁ ଗୁଳି କରି ମାରିଦେଲେ। ଫଳରେ ଉତ୍ୟକ୍ତ ଲୋକେ ବେଜଲଗେଟଙ୍କୁ ଠେଙ୍ଗାରେ ପିଟି ପିଟି ମାରିଦେଲେ। ସେଦିନ ମହତାବଜୀ ରଣପୁର ଆସିବାର ଥିଲା। ସେ ବିଳମ୍ବରେ ରଣପୁରରେ ପହଞ୍ଚି ସମଗ୍ର ରଣପୁରର ଜନସାଧାରଣ ରାଜ୍ୟ ଛାଡ଼ି ଚାଲିଯିବାକୁ ପରାମର୍ଶ ଦେଲେ। ନଚେତ୍ ରଣପୁରର ଲୋକଙ୍କ ଉପରେ ଅକଥନୀୟ ଅତ୍ୟାଚାର ହୋଇଥାନ୍ତା। ବେଜଲଗେଟଙ୍କୁ ଠେଙ୍ଗା ଦ୍ୱାରା ହତ୍ୟା ଘଟଣା ଲଣ୍ଡନ ପାର୍ଲାମେଣ୍ଟରେ ଚହଳ ପକାଇଲା। ଜଣେ ସଂସଦ ଠେଙ୍ଗା କ'ଣ ପିସ୍ତଲଠାରୁ ଶକ୍ତିଶାଳୀ ବୋଲି ପ୍ରଶ୍ନ କରିବାରୁ ରଣପୁର ଜଙ୍ଗଲରୁ ୫୦୦ ବାଉଁଶ ମୂଳି ପରୀକ୍ଷା ପାଇଁ ଲଣ୍ଡନ ପଠାଯାଇଥିଲା। ସେଠାରେ ପରୀକ୍ଷା କରାଗଲା ପରେ ଜଣେ ସଭ୍ୟ ବଜ୍ର ଗମ୍ଭୀର ସ୍ୱରରେ କହିଥିଲେ- 'The supressed feelings of an oppressed nation found expression in the murder of R.L. Bezzelegette.' ଅର୍ଥାତ୍ 'ଗୋଟେ ନିଷ୍ପେଷିତ ଜାତିର ରୁଦ୍ଧ ଅସନ୍ତୋଷ ଆର୍‌ଏଲ ବେଜଲଗେଟଙ୍କ ହତ୍ୟାରେ ପ୍ରତିଫଳିତ ହୋଇଛି।'

ବେଜଲଗେଟ ହତ୍ୟା ପରେ ୧୦୪ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଗଲା। କିନ୍ତୁ ମୁଖ୍ୟ ଅଭିଯୁକ୍ତ ରୂପେ ଦିବାକର ପରିଡ଼ା ଓ ରଘୁନାଥ ମହାନ୍ତିଙ୍କ ବିରୋଧରେ ମିଥ୍ୟା ସାକ୍ଷୀ ଯୋଗାଡ଼ କରି ହତ୍ୟା ଦଫା ଲଗାଗଲା। ସେମାନେ ହତ୍ୟା ସହ ଆଦୌ ସଂପୃକ୍ତ ନଥିଲେ ମଧ୍ୟ ଦୌରାଜଜ୍ ଜେଜି ସିଆରଙ୍କ କୋର୍ଟରେ ତାଙ୍କୁ ହତ୍ୟା ଅଭିଯୋଗରେ ବିହାରର ଭାଗଲପୁର ଜେଲ୍‌ରେ ୧୯୪୧ ମସିହା ଏପ୍ରିଲ୍ ୪ ତାରିଖ ଦିନ ଫାଶୀ ଦିଆଗଲା। ତାଙ୍କୁ ଯେତେବେଳେ ଭାଗଲପୁର ନିଆଗଲା, ସେତେବେଳେ ରଣପୁରଠାରୁ କାଳୁପଡ଼ାଘାଟ ରେଳ ଷ୍ଟେସନ୍ ପର୍ଯ୍ୟନ୍ତ ରାସ୍ତାର ପାର୍ଶ୍ୱରେ ଲୋକମାନେ ଠିଆ ହୋଇ ଚକ୍ଷୁରୁ ଅଶ୍ରୁ ମୋଚନ କରୁଥିଲେ। ତାହା ଥିଲା ହୃଦୟ ବିଦାରକ ଦୃଶ୍ୟ। ରଘୁ-ଦିବାକରଙ୍କୁ ଏହି ହତ୍ୟା ଅଭିଯୋଗରୁ ମୁକ୍ତ କରିବା ପାଇଁ ପ୍ରାଣନାଥ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଡିଫେନ୍ସ କମିଟି ଗଠନ କରାଯାଇ ଉଦ୍ୟମ କରାଯାଇଥିଲା। କିନ୍ତୁ ତାହା ବିଫଳ ହୋଇଥିଲା। ଦିବାକର ପରିଡ଼ା ଓ ତାଙ୍କ ସହ ଅଭିଯୁକ୍ତ ଥିବା ତାଙ୍କ କକା ବାଞ୍ଛାନିଧି ପରିଡ଼ାଙ୍କ ଏକାନ୍ନବର୍ତ୍ତୀ ପରିବାରର ୬ ବାଟି ଚାଷ ଜମି ଥିଲା। ଏହି ମକଦ୍ଦମା ପାଇଁ ୩ ବାଟି ଜମି ବିକ୍ରି ହୋଇ ଯାଇଥିଲା। ବନ୍ଧୁବାନ୍ଧବମାନେ ମଧ୍ୟ ସାହାଯ୍ୟ ସହଯୋଗ କରିଥିଲେ। କିନ୍ତୁ ସବୁ ନିଷ୍ଫଳ ହେଲା।

ବିଦ୍ରୋହୀ ଦିବାକରଙ୍କ ଫାଶୀ ଆଦେଶ ଶୁଣିବା ପରେ ଭାଇ ରତ୍ନାକର ପରିଡ଼ା ଅତି ଦୁଃଖରେ ତାଙ୍କୁ ଦେଖା କରିଥିଲେ। ରତ୍ନାକରଙ୍କ ଆଖିରୁ ଲୁହ ଦେଖି ଦିବାକର ହସି ହସି କହିଲେ, 'ରତ୍ନାକର, ଉପର ତଳକୁ ଚାହିଁ ଦେଖ, ଉପରେ ବହୁତ କମ୍ ଲୋକ ଦୁନିଆରେ ସୁଖୀ ଅଛନ୍ତି, କିନ୍ତୁ ତଳେ କୋଟି କୋଟି ଲୋକ ତୋ'ଠାରୁ ଦୁଃଖରେ କାଳାତିପାତ କରୁଛନ୍ତି, ସେ ଦୃଷ୍ଟିରୁ ତୁ ବରଂ ସୁଖରେ ଅଛୁ। ମୋ ପାଇଁ ଅର୍ଦ୍ଧାଧିକ ପୈତୃକ ସମ୍ପତ୍ତି ଶେଷ କରି ଦେଇଥିଲେ ମଧ୍ୟ ତୋର ରଣପୁର ମାଟିରେ ଖାଦ୍ୟ ବସ୍ତ୍ରର ଅଭାବ ରହିବ ନାହିଁ। ବିଦ୍ରୋହ ଅପରାଧରେ ମୋର ମୃତ୍ୟୁଦଣ୍ଡ ହେବ, ଏହା ମୁଁ ଆଗରୁ ଗଣନା କରି ଜାଣିଥିଲି। ସେଥିପାଇଁ ଅନେକ ବିବାହ ପ୍ରସ୍ତାବ ଆସିଥିଲେ ମଧ୍ୟ ବିବାହ କରି ନଥିଲି। ତୁ ଏଥର ହସି ହସି ଫେରିଯା। ବୋଉ ଉପରେ ନଜର ରଖିଥିବୁ।' ବିଦ୍ରୋହୀ ଦିବାକରଙ୍କ ସାନଭାଇ ଚକ୍ରଧର ପରିଡ଼ା ରେଙ୍ଗୁନ୍ ଯାଇ ସୁଭାଷ ବୋଷ୍‌ଙ୍କ ଆଜାଦ୍ ହିନ୍ଦ ଫୌଜରେ ରିକ୍ରୁଟ୍‌ମେଣ୍ଟ ଅଫିସର ଭାବରେ ଥିବାରୁ କାରା ବରଣ କରିଥିଲେ ଏବଂ ତାଙ୍କ ସାନ ଭଉଣୀ ଇନ୍ଦୁମତୀ ପାଇକରାୟ ଘରେ ଥିବା ବେଳେ ଦିବାକରଙ୍କୁ ଯେତେବେଳେ ପୁଲିସ୍ ଖୋଜିବାକୁ ଆସିଥିଲା, ସେତେବେଳେ ସେ ପୁଲିସ୍‌କୁ କହିଥିଲେ, 'ଭାଇ ଘରେ ନାହାନ୍ତି, ମୁଁ ଏକାକୀ ଅଛି। ଯଦି ତୁମେ ଜବରଦସ୍ତ ଘରେ ପଶିବ, ମୁଁ ତୁମକୁ ଟିକି ଟିକି କରି ହାଣି ଦେବି।' ଜାତକାଳାଙ୍କର, ଆର୍ତ୍ତେଶ୍ୱର ଦେବଙ୍କ ଜଣାଣ ଓ ବହୁ ବିପ୍ଳବୀ କବିତା ଲେଖିଥିବା ବିଦ୍ରୋହୀ ଦିବାକର ଆମ ଗହଣରେ ନାହାନ୍ତି ସତ, କିନ୍ତୁ ତାଙ୍କ ବିପ୍ଳବର ବାଣୀ ଏବେ ବି ଅନୁରଣିତ। ଏକ ବିପ୍ଳବୀ ପରିବାରରେ ମହାନ୍ ବିପ୍ଳବୀ ଦିବାକର ପରିଡ଼ା ଆମ ଜାତିର ପୂଜ୍ୟ ଓ ନମସ୍ୟ। ଯୁଗ ଯୁଗ ଧରି ତାଙ୍କ କୀର୍ତ୍ତି ଅମ୍ଳାନ ରହିବ।●

(ଜୟନ୍ତୀ ଉପଲକ୍ଷେ)





ଉପଦେଷ୍ଟା, ଶହୀଦ ରଘୁ-ଦିବାକର ସ୍ମୃତି କମିଟି
ଗଡ଼ବାଣୀକିଲୋ, ରାଜ ରଣପୁର
ମୋ: ୯୨୩୭୦୮୯୫୦୯

# ଭାବିନୀ



ବିଜୟ ଦାସ

ଭାବମୟୀ ନାରୀର ଭାବ ହିଁ ପ୍ରେମ। ଏଣୁ ସେ ପ୍ରେମିକା! ସେ ସୁନ୍ଦର ପ୍ରିୟା ଓ ସୁନ୍ଦରୀ ପ୍ରିୟା। ସୁନ୍ଦର ଏଇଥି ପାଇଁ ଯେ ତା'ର ବ୍ୟବହାର ସୁନ୍ଦର, ତା'ର ଗୁଣ ସୁନ୍ଦର। ପୁଣି ସୁନ୍ଦରୀ ଏଇଥି ପାଇଁ ଯେ ତା'ର ରୂପ ସୁନ୍ଦର। ରୂପ, ଗୁଣ, ଇତ୍ୟାଦିରେ ସୁନ୍ଦରତମ ପ୍ରେୟସୀ ନିଶ୍ଚେ ଭାବିନୀ। ଏହା ଭାବନା ସହିତ ଯେତେ ସଂଲଗ୍ନିତ ନୁହେଁ, ଭାବ ସହିତ ସେତେ ଜଡ଼ିତ। କିନ୍ତୁ ରସିକା ନାରୀ ଏହି ଭାବିନୀ ସମ୍ପ୍ରଦାୟର ହେଲେ ମଧ୍ୟ ଏହାର ଦୁଇଟି ଦିଗ ଅଛି। ପ୍ରଥମତଃ, ମେଳାପୀ, ହସକୁରଷ, ଖୁସିବାସିଆ ନାରୀ। ଏହା ସକାରାତ୍ମକ ଦିଗ। ଏହାର ଦ୍ୱିତୀୟ ଦିଗଟି ହେଉଛି, ନକାରାତ୍ମକ। ରସିକା ନାରୀ, ପୁଣି ରସିକମାନଙ୍କର ଉପଭୋଗ୍ୟ। ଏମନ୍ତ ଉପଭୋଗ ଶାରୀରିକ ନ ହୋଇପାରେ; ରହସ୍ୟମୟୀ, ଥଟ୍ଟାମଜା ଭିତରେ ଶୃଙ୍ଗାର ରସ ଭରି ଦେଉଥିବା ଏବଂ ସ୍ଥଳବିଶେଷରେ ଅଙ୍କଶାୟିନୀ ହେଉଥିବା ନାରୀ ମଧ୍ୟ ରସିକା, ଭାବିନୀ।

ମୁଖ୍ୟତଃ ପଦ୍ମିନୀ ଓ ଶଙ୍ଖିନୀ ଜାତିଆ ନାରୀମାନଙ୍କୁ ଭାବିନୀ କହିଲେ ପ୍ରଯୁଜ୍ୟ ହେବ। ନାରୀର ଦୁଇଟି ଅତ୍ୟନ୍ତ ଜନ୍ମଜାତ ଗୁଣ ଥାଏ। ପ୍ରଥମଟି ସିଂହାର ଓ ଅନ୍ୟଟି ଶୃଙ୍ଗାର। ସଜେଇ ହେବା, ରୂପସଜ୍ଜାରେ ମଗ୍ନ ରହିବା ତ ସହଜାତ ପ୍ରବୃତ୍ତି କନ୍ୟାମାନଙ୍କର। ଏହାକୁ ସିଂହାର, ବେଶସଜ୍ଜା ଓ ଅଙ୍ଗସଜ୍ଜା ମଧ୍ୟ କହି ପାରିବା। ଶୃଙ୍ଗାର ଏକ ପ୍ରଶସ୍ତ ଶବ୍ଦ। ଯଦିଓ ସିଂହାର ଏହା ମଧ୍ୟରେ ଥାଏ, ମାତ୍ର ସିଂହାର ଭିତରେ ଶୃଙ୍ଗାରର ଅବସ୍ଥିତି ଗୌଣ। କନ୍ୟାଟି ବୟୋପ୍ରାପ୍ତ ହେଲେ ଏହି ଶୃଙ୍ଗାରର ଅନେକ ଦିଗ ଆବିଷ୍କୃତ ହୁଏ। ଆକର୍ଷଣ, କାମ ଶକ୍ତି ଓ ମିଳନର ସୂତ୍ରଧର ଶୃଙ୍ଗାର। ଭାବିନୀ ନାରୀର ଉଭୟ ସିଂହାର ଓ ଶୃଙ୍ଗାରର ରୁଚି ବେଶି ବୋଲି ପ୍ରତୀୟମାନ।

ଆଖି ନଚେଇ କଥା କହିବା, ସର୍ବଦା ସ୍ମିତହାସ୍ୟ ବଦନ, ଲାଜରେ ନଖରେ ଗାର କାଟିବା ଏବଂ ଅନ୍ୟାନ୍ୟ ପୁରୁଷ ଆକର୍ଷଣର ମୁଦ୍ରା ହିଁ ଭାବିନୀର ସମ୍ପତ୍ତି। ଏଠାରେ ମଧ୍ୟ ଦୁଇଟି ଦିଗ ରହିଛି। ପ୍ରଥମଟି, ଏକୋଇ ପୁରୁଷର ପ୍ରେମିକା ହେବା; ଦ୍ୱିତୀୟଟି, ବହୁ ପୁରୁଷଙ୍କୁ ଆକର୍ଷିତ କରି ନିଜକୁ ଗୌରବାନ୍ୱିତ କରିବା। ପ୍ରିୟା ଶବ୍ଦଟି ଉଚ୍ଚାରିତ ହେଲେ ସ୍ତ୍ରୀ, ସହଧର୍ମିଣୀ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରେ। ପ୍ରିୟର ପ୍ରିୟା ଏକ ଦ୍ୱିପାକ୍ଷିକ ପ୍ରେମ ଉଚ୍ଛ୍ୱାସ। ମଥାରେ ସିନ୍ଦୂର, ମୁଣ୍ଡରେ ଓଢ଼ଣା, ହାତରେ ଶଙ୍ଖା ଓ ଅବୟବରେ ଶାଢ଼ିର ସିଂହାର ହିଁ ଏକ ବିବାହିତ ମହିଳାର, ଭାବିନୀର ଚିହ୍ନ ସବୁ। ଏହା ପ୍ରେମ ପ୍ରୀତିର ରକ୍ତିମ ଆଭା। ସେଥିପାଇଁ ତ ବିବାହରେ ନାଲି ସିନ୍ଦୂର, ନାଲି ଓଢ଼ଣୀ, ନାଲି ଶଙ୍ଖା, ନାଲି ଅଳତା ଓ ଓଠରେ ଲାଲିମା ଲାଲ୍‌ମୟ, ପ୍ରେମମୟ କରି ଦିଏ କନ୍ୟା, ବରକୁ।

ଭାବର ପରିପ୍ରକାଶ ବହୁଧା ବିଭକ୍ତ। ମିଠା ସ୍ୱରରେ ଉଚ୍ଚାରଣ, ଲାଜୁକି ଭାବ, ସ୍ମିତହାସ୍ୟ, କୋକିଳକଣ୍ଠୀ ସଂଗୀତ, ଥିରି ଥିରି ଚାଲି ଇତ୍ୟାଦି। ଏହା ନୁହେଁ ଯେ ଉଚ୍ଚ ସ୍ୱରରେ କଥା କହୁଥିବା ନାରୀର ଭାବ ନାହିଁ। ନିର୍ଯାତନା ବିରୁଦ୍ଧରେ ସ୍ୱର ଉଠାଉ ଥିବା ମହିଳା ମଧ୍ୟ ଭାବଗତ ଭାବେ ନାରୀ ସୁରକ୍ଷାରେ ଚେଷ୍ଟିତ। ନାରୀ ସ୍ୱତନ୍ତ୍ରତା ଖୋଜୁଥିବା ନାରୀ ବି ଭାବିନୀ। ଏଠାରେ ଭାବ କେବଳ ପୁରୁଷକୈନ୍ଦ୍ରିକ ଭାବଗତ ଭାବନା ନୁହେଁ, ବରଂ ନାରୀ ଭାବନାକୁ ସଂରକ୍ଷିତ କରି ରଖିବାର ପ୍ରୟାସ। କର୍ମ ଆଉ ଧର୍ମ, ଉଭୟ କ୍ଷେତ୍ରରେ ଭାବିନୀର କର୍ତ୍ତବ୍ୟ ରହିଛି। ସ୍ୱଧର୍ମଜନିତ ଗୁଣ ପ୍ରକାଶକୁ ଯେତିକି ପ୍ରାଧାନ୍ୟ ଦେବା କଥା, ସ୍ୱକର୍ମ ସମ୍ପର୍କିତ ଭାବକୁ ମଧ୍ୟ ସେତିକି ବିକଶିତ କରିବାର ଆବଶ୍ୟକତା ଅଛି।

ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଭ୍ୟତାର ଦ୍ୱାହି ଦେଇ ଆମେ ଭାବକୁ ବିଭକ୍ତ କରି ପାରନ୍ତି, ମାତ୍ର ଭାବକୁ ଏଡ଼େଇ ପାରିବା ନାହିଁ। ଏହାର ଅର୍ଥ, ସବୁ ସ୍ଥାନରେ, ସବୁ ସ୍ଥଳରେ ନାରୀ ହିଁ ନାରୀ। ଯାହାଙ୍କ ପୁରୁଷ ଭାବନାଠାରୁ ଅଲଗା। ପୁତ୍ର ପୁତ୍ରୀଙ୍କ ପ୍ରତି ସ୍ନେହ ଆଦର ମାଆର ସହଜାତ ପ୍ରବୃତ୍ତି। ସେ ପ୍ରାଚ୍ୟରେ ହେଉ ବା ପାଶ୍ଚାତ୍ୟରେ। ପୁନଶ୍ଚ, ଆମେ ବେଶଭୂଷା ପରିପାଟୀ ଆଧାରରେ ଭାବକୁ କଳି ପାରିବା ନାହିଁ। ଭାବ ଏକ ଅନ୍ତର୍ନିହିତ ଗୁଣ, ଯାହା ଶରୀର ବା ଅବୟବ ଦ୍ୱାରା ଆଚ୍ଛାଦିତ। ଏଣୁ ଭାବିନୀ ଏକ ଉଚ୍ଛ୍ୱାସମୟୀ ସ୍ତ୍ରୀଲିଙ୍ଗ।

ଆମେ ଭାବିନୀର ଉପଯୁକ୍ତ ବ୍ୟାଖ୍ୟାନ କରିବାକୁ ଗଲେ ସେ ପ୍ରକୃତ ପ୍ରିୟା, ଯିଏ ବିପଦରେ ବନ୍ଧୁ, ମମତାରେ ମାତା, ସମ୍ପଦରେ ସହଭାଗୀ, ଶଯ୍ୟାରେ ସଙ୍ଗିନୀ ଓ ଅନ୍ଧାରରେ ଆଲୋକ ବର୍ତ୍ତିକା। କେବଳ ବାହ୍ୟ ଗୁଣ ପ୍ରକାଶରେ କେହି ଭାବିନୀ ବା ପ୍ରିୟା ହୋଇ ପାରେନା। କୋମଳ ହୃଦୟର ନାରୀ, ସମ୍ବେଦନଶୀଳତାରେ ପରିପୂର୍ଣ୍ଣ ନାରୀ ହିଁ କେବଳ ମନ ଜିଣେ ନାହିଁ, ହୃଦୟ ମଧ୍ୟ ଜିଣି ନିଏ। ଜ୍ଞାନ, ପ୍ରଜ୍ଞା ଓ ବୁଦ୍ଧିମତ୍ତା ନିଶ୍ଚେ ଏହାର ଗହଣା ସଦୃଶ।

ଶେଷୋକ୍ତିରେ ଭାବିନୀ ଏକ ପ୍ରୀତି ଫଲ୍‌ଗୁ, ଏକ ପ୍ରେମମୟ ଉଚ୍ଚାରଣ। ଭକ୍ତି ଭାବରେ ଗଦ୍‌ଗଦ ନାରୀ ନିଶ୍ଚେ ସର୍ବଶ୍ରେଷ୍ଠ ଭାବିନୀ। ଏଥକୁ ରାଧାର ଉଦାହରଣ ଦିଅନ୍ତୁ କିମ୍ବା ମୀରାର। ଉଭୟ ତ ଭଗବତ୍ ସତ୍ତାର ଭାବିନୀ। କେବଳ ଯୌନ ଆକର୍ଷଣର କେନ୍ଦ୍ରବିନ୍ଦୁ ନୁହେଁ, ବରଂ ପଦ୍ମ ଫୁଲର ମହକଭରା, ମୟୂରୀର ସୌନ୍ଦର୍ଯ୍ୟଭରା, ହଂସର ଚାଲିଯୁକ୍ତା, କୋଇଲିର କଣ୍ଠସ୍ୱରଯୁକ୍ତା ଏକ ଆତ୍ମିକ ଭାବାବେଗ। ସେ ନମ୍ର, ସେ ଧୀର, ସେ ସ୍ଥିର ଓ ସେ ଧରିତ୍ରୀ ପରି ସହନଶୀଳା। ଏହା ହିଁ ତ ଭାବିନୀର ପରିଭାଷା।●




# ଭାମିନୀ

ଭାବିନୀର ବିପରୀତ ଶବ୍ଦ କହିଲେ ଭାମିନୀ ଯଥେଷ୍ଟ ହେବ। ଯାହାର ମନରେ, ହୃଦୟରେ କ୍ରୋଧ, ଚକ୍ଷୁରେ କୋପ ଦୃଷ୍ଟି, ସେ କ୍ରୁଦ୍ଧା, ରୂପରେ ଗର୍ବ ଠାଣିରେ ଅହଂ ଓ ନିଷ୍ଠୁର ସ୍ୱଭାବର। ଚାଲିରେ ମେଦିନୀ କମ୍ପେ ତ ବାକ୍ୟରେ ବାଣ। ଅକଥାକୁ କଥା କରେ ତ ଅସଭ୍ୟ ଭାଷାକୁ ସଭ୍ୟ ବୋଲି ଭାବେ। ଏହା କ'ଣ କୌଣସି ନାରୀର ଜନ୍ମଜାତ ପ୍ରବୃତ୍ତି ନା ତା'ର ଏହା ସଂସ୍କୃତିର ଅପଲାପ! ବସ୍ତୁତଃ, ଭାବିନୀରୁ ଭାମିନୀ ହେବାରେ ତା'ର ପରିବେଶ, ତା'ର ସଙ୍ଗଣା, ସଂସ୍କୃତି ଓ କୁଶିକ୍ଷା ଦାୟୀ। ଆମେ କେବଳ ରୂପରେ ଗର୍ବିତା ନାରୀକୁ ଭାମିନୀ କହି ପାରିବା ନାହିଁ। ଅନେକ ଅସୁନ୍ଦରୀ ମଧ୍ୟ ଭାମିନୀ ପର୍ଯ୍ୟାୟରେ ସ୍ଥାନିତ। ପୁନଶ୍ଚ, ଅନେକ ଅସୁନ୍ଦରୀ ହୁଏତ ରୂପ ପାଇଁ ଗର୍ବ କରି ନ ପାରନ୍ତି, ମାତ୍ର ଗୁଣବତୀ ହେବା କାରଣରୁ ଗର୍ବ କରି ପାରନ୍ତି। ଅପରନ୍ତୁ, ସୁନ୍ଦରୀ ନାରୀ ଯଦି ଗର୍ବ ରହିତା ଓ ସୁଶୀଳା, ତେବେ ସେ କାହିଁକି ଭାମିନୀ ହେବେ?

ମାତା ଲକ୍ଷ୍ମୀଙ୍କ ସ୍ୱରୂପ, ମାତା ସରସ୍ୱତୀଙ୍କ ସୁନ୍ଦରତା ତଥା ମାତା ପାର୍ବତୀଙ୍କର ଚେହେରାରେ ଆମେ ଅପରୂପ, କୁରୂପର ପରିକଳ୍ପନା କରି ପାରିବା ନାହିଁ। ମୋ ମାତା ଜଣେ ସୁନ୍ଦରୀ ନାରୀ ଏବଂ ସମସ୍ତଙ୍କର ଆଦରଣୀୟା ତଥା ପୂଜନୀୟା। ଏହା ହିଁ ତ ଜଣେ ପୁତ୍ର; ଜଣେ ପୁତ୍ରୀର ଗୌରବ। ମାତା ଲକ୍ଷ୍ମୀ ଯଦି ଧନଧାନ୍ୟ ଓ ଶୁଚିରେ ସୁନ୍ଦର, ମାତା ସରସ୍ୱତୀ ସେହିପରି କଳା ସାହିତ୍ୟରେ ନିପୁଣା। ମାତା ପାର୍ବତୀଙ୍କର ଦୁର୍ଗା ବେଶ ବି ଭୀମକାନ୍ତ ରୂପ, ଯାହାର ପଣତ ତଳେ ତା'ର ସନ୍ତାନମାନେ ସୁରକ୍ଷିତ। ବ୍ରହ୍ମାଙ୍କ ପତ୍ନୀ ମାତା ସାବିତ୍ରୀଙ୍କର କ୍ଷମା ଦୟାର ତୁଳନା ନାହିଁ। ମାତ୍ର ମନୁଷ୍ୟ ଜନ୍ମରେ ନାରୀ ଏମିତିରେ ଭାମିନୀ ହୁଏ ନାହିଁ। ଯେତେବେଳେ ସଂସ୍କାରର କଥା ଆସେ, ସେତେବେଳେ କେବଳ ଦୁଇଟି ସଂସ୍କାରର କଥା ଆସେ। ପ୍ରଥମଟି ଦୈବୀ ସଂସ୍କାର, ଅନ୍ୟଟି ଆସୁରିକ ସଂସ୍କାର।

ତା'ହେଲେ ମାନବୀୟ ସଂସ୍କାର! ମଜାର କଥା ହେଉଛି, ଏହା ଖୁବ୍ ଅନୁକରଣପ୍ରିୟ। ସାଧାରଣତଃ ଅମୃତସ୍ୟ ପୁତ୍ରା କହିଲେ ମାନବୀୟ ଗୁଣ ଦେବତାଙ୍କ ଗୁଣର ଗୁଣସୂତ୍ର। କୁହାଯାଏ, ମାନବ ହିଁ ଦୈବୀ ଶକ୍ତିର ଉପହାର। ଆମେ ସାଗର ମନ୍ଥନ କାଳରୁ ଜାଣିଛେ, କେବଳ ଦେବ ଦାନବଙ୍କର ସ୍ଥିତି ହିଁ ଥିଲା। ମାନବ ଦେବତାଙ୍କର ମାନସ ସନ୍ତାନ। ଅସୁରଙ୍କର ନୁହେଁ। ଏଣୁ ଆମର ସଂସ୍କୃତି ମୂଳତଃ ଦେବତା ସଂସ୍କୃତି। ତା'ହେଲେ ଏ ଭାମିନୀ ଶବ୍ଦ ଆସିଲା କାହିଁକି? କାହିଁକି ଆସୁରିକ ଶକ୍ତି ହିଁ ଗ୍ରାସ କରି ଚାଲିଛି, ପ୍ରଭାବିତ କରି ଚାଲିଛି? ଛାଡ଼ନ୍ତୁ, ପ୍ରାସଙ୍ଗିକତା ଛାଡ଼ି ଭାମିନୀର ବ୍ୟାଖ୍ୟାନ କରିବା। ସେହି ନାରୀ ଯିଏ ପରଶ୍ରୀକାତର, ଯିଏ ଅନ୍ୟର ରୂପ ଗୁଣକୁ ସହ୍ୟ କରିପାରେ ନାହିଁ, ତା' ଭିତରେ ଏକ ଅସହିଷ୍ଣୁତାର ଭାବ ଜାଗ୍ରତ ହୁଏ। କଥା କଥାକେ ଅନ୍ୟକୁ କଷ୍ଟ ଦେଇ ନିଜେ ଆନନ୍ଦ ଅନୁଭବ କରିବା ଏକ ବିକଟାଳ ଅଭୀପ୍‌ସା। ଅନେକ ସୁନ୍ଦରୀ ନାରୀ ମଧ୍ୟ ନିଜ ରୂପକୁ ନେଇ ଗର୍ବ କରନ୍ତି। ସେମାନେ ଭାବିନୀ ପର୍ଯ୍ୟାୟରେ ସୁନ୍ଦରୀ। ସୁନ୍ଦର ଦିଶିବା, ସୁନ୍ଦରୀ ହେବା କୌଣସି ନକାରାତ୍ମକ ଭାବ ନୁହେଁ। ମାତ୍ର ଯେଉଁମାନେ ସୁନ୍ଦରୀ, ସେମାନଙ୍କଠାରୁ ଅପେକ୍ଷାକୃତ କମ୍ ରୂପଯୁକ୍ତ ନାରୀଙ୍କୁ ଅପମାନ ଦେବା ହେଉଛି ଭାମିନୀ ନାରୀ। ବିଶେଷତଃ ଗୁଣ ଯଦି ସୁନ୍ଦର, ତେବେ ରୂପର ବିଶେଷତ୍ୱ ରହି ନଥାଏ।

ମନେ ରଖିବା ଉଚିତ୍, ଯେତେ ସୁନ୍ଦର ରୂପଯୁକ୍ତ ଫୁଲ, ସେତେ ଦଂଶିତା। ଏ ରୂପ ଦି' ଦିନିଆ। କେବଳ ଯୌବନ ଚାଲିଗଲେ ସବୁ ଶେଷ ହୋଇଯାଏ। ବୃଦ୍ଧାବସ୍ଥାରେ ଏ ରୂପ କ'ଣ ଫେରି ଆସିବ? ଏଣୁ ଭାମିନୀ ହେବା ପୂର୍ବରୁ ସଚେତନ ହେବା ଉଚିତ୍। ଅନେକ ଏମିତି ନାରୀ ଅଛନ୍ତି, ସେମାନେ ଅସୁହାଣି। କଣ୍ଟା ବାଡ଼ରେ ଲୁଗା ପକାଇ କଳି କରୁଥିବା ମହିଳା ନିଶ୍ଚେ ଭାମିନୀ ସମ୍ପ୍ରଦାୟର। କିଛି କୁହନ୍ତି, ଅଲକ୍ଷଣୀ ଓ ଅମଙ୍ଗୁଳୀ ନାରୀ ସେହିମାନେ, ଯେଉଁମାନଙ୍କର ସର୍ବଦା କୁନଜର। ନିଜ ଭିତରର ନାରୀତ୍ୱର ବିକାଶ ବଦଳରେ ଅନ୍ୟ ନାରୀର ବିକାଶକୁ ଆକ୍ଷେପ କରନ୍ତି, ଆଲୋଚନା କରନ୍ତି; କିନ୍ତୁ ଅନୁଶୀଳନ କରନ୍ତି ନାହିଁ।

ଭାମିନୀ ଜାତୀୟା ନାରୀ ନିଶ୍ଚେ ବୁଢ଼ୀ ଅସୁରୁଣୀ ଗପର ନାୟିକା। ସେମାନଙ୍କୁ କଳା ଜିଭର ମହିଳା ବୋଲି ଗ୍ରାମାଞ୍ଚଳରେ କୁହନ୍ତି। ଏକେ ତ ଜିଭରୁ ବାହାରୁ ଥିବା ଶବ୍ଦ ଅଶ୍ଳୀଳତାପୂର୍ଣ୍ଣ, ଦ୍ୱିତୀୟରେ ସଂସାରର ସୁଖର ସ୍ୱାଦ ବି ନେଇପାରେ ନାହିଁ। କେବଳ ମହିଳା ନୁହନ୍ତି, ପୁରୁଷମାନେ ମଧ୍ୟ ସେମାନଙ୍କ ଜ୍ୱାଳାରେ ଆତଙ୍କିତ ହୁଅନ୍ତି। ନା ପୁତ୍ର, ନା ସ୍ୱାମୀ, ନା ବନ୍ଧୁ ପରିଜନ- ସଭିଏଁ ଭାମିନୀଙ୍କଠାରୁ ଦୂରେଇ ରହିବାକୁ ଶ୍ରେୟ ମଣନ୍ତି। ମୁଖରେ ହସ ପରିବର୍ତ୍ତେ କ୍ରୋଧର ଛିଟା, ଭଗବତ୍ ନାମ ବଦଳରେ ଅସଭ୍ୟ ଭାଷା ଓ ଓଠରେ ବିଦ୍ରୂପର ବିଜୁଳି ଖେଳେଇବା ସେମାନଙ୍କର ପ୍ରକୃତି। ଏହା ନିଶ୍ଚେ ସହଜାତ ନୁହେଁ, ବରଂ ସଂଗୃହୀତ।●

ପୋଖରୀପୁଟ, ଭୁବନେଶ୍ୱର
ମୋ: ୯୩୪୮୮୯୩୭୫୨

# ଆଶାର ସଙ୍କେତ

ଏମିତି ଏକ ବର୍ଷ, ଯେଉଁ ବର୍ଷରେ ଦୁଇ ଗୋଟି ଯୁଦ୍ଧ ଏବଂ ପାଞ୍ଚଟି ସଂଘର୍ଷ ଘଟିଛି ଏବଂ ୨ ବିଲିଅନ୍‌ରୁ ଅଧିକ ଲୋକ ବସବାସ କରୁଥିବା ୭୦ଟି ଦେଶରେ ନିର୍ବାଚନ ହୋଇଛି, ସେହି ବର୍ଷରେ ଏମିତି ଏକ ସମ୍ବାଦ ମିଳିଛି, ଯାହା ଶାନ୍ତି ରୂପରେ ଆଶାର ପ୍ରଥମ ସବୁଜ ସଙ୍କେତ ହୋଇଥାଇ ପାରେ। ପଶ୍ଚିମ ଏସିଆ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଇସ୍ରାଏଲ ଏବଂ ଲେବାନନ୍‌ରେ ସକ୍ରିୟ ଥିବା ଇରାନ ସମର୍ଥିତ ଆତଙ୍କବାଦୀ ସଂଗଠନ ହେଜବୋଲ୍ଲା ଦୀର୍ଘ ମାସର ତୀବ୍ର ସଂଘର୍ଷ ପରେ ଅସ୍ତ୍ର ବିରତି ପାଇଁ ରାଜି ହୋଇଛନ୍ତି। ଆମେରିକା ଓ ଫ୍ରାନ୍ସର ହସ୍ତକ୍ଷେପ କ୍ରମେ ନଭେମ୍ବର ୨୭ ତାରିଖ ମଧ୍ୟରାତ୍ରିରେ (ଇସ୍ରାଏଲ ସମୟ ଅନୁସାରେ) ଏହି ଚୁକ୍ତି କାର୍ଯ୍ୟକାରୀ ହୋଇଛି। ଏହି ଅଞ୍ଚଳରେ ଉତ୍ତେଜନା ହ୍ରାସ ଦିଗରେ ଏହା ଏକ ସମ୍ଭାବ୍ୟ ପଦକ୍ଷେପ ବୋଲି କୁହାଯାଉଛି, କିନ୍ତୁ ଏହାର ସଫଳତା ଏବଂ ଦୀର୍ଘମିଆଦୀ ପ୍ରଭାବ ଅନିଶ୍ଚିତ ରହିଛି। ଅସ୍ଥିର ଇସ୍ରାଏଲ-ଲେବାନନ୍ ସୀମାରେ ଶାନ୍ତି ଫେରାଇ ଆଣିବା ଏହି ଅସ୍ତ୍ର ବିରତି ଚୁକ୍ତିର ଉଦ୍ଦେଶ୍ୟ। ଏଥିରେ କୁହାଯାଇଛି ଯେ ହେଜବୋଲ୍ଲା ଏବଂ ଲେବାନନ୍‌ର ଅନ୍ୟ ସଶସ୍ତ୍ର ଗୋଷ୍ଠୀ ଇସ୍ରାଏଲ ବିରୋଧରେ ସମସ୍ତ ଆକ୍ରମଣାତ୍ମକ ଅଭିଯାନ ବନ୍ଦ କରିବେ। ପ୍ରତିବଦଳରେ ଇସ୍ରାଏଲ ଲେବାନନ୍‌କୁ ଟାର୍ଗେଟ କରି ସାମରିକ କାର୍ଯ୍ୟାନୁଷ୍ଠାନରୁ ଦୂରେଇ ରହିବ। ଏହି ଚୁକ୍ତିର ଏକ ପ୍ରମୁଖ ଦିଗ ହେଉଛି, ଜାତିସଂଘ ନିରାପତ୍ତା ପରିଷଦର ପ୍ରସ୍ତାବ ୧୭୦୧କୁ ସ୍ୱୀକୃତି ପ୍ରଦାନ କରାଯିବା, ଯେଉଁଥିରେ ଆତଙ୍କୀମାନଙ୍କୁ ନିରସ୍ତ୍ରୀକରଣ ଏବଂ ଦକ୍ଷିଣ ଅଞ୍ଚଳରେ ଲେବାନନ୍‌ର ରାଷ୍ଟ୍ରୀୟ ବାହିନୀର ସ୍ୱତନ୍ତ୍ର ଅଧିକାର ପାଇଁ ଆହ୍ୱାନ ଦିଆଯାଇଛି। ସର୍ତ୍ତାବଳୀ ବଳବତ୍ତର ରହିଲେ ୬୦ ଦିନ ମଧ୍ୟରେ ବ୍ଲୁ ଲାଇନ୍‌ର ଦକ୍ଷିଣରେ ଥିବା ସ୍ଥାନରୁ ସେନା ପ୍ରତ୍ୟାହାର କରିବାକୁ ଇସ୍ରାଏଲ ରାଜି ହୋଇଛି। ସମସ୍ତ ଅସ୍ତ୍ର ବିରତି ସର୍ତ୍ତ ପୂରଣ ହେଉ ନଥିଲେ ମଧ୍ୟ ୬୦ ଦିନ ଧରି ଚାଲିଥିବା ହେଜବୋଲ୍ଲା-ଇସ୍ରାଏଲ ଯୁଦ୍ଧ ବିରତି ଅଧିକାଂଶ ସମୟରେ ହେଉଥିବା ଦେଖିବାକୁ ମିଳୁଛି, ଯାହା କି ଯୁଦ୍ଧ ଓ ସଂଘର୍ଷ ଭିତରେ ଆଶାବାଦର ସଂଚାର କରି ଏହା କେତେଦୂର ଧ୍ୱଂସକାରୀ, ତାହା ଲୋକଙ୍କ ନେତାମାନେ ଅନୁଭବ କରିବାକୁ ସୁଯୋଗ ପ୍ରଦାନ କରୁଛି।

ଏହି ଅସ୍ତ୍ର ବିରତିର ଅର୍ଥ ନୁହେଁ ଯେ ଇସ୍ରଏଲୀ ସେନା ତା'ର ନିଜ ସ୍ଥାନକୁ ଅର୍ଥାତ୍ ଇସ୍ରାଏଲରେ ଥିବା ଶିବିରକୁ ଫେରି ଆସିଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଇରାନ୍ ଉପରେ ଧ୍ୟାନ ଦେବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଅସ୍ତ୍ରଶସ୍ତ୍ର ଏବଂ ଯୁଦ୍ଧାସ୍ତ୍ର ଯୋଗାଣରେ ବିଳମ୍ବ ସମେତ ଲଜିଷ୍ଟିକ୍ ଚ୍ୟାଲେଞ୍ଜ ଥିବାରୁ ଇସ୍ରାଏଲ ଯୁଦ୍ଧ ବିରତି ପାଇଁ ରାଜି ହୋଇଥିଲା, ଯେଉଁଥିପାଇଁ ଗଚ୍ଛିତ ଅସ୍ତ୍ର ପୂରଣ କରିବା ସହିତ ଭବିଷ୍ୟତର ଅପରେସନ୍ ପାଇଁ ପ୍ରସ୍ତୁତି କରିବା ନିମନ୍ତେ ଯୁଦ୍ଧ ସ୍ଥଗିତ ରହିବା ଆବଶ୍ୟକ ଥିଲା। ଆଞ୍ଚଳିକ ଅସ୍ଥିରତାର ବ୍ୟାପକ ପରିପ୍ରେକ୍ଷୀ ମଧ୍ୟରେ ଏହି ଅସ୍ତ୍ର ବିରତି ଆସିଛି। ୨୦୨୩ ଅକ୍ଟୋବରରେ ଇସ୍ରାଏଲ ସାଧାରଣ ନାଗରିକଙ୍କ ଉପରେ ନୃଶଂସ ଆତଙ୍କବାଦୀ ଆକ୍ରମଣ ପରେ ଇସ୍ରାଏଲ ଓ ହମାସ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧରେ ସହସ୍ରାଧିକ ଲୋକ ପ୍ରାଣ ହରାଇ ସାରିଲେଣି। ଗାଜାରେ ମାନବୀୟ ସଙ୍କଟ ଗମ୍ଭୀର ହେବାରେ ଲାଗିଥିବା ବେଳେ ଏହା ଉପରେ ଇସ୍ରାଏଲର ଆକ୍ରମଣରେ କୌଣସି ହ୍ରାସ ଘଟିନାହିଁ। ହେଜବୋଲ୍ଲା ଆକ୍ରମଣକୁ ବଢ଼ାଇବା ପରେ ଏହି ଲଢ଼େଇ ଇସ୍ରାଏଲର ଉତ୍ତର ସୀମା ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା, ଯାହା ଫଳରେ ଇସ୍ରାଏଲ ଏହାର ଜବାବ ଦେଇଥିଲା। ଅସ୍ତ୍ର ବିରତି ଆଶାର କିରଣ ଦେଖାଉ ଥିବା ବେଳେ କେତେକ ଆହ୍ୱାନ ମଧ୍ୟ ସୃଷ୍ଟି କରିଛି। ଏହି ଚୁକ୍ତିର ସଫଳତା ଏହାର କଠୋର କାର୍ଯ୍ୟକାରିତା, ବିଶେଷକରି ଲେବାନନ୍‌ରେ ଆତଙ୍କୀମାନଙ୍କ ନିରସ୍ତ୍ରୀକରଣ ଉପରେ ନିର୍ଭର କରେ। ଅର୍ଥନୈତିକ ଓ ରାଜନୈତିକ ସଙ୍କଟ ସହ ସଂଘର୍ଷ କରୁଥିବା ଲେବାନନ୍ ସରକାର ଏକ ଗଭୀର ଓ ସଶସ୍ତ୍ର ସଂଗଠନ ହେଜବୋଲ୍ଲା ଉପରେ ନିଜର ଅଧିକାର ଜାହିର କରିବା ପାଇଁ ପ୍ରବଳ ଚାପର ସମ୍ମୁଖୀନ ହେବେ।

ଏହି ଯୁଦ୍ଧ ବିରତିର କାରଣ ଯାହା ହେଉ ନା କାହିଁକି, କିନ୍ତୁ ଏହା ନିଶ୍ଚିତ ଭାବରେ ଶାନ୍ତି ପ୍ରତିଷ୍ଠାକୁ ସୁଯୋଗ ପ୍ରଦାନ କରିବ। ଆଞ୍ଚଳିକ ଶାନ୍ତି ପାଇଁ ଏହି ଚୁକ୍ତିର ପ୍ରଭାବ ଗଭୀର। ଯଦି ଏହାକୁ ବଜାୟ ରଖାଯାଏ, ତେବେ ଏହା ଇସ୍ରାଏଲର ଉତ୍ତର ସୀମାରେ ଉତ୍ତେଜନା ହ୍ରାସ କରି ପାରିବ, ବିସ୍ଥାପିତ ନାଗରିକମାନଙ୍କୁ ଘରକୁ ଫେରିବାକୁ ସୁଯୋଗ ଦେବ ଏବଂ ପ୍ରଭାବିତ ଅଞ୍ଚଳରେ ମାନବିକ ରିଲିଫ ପ୍ରଦାନ କରାଇ ପାରିବ। ଲେବାନନ୍ ପାଇଁ ଏହି ଚୁକ୍ତି ସଶସ୍ତ୍ର ଅଣ-ରାଷ୍ଟ୍ରୀୟ କାର୍ଯ୍ୟକର୍ତ୍ତାଙ୍କ ପ୍ରଭାବକୁ ନିୟନ୍ତ୍ରଣ କରି ନିଜର ସାର୍ବଭୌମତ୍ୱକୁ ସୁଦୃଢ଼ କରି ପାରିବ ଏବଂ ଅଧିକ ସ୍ଥିରତା ପାଇଁ ବାଟ ପ୍ରଶସ୍ତ କରିବ। ତଥାପି ଇସ୍ରାଏଲ-ହମାସ୍ ବିବାଦ ଏବଂ ଇରାନ ସହ ଉତ୍ତେଜନା ଭଳି ଅସମାଧିତ ପ୍ରସଙ୍ଗଗୁଡ଼ିକ ସ୍ଥାୟୀ ଶାନ୍ତି ପାଇଁ ବିପଦ ସୃଷ୍ଟି କରୁଛି। ଆମେରିକା, ଫ୍ରାନ୍ସ ଏବଂ ୟୁନିଫିଲ (ୟୁଏନ୍‌ଆଇଏଫ୍‌ଆଇଏଲ୍)ର ଭୂମିକାକୁ ଅନୁପାଳନକୁ ସୁନିଶ୍ଚିତ କରିବା ଦୁଇ ସମ୍ପୃକ୍ତ ପକ୍ଷମାନଙ୍କ ମଧ୍ୟରେ ପୁନଃନିର୍ମାଣ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ।

ଯଦିଓ ଘଡ଼ିର କଣ୍ଟା ଭଳି ତାଙ୍କର ରାଷ୍ଟ୍ରପତି ପଦ ଉପରେ ଟିକ୍ ଟିକ୍ ଶବ୍ଦ ପ୍ରତି ମୁହୂର୍ତ୍ତରେ ବାଜିବାରେ ଲାଗିଛି, ତଥାପି ଜୋ ବାଇଡେନ୍ ଏଥିପାଇଁ ତାଙ୍କ କାର୍ଯ୍ୟ ଜାରି ରଖିଛନ୍ତି। ସେ ଚାହୁଁଛନ୍ତି ଯେ ମଧ୍ୟପ୍ରାଚ୍ୟରେ ଶାନ୍ତି ବିଶ୍ୱ ପାଇଁ ଏକ ଉପହାର ହେଉ, ଯଦିଓ ସମସ୍ତେ ଜାଣନ୍ତି ଯେ ବିଶ୍ୱର 'ଶାସନ ପରିବର୍ତ୍ତନ'ରେ ପ୍ରଭାବ ପକାଇବାରେ ସମ୍ପୃକ୍ତ ଆମେରିକା ସମ୍ଭବତଃ ବାଂଲାଦେଶ ସମେତ ବିଶ୍ୱର ଅନେକ ସ୍ଥାନରେ ବଡ଼ ଅସ୍ଥିରତା ସୃଷ୍ଟି କରିଛି। ହମାସ୍ ଭଳି କ୍ଷତିଗ୍ରସ୍ତ ଓ କ୍ଷତ ବିକ୍ଷତ ଏବଂ ୧୩ ମାସର ଯୁଦ୍ଧରେ ଅଧା ନେତୃତ୍ୱ ହରାଇଥିବା ହେଜବୋଲ୍ଲା ଅସ୍ତ୍ରବିରତିକୁ ଗ୍ରହଣ କରିବାକୁ ଇଚ୍ଛୁକ, କିନ୍ତୁ ପ୍ରାୟ ୩,୮୦୦ ଲେବାନନ୍‌ବାସୀ ପ୍ରାଣ ହରାଇବା ପରେ। ହମାସ୍ ଏବେ ଅସ୍ତ୍ର ବିରତି ସମ୍ପର୍କରେ ବୁଝାମଣା କରିବାକୁ ଇଚ୍ଛୁକ, କିନ୍ତୁ ପ୍ରଶ୍ନ ଉଠୁଛି ଯେ ଇସ୍ରାଏଲ ଅକ୍ଟୋବର ୭ରେ ହମାସ୍‌କୁ ତା'ର ଉତ୍ତେଜନା ସୃଷ୍ଟିକାରୀ ପରିସ୍ଥିତି ତଥା ତା' ପରବର୍ତ୍ତୀ ଆତଙ୍କ ସୃଷ୍ଟିରୁ ନିବର୍ତ୍ତାଇବାକୁ ଚାହୁଁଛି ନା କେବଳ ପୁନର୍ଗଠନ ଏବଂ ଆତଙ୍କ ସୃଷ୍ଟି କରିବା ସହିତ ଏହି ଇହୁଦୀ ରାଷ୍ଟ୍ର ବିରୁଦ୍ଧରେ ପାଟି ଫିଟାଇବାକୁ ସୁଯୋଗ ଦେବାକୁ ଚାହୁଁଛି। ବାଇଡେନ୍ କହିଛନ୍ତି ଯେ ଏହି ଯୁଦ୍ଧ ବିରତି ଆମକୁ ମନେ ପକାଇ ଦେଉଛି କି ଶାନ୍ତି ପ୍ରତିଷ୍ଠା ସମ୍ଭବପର। ସେ ଦେଖିବାକୁ ଚାହୁଁଛନ୍ତି ଯେ ଇସ୍ରାଏଲ ଇରାନ ଏବଂ ପ୍ରକ୍ସି ବିରୋଧରେ ରଣନୈତିକ ଫାଇଦାକୁ ଏକ ସମନ୍ୱିତ ରଣନୀତିରେ ପରିଣତ କରିବାକୁ ଚାହୁଁଛି କି ନାହିଁ। ଏବେ ଦେଖିବାକୁ ବାକି ରହିଲା ଇସ୍ରାଏଲ ଶାନ୍ତିର ଆଲୋକ ଦେଖି ଏହି ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ଗାଜାରେ ଅପରେସନ ବନ୍ଦ କରିବାକୁ ରାଜି ହେବ କି ନାହିଁ।●

# ଶ୍ରୀମନ୍ଦିରରେ ଦେବ ଦୀପାବଳି

ସନ୍ତୋଷ କୁମାର ଦାଶ

'କୃଷ୍ଣ ପକ୍ଷେ ଚତୁର୍ଦ୍ଦଶ୍ୟାଂ ତ୍ରିକାଳର୍ଚ୍ଚା/ ବସାନତଃ, ବୃକ୍ଷ ତଣ୍ଡୁଳ କୁଯ୍ୟାଭନ୍ନଧେ ଘୃତୈର୍ଯୁତାନ।' ପବିତ୍ର କାର୍ତ୍ତିକ ମାସର କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ଓଡ଼ିଆମାନେ ସାଧାରଣତଃ ଆଲୋକର ଉତ୍ସବ ଦୀପାବଳି ପାଳନ କରୁଥିବା ବେଳେ କାର୍ତ୍ତିକ ମାସର ଅମାବାସ୍ୟା ଦିନ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପୟା ଶ୍ରାଦ୍ଧ ପ୍ରଦାନ କରିଥାନ୍ତି। କିନ୍ତୁ ପୁରୀ ଶ୍ରୀମନ୍ଦିରରେ ମାର୍ଗଶିର ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ଏହି ତିନି ଦିନ ଦେବ ଦୀପାବଳି ଉତ୍ସବ ପାଳନ ହୋଇ ଶ୍ରୀଜିଉମାନଙ୍କ ଶ୍ରାଦ୍ଧ ବେଶ ଅନୁଷ୍ଠିତ ହୋଇଥାଏ। ଦଶରଥ, କୌଶଲ୍ୟା, ନନ୍ଦ, ଯଶୋଦା, ଦେବକୀ, ବସୁଦେବ, ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚାଙ୍କୁ ଶ୍ରୀଜିଉମାନଙ୍କ ପିତୃପୁରୁଷ ଭାବେ ବିବେଚନା କରାଯାଇ ସେମାନଙ୍କ ଉଦ୍ଦେଶ୍ୟରେ ଦୀପ ଦାନ କରାଯାଇଥାଏ। ଶ୍ରୀମନ୍ଦିରରେ ଚତୁର୍ଦ୍ଦଶୀ ତିଥିରେ ସନ୍ଧ୍ୟା ଧୂପ ବଢ଼ିବା ପରେ ସୁଧୁ ସୁଆର ସେବକମାନେ ରତ୍ନ ସିଂହାସନ ତଳେ ପାଣି ପକାଇ ସଫା କରିଥାନ୍ତି। ଭଣ୍ଡାର ମେକାପ ଚାଉଳରେ ଏକ ଗଛ ସିଂହାସନ ତଳେ କରିଥାନ୍ତି। ପାଳିଆ ମେକାପ ବଇଠାମାନଙ୍କରେ ଘିଅ ଦେଇ ଉକ୍ତ ଚାଉଳ ଗଛରେ ବତୀ ଲଗାଇଥାନ୍ତି। ୩ ଗୋଟି ସୁନା ଆଳତି ଲଗାଇବା ପରେ ପୂଜାପଣ୍ଡା ସେବକ ଚାଉଳ ଗଛଗୁଡ଼ିକ ସଂସ୍କାର କରି ପାଣି ଛଡ଼ାଇବା ପରେ ପଣ୍ଡା, ପତି ମହାପାତ୍ର, ମୁଦିରସ୍ତ ପ୍ରମୁଖ ସେବକ ରତ୍ନ ସିଂହାସନ ଆରୋହଣ କରି ତିନି ବାଡ଼ରେ ବନ୍ଦାପନା କରିଥାନ୍ତି। ତତ୍ପରେ ୩ ଗୋଟି ମହାଦୀପରେ ବନ୍ଦାପନା ହୋଇଥାଏ। ତିନି ଜଣ ପାଳିଆ ପୂଜାପଣ୍ଡା ଉକ୍ତ ମହାଦୀପକୁ ହାତରେ ଧରି ଜୟ ବିଜୟ ଦ୍ୱାର ପାଖକୁ ଯାଇଥାନ୍ତି। ମହାଦୀପ କଳସକୁ ପାଳିଆ ଚୁନରା ସେବକଙ୍କୁ ପ୍ରଦାନ କରାଯାଏ। ଚୁନରା ସେବକ ବଡ଼ ଓଡ଼ିଆ ମଠ ପ୍ରଦତ୍ତ ତେଲ, ଘିଅ ନେଇ ଅଁଳା ବେଢ଼ା ଉପରେ ଦୀପମାନ ଜାଳନ୍ତି। ଚନ୍ଦ୍ର ଉଦିଆ ଜାଳି ଗଜପତି ମହାରାଜାଙ୍କ ନାମ ଉଚ୍ଚାରଣପୂର୍ବକ ତାଙ୍କ ମଙ୍ଗଳ କାମନା କରିଥାନ୍ତି। ଏହି ସମୟରେ ରତ୍ନ ସିଂହାସନ ଉପରେ ଶ୍ରୀଜିଉମାନଙ୍କ ଶ୍ରାଦ୍ଧ ବେଶ ଅନୁଷ୍ଠିତ ହୋଇଥାଏ। ପୁଷ୍ପାଳକ ସେବକମାନେ ଶ୍ରୀଜିଉମାନଙ୍କୁ ନାଗପୁରୀ ଶାଢ଼ି ଚାଦରରେ ଏହି ବେଶ କରିଥାନ୍ତି। ଏହି ବେଶରେ ଶ୍ରୀଜିଉମାନେ ଧବଳ ବସ୍ତ୍ର ପରିଧାନ କରିଥାନ୍ତି, କିନ୍ତୁ ପ୍ରତ୍ୟେକ ଠାକୁରଙ୍କର ଲୁଗାର ଧଡ଼ିଗୁଡ଼ିକ ଭିନ୍ନ ଭିନ୍ନ ରଙ୍ଗର ହୋଇଥାଏ। ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ଲୁଗା ଧଡ଼ିର ରଙ୍ଗ କଳା ହୋଇଥିବା ବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୁଗା ଧଡ଼ିର ରଙ୍ଗ ହଳଦିଆ ଓ ଦେବୀ ସୁଭଦ୍ରାଙ୍କ ଲୁଗା ଧଡ଼ିର ରଙ୍ଗ ନାଲି ବର୍ଣ୍ଣ ହୋଇଥାଏ। ଶ୍ରୀଜିଉମାନଙ୍କ ତ୍ରିମୁଣ୍ଡିରେ ଶ୍ରୀକପଡ଼ା ଆବୃତ କରାଯାଇଥାଏ। ଚାଦରଟି ଶ୍ରୀଭୁଜ ପର୍ଯ୍ୟନ୍ତ ପ୍ରସାରିତ ହୋଇଥାଏ। ଏହି ଶ୍ରାଦ୍ଧ ବେଶରେ ଶ୍ରୀଜିଉମାନେ ତଦଗୀ, କୁଣ୍ଡଳ, ନଳି ଭୁଜ, ଚନ୍ଦ୍ର ସୂର୍ଯ୍ୟ, ଆଡ଼କାନି, କମରପଟି, ହରିଡ଼ା ମାଳି ପ୍ରଭୃତି ସ୍ୱର୍ଣ୍ଣ ଅଳଙ୍କାର ପରିଧାନ କରିଥାନ୍ତି। ଦେବ ଦୀପାବଳି ପାଳନ ହେଉଥିବାରୁ ଶ୍ରୀମନ୍ଦିରକୁ ରଙ୍ଗିନ ଆଲୋକ ମାଳାରେ ସଜ୍ଜିତ କରାଯାଇ ଥାଏ। ଚଳିତ ବର୍ଷ ନଭେମ୍ବର ୩୦, ଡିସେମ୍ବର ୧ ଓ ୨ ତାରିଖରେ ଶ୍ରୀମନ୍ଦିରରେ ଏହି ଉତ୍ସବ ପାଳନ କରାଯିବ। ଆସନ୍ତୁ, ସମସ୍ତେ ମହାପ୍ରଭୁଙ୍କ ଏହି ଉତ୍ସବରେ ସାମିଲ ହୋଇ ନିଜକୁ ଧନ୍ୟ ମନେ କରିବା। ଜୟ ଜଗନ୍ନାଥ।●

ତୁଳସୀପୁର, ପୁରୀ,ମୋ: ୯୪୩୯୩୬୧୮୮

# ନୂତନ ଥାନା ଆଇଆଇସିଙ୍କୁ ସମ୍ବର୍ଦ୍ଧନା



**କୁଆଖିଆ,୨୯।୧୧/ଏନ୍‌ଏନ୍‌ଏସ୍‌:** କୁଆଖିଆ ଥାନାରେ ନୂତନ ଅଧିକାରିଣୀ ଭାବେ ଚିନ୍ମୟୀ ସାହୁ ଯୋଗ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ମା' ହେଙ୍ଗୁଳା ବରିଷ୍ଠ ନାଗରିକ ମଞ୍ଚ ସଭାପତି କୃଷ୍ଣଚନ୍ଦ୍ର ସାହୁ, ସମ୍ପାଦକ ନଟବର ସେଠୀ, ସଂଗଠନର ସମ୍ପାଦକ ବିରଳ ଦାସ, ସହସମ୍ପାଦକ ବିମ୍ବାଧର ଓଝା ଓ ଶ୍ରୀଧର ବାରିକ ପ୍ରମୁଖ ନୂତନ ଅଧିକାରିଣୀଙ୍କୁ ସମ୍ବର୍ଦ୍ଧିତ କରି ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ଦିଗରେ ସହଯୋଗ କରିବାକୁ ଆଲୋଚନା କରିଥିଲେ।

## ପ୍ରଥମ ପୃଷ୍ଠାରୁ

## ସମଗ୍ର ବିଶ୍ୱରେ...

ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟରେ ଶିଳ୍ପ କ୍ଷେତ୍ରର ବିକାଶକୁ ଆଗେଇନେବା ପାଇଁ 'ଉତ୍କର୍ଷ ଓଡ଼ିଶା' ମାଧ୍ୟମରେ ପୁଞ୍ଜିନିବେଶ ଦିଗରେ ଗୁରୁତ୍ୱ ଦିଆଯାଉଛି। ରାଜ୍ୟକୁ ମୋଟ ୧ ଲକ୍ଷ ୮୦ ହଜାର କୋଟିର ପୁଞ୍ଜି ନିବେଶକୁ ଅନୁମୋଦନ ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି। ଖୁବ କମ ଦିନରେ ୧୮ ହଜାର ସରକାରୀ ନିଯୁକ୍ତି ମଧ୍ୟ ପ୍ରଦାନ କରାଯାଇଛି। ପ୍ରିୟ ଯଶସ୍ୱୀ ପ୍ରଧାନମନ୍ତ୍ରୀ ୨୦୪୭ ମସିହା ସୁଦ୍ଧା 'ବିକଶିତ ଭାରତ' ପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି ସେଥିରେ ଓଡ଼ିଶାର ବହୁତ ବଡ ଯୋଗଦାନ ରହିଛି। ୨୦୩୬ରେ ଯେବେ ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ ହେବ, ସେବେ 'ସମୃଦ୍ଧ ଓଡ଼ିଶା, ବିକଶିତ ଓଡ଼ିଶା' ଗଠନ ହେବ; ଯାହାକି 'ବିକଶିତ ଭାରତ' ନିର୍ମାଣରେ ବିଶେଷ ସହଯୋଗ କରିବ। କେନ୍ଦ୍ର ସରକାର ଓଡ଼ିଶାକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ପ୍ରଥମ ଥର ପାଇଁ ଓଡ଼ିଶାରେ ଡିଜିପି ସମ୍ମିଳନୀ ଆୟୋଜନ କରିବା ପାଇଁ ସୁଯୋଗ ଦେଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଉଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ପୂର୍ବୋଦୟ ବିକାଶର କେନ୍ଦ୍ରବିନ୍ଦୁ ହେବା ସହିତ ଦେଶର ବିକାଶର ରେଳରେ ପ୍ରଥମ ବଗି ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଏହାକୁ ସାକାର ରୂପ ଦେବାପାଇଁ ଡବଲ ଇଞ୍ଜିନ ସରକାର ନିଶ୍ଚୟ ଏକ ଆହ୍ୱାନର ସହ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦୃଢ଼ତାର ସହ ପ୍ରକାଶ କରିଥିଲେ।

ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେପିର ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡାଙ୍କ ସମେତ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ରାଜ୍ୟର ମନ୍ତ୍ରୀ, ବିଧାୟକ ଓ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ।

## ଦେଶର ସୁରକ୍ଷା...

ଅତ୍ୟାଧୁନିକ କୌଶଳ ସହ ତାଳ ଦେଇ ଅପରାଧ କ୍ଷେତ୍ରରେ ଟେକ୍ନୋଲୋଜିର ବ୍ୟବହାରକୁ ରୋକିବା ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି। ଏଥିପାଇଁ କଡା ସୁରକ୍ଷା ବଳୟରେ ରହିଛନ୍ତି ସବୁ ରାଜ୍ୟର ସୁରକ୍ଷାବାହିନୀ ମୁଖିଆ।

ଡିଜିପି ସମ୍ମିଳନୀକୁ ଆତଙ୍କବାଦୀଙ୍କ ଧମକ ଥିବାରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ସାରା ଭୁବନେଶ୍ୱର ହୋଇଛି ପୁଲିସ ଛାଉଣୀ। ପାଖାପାଖି ୮୫ ପ୍ଲାଟୁନ ଫୋର୍ସ ଭୁବନେଶ୍ୱରକୁ ଜଗିଛନ୍ତି। ସହରର ମୁଖ୍ୟ ଛକଗୁଡ଼ିକରେ ବିଏସ୍‌ଏଫ୍‌, ସିଆରପିଏଫ୍‌ ଯବାନଙ୍କ ସମେତ ସୁରକ୍ଷା ବାହିନୀର ଅନ୍ୟ କର୍ମଚାରୀ ମୁତୟନ ହୋଇଛନ୍ତି। ବିମାନବନ୍ଦର, ଲୋକସେବା ଭବନ, ରାଜଭବନ, ରାଜ୍ୟ ଅତିଥି ଭବନ ସହିତ ସହର ପ୍ରମୁଖ ସ୍ଥାନଗୁଡ଼ିକ ପୁଲିସର ସ୍କାନରରେ ରହିଛି। ପୁରା ଭୁବନେଶ୍ୱରକୁ ନୋ ଫ୍ଲାଇଂ ଜୋନ୍‌ ଘୋଷଣା କରାଯାଇଛି। ଲୋକସେବା ଭବନ ଚତୁଃପାର୍ଶ୍ୱକୁ ଆଧୁନିକ ଅସ୍ତ୍ର ସହ ପୁଲିସ ଜଗିଛନ୍ତି। ନିଜେ ଓଡ଼ିଶା ପୁଲିସ୍‌ ଡଜିପି ୱାଇବି ଖୁରାନିଆ ସୁରକ୍ଷା କାର୍ଯ୍ୟର ତଦାରଖ କରିଛନ୍ତି। ଲୋକମାନଙ୍କ ଯାତାୟତ ଉପରେ କଟକଣା ବି ଲାଗିଛି। ସମ୍ମିଳନୀର ପ୍ରଥମ ଦିନରେ ସବୁ ରାଜ୍ୟର ଆଇଜି ଏବଂ ଡିଜିଙ୍କ ସହି ଗୃହମନ୍ତ୍ରୀ ଅମିତ୍‌ ଶାହ ଆଲୋଚନା କରିଛନ୍ତି। ଦ୍ୱିତୀୟ ଦିନରେ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ ଯୋଗ ଦେଇ ଦେଶର ସୁରକ୍ଷା ଉପରେ ଡିଜିପିଙ୍କ ସହ ବିସ୍ତୃତ ଆଲୋଚନା କରିବେ।

## ଓଡ଼ିଶାରେ...

ସେହିପରି ୨ ତାରିଖରେ ମଧ୍ୟ ୯ ଜିଲ୍ଲାରେ ବର୍ଷା ଲାଗି ରହିବ। ଜିଲ୍ଲା ଗୁଡ଼ିକ ହେଉଛି ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କୋରାପୁଟ, ରାୟଗଡ଼ା, ମାଲକାନଗିରି ଓ ନବରଙ୍ଗପୁର। ସେହିପରି ଆସନ୍ତା ୪ରୁ ୫ ଦିନ ପାଇଁ ଓଡ଼ିଶାର ଜିଲ୍ଲା ଗୁଡ଼ିକରେ ସର୍ବନିମ୍ନ ତାପମାତ୍ରାରେ କୌଣସି ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ଆସନ୍ତା ୨୪ ଘଣ୍ଟାରେ ଗୋଟିଏ ୨ଟି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଯିବ। ଜିଲ୍ଲା ଗୁଡିକ ହେଉଛି କନ୍ଧମାଳ ଓ କଳାହାଣ୍ଡି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗର ତଥ୍ୟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୦.୫ ଡିଗ୍ରୀ ରେକର୍ଡ କରାଯାଇଛି। ପାହାଡ଼ିଆ ଅଞ୍ଚଳ ଭାବରେ କୋରାପୁଟରେ ସର୍ବନିମ୍ନ ୯.୪ ଡିଗ୍ରୀ ତାପମାତ୍ରା ରହିଥିଲା। ସେହିପରି ଖୋର୍ଦ୍ଧା, ପାରଳାଖେମୁଣ୍ଡି ଓ ଛତ୍ରପୁରେ ସର୍ବାଧିକ ୩୦.୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଅନ୍ୟପଟେ ଭୁବନେଶ୍ୱରରେ ସର୍ବାଧିକ ୨୮.୦ ଡିଗ୍ରୀ ଓ ସର୍ବନିମ୍ନ ୨୧.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। କଟକରେ ସର୍ବାଧିକ ୨୬.୮ ଡିଗ୍ରୀ ଓ ସର୍ବନିମ୍ନ ୧୯.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

## ପାଟପୁର ଥାନାକୁ...

ଏହି ସମସ୍ତ ମାନଦଣ୍ଡରେ ଗଞ୍ଜାମ ଜିଲ୍ଲା ପାଟପୁର ଥାନାର ଉଲ୍ଲେଖନୀୟ ପ୍ରଦର୍ଶନ ରହିଥିଲା। ଏହାକୁ ଭିତ୍ତିକରି ପାଟପୁର ଥାନା ଦ୍ୱିତୀୟ ଶ୍ରେଷ୍ଠ ଥାନା ଭାବେ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲା। ପାଟପୁର ଥାନା ଆଇଆଇସି ସବ୍ୟସାଚୀ ମଲ୍ଲ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଠାରୁ ପ୍ରଶଂସାପତ୍ର ସହ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଅବସରରେ ପାଟପୁର ଥାନାର ସମସ୍ତ ସହକର୍ମୀ, କର୍ମଚାରୀଙ୍କୁ ଆଇଆଇସି ସବ୍ୟସାଚୀ ମଲ୍ଲ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## କାରରୁ ୮୮ କେଜିର...

ମାପଚୁପ ପରେ ଜବତ ଇଟାର ଓଜନ ୮୮ କେଜି ଓ ନଗଦ ୫ଲକ୍ଷ ଟଙ୍କା କାରରୁ ମିଳିଥିବା ଜଣାଯାଇଛି।

ଉକ୍ତ କାରକୁ ପୁଲିସ ଜବତ କରିଥିବା ବେଳେ ଦୁଇଜଣ ବ୍ୟବସାୟୀଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଛି । ଅଧିକ ପଚରାଉଚରା ପରେ ବିନା ଜିଏସଟି ରେ ଏହି ରୁପା ବ୍ୟବସାୟ ହେଉଥିବା ପୁଲିସ ଜାଣିବାକୁ ପାଇଛି। ତେଣୁ ଅଧିକ ତଦନ୍ତ ପାଇଁ ଜିଏସଟି ଅଧିକାରୀଙ୍କୁ ଖବର ଦିଆଯାଇଛି। ସେମାନେ ପହଞ୍ଚି ଦୁଇ ଅଟକ ବ୍ୟକ୍ତିଙ୍କୁ ପଚରାଉଚରା କରିବା ପରେ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ପୁଲିସ୍‌ ଅଧିକାରୀ କହିଛନ୍ତି।

## ନକଲି ନୋଟ୍‌ ଦେଇ...

ଲୁଟ୍‌ର ଶିକାର ହେବା ଜାଣିପାରି ସେ ସଙ୍ଗେ ସଙ୍ଗେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍‌ ଏକ ମାମଲା ରୁଜୁ କରିବା ସହ ବ୍ରହ୍ମପୁର ଏସ୍‌ପିଙ୍କ ନେତୃତ୍ୱରେ ଗୋପାଳପୁର, ଗୋଳନ୍ଥରା ଓ ବୈଦ୍ୟନାଥପୁର ଥାନାକୁ ନେଇ ଏକ ଟିମ୍‌ ଗଠନ କରି ଘଟଣାର ଛାନ୍‌ଭିନ୍‌ କରାଯାଇଥିଲା। ତଦନ୍ତ କରି ପ୍ରଥମେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ତା ନିକଟରୁ ୨ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ପଚରାଉଚରା ପରେ ଅନ୍ୟ ଜଣେ ଅଭିଯୁକ୍ତ ଶିବଶଙ୍କର ପଟ୍ଟନାୟକକୁ ଗୋଇଲୁଣ୍ଡି ଅଞ୍ଚଳରୁ ଗିରଫ କରାଯିବା ସହ ତା ନିକଟରୁ ୧୪ ଲକ୍ଷ ଟଙ୍କା ଏବଂ କଟକ ଅଞ୍ଚଳରୁ ଅନ୍ୟ ଜଣେ ଅଭିଯୁକ୍ତଠାରୁ ବଳକା ଟଙ୍କାକୁ ଜବତ କରାଯାଇଥିବା ଜଣାପଡିଛି। ପୁଲିସ୍‌ ଘଟଣାର ତଦନ୍ତ ଜାରି ରଖିଛି। ଅନ୍ୟ ଜଣେ ଫେରାର୍‌ ଅଭିଯୁକ୍ତକୁ ମଧ୍ୟ ଖୁବ୍‌ଶୀଘ୍ର ଧରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

## କାର ଦୁର୍ଘଟଣାରେ...

ଘଟଣା ସ୍ଥଳରେ ପଦ୍ମଚରଣ ଓ ମଞ୍ଜୁଲତା ମୃତ୍ୟୁବରଣ କରିଥିବା ବେଳେ ମିଳିନା ଗୁରୁତର ଆହତ ହୋଇଥିବା ଖବର ପାଇ ଘଟଣା ସ୍ଥଳରୁ ୧୦୮ ଯୋଗେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଖଣ୍ଡପଡ଼ା ପୋଲିସ୍‌ ଦୁର୍ଘଟଣା ସ୍ଥଳକୁ ଯାଇ ତଦନ୍ତ କରୁଥିବା ବେଳେ ଶବ ଜବତ୍‌ କରାଯାଇଛି। ଗୁରୁତର ଆହତ ଥିବା ମିଳିନାଙ୍କୁ ଚିକିତ୍ସା କରାଯାଉଥିବା ବେଳେ ଶନିବାର ଉଭୟଙ୍କର ଶବ ବ୍ୟବଚ୍ଛେଦ ହେବ। ଘଟଣାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ଶୋକାକୁଳ ପରିସ୍ଥିତି ଉପୁଜିଥିବା ଜଣାଯାଇଛି।

### କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ ପ୍ରସ୍ତୁତି ଶେଷ

# ସ୍ଥିତି ପରଖିଲେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ

**କୋଣାର୍କ,୨୯।୧୧/ଏନ୍‌ଏନ୍‌ଏସ୍‌:** ଚଳିତ ଡ଼ିସେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ୩୫ତମ କୋଣାର୍କ ଉତ୍ସବ ଓ ୧୪ତମ ଅର୍ନ୍ତଜାତୀୟ ବାଲୁକା କଳା ପ୍ରଦର୍ଶନୀର ପ୍ରସ୍ତୁତି ଶେଷହୋଇଛି। ଶୁକ୍ରବାର ସନ୍ଧ୍ୟାରେ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲ ଓ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ପର୍ଯ୍ୟଟନ ବିଭାଗ ସହାୟକ ନିର୍ଦ୍ଦେଶକ ସରୋଜ ପ୍ରଧାନ ପ୍ରମୁଖ ନାଟ୍ୟମଣ୍ଡପ, ମିନାବଜାର ଓ ଚନ୍ଦ୍ରଭାଗାରେ ଆୟୋଜିତ ହେବାକୁ ଥିବା ବାଲୁକାକଳା ପ୍ରଦର୍ଶନୀ ସ୍ଥଳକୁ ବୁଲି ଦେଖିଥିଲେ। କୋଣାର୍କ ଉତ୍ସବର ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏହାକୁ କିଭଳି ସରସ ସୁନ୍ଦର ଭାବରେ କରାଯାଇ ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିପାରିବ ସେନେଇ ସମସ୍ତ ବ୍ୟବସ୍ଥା କରିବାକୁ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। କୋଣାର୍କରେ ଟ୍ରାଫିକ ଓ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯାଇଛି ଓ ଉତ୍ସବ ପାଞ୍ଚଦିନ କୋଣାର୍କ, ହେଲିପ୍ୟାଡ୍‌ ଓ ଚନ୍ଦ୍ରଭାଗା ବଜାରର ମୁଖ୍ୟ ଛକରେ ସିସିଟିଭି ଲଗାଯିବ ଓ ଉତ୍ସବ ସମୟରେ ସୁରକ୍ଷା, ପାର୍କିଂ, ଆଲୋକ ବ୍ୟବସ୍ଥା ସହିତ କୋଣାର୍କ ଏନ୍‌ଏସି ଆଦି ବିଭାଗକୁ ସୁଚାରୁରୂପେ ତୁଲାଇବା ପାଇଁ ନିର୍ଦ୍ଦେଶ



ଦିଆଯାଇଛି। ସେହିଭଳି କୋଣାର୍କ ଉତ୍ସବକୁ ନେଇ ଟ୍ରାଫିକ ସମସ୍ୟା କିଭଳି ନ ଉପୁଜିବ ସେନେଇ ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲା ସ୍ଥିତି ସମୀକ୍ଷା କରିବା ସହିତ ମିନାବଜାର, ଚନ୍ଦ୍ରଭାଗା ଓ ମୁକ୍ତାକାଶ ରଙ୍ଗମଞ୍ଚ ସଂଲଗ୍ନ ସମସ୍ତ ଅଞ୍ଚଳରେ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ପାଇଁ ୬ ଡିଏସ୍‌ପି, ୬ ପ୍ଲାଟୁନ୍‌ ଫୋର୍ସ, ଜଣେ ଆଡିସିନାଲ୍‌ ଏଏସ୍‌ପିଙ୍କ ଦାୟିତ୍ୱରେ ରହି ଟ୍ରାଫିକ ନିୟନ୍ତ୍ରଣ କରିବେ। ସେହିଭଳି ଆନ୍ତର୍ଜାତିକ ବାଲୁକା କଳା ପ୍ରଦର୍ଶନୀ ପାଇଁ ୮ଟି ଦେଶର ବିଦେଶୀ ଶିଳ୍ପୀଙ୍କ ସମେତ ଭାରତର ୧୦ଟି ରାଜ୍ୟର ବାଲୁକା ଶିଳ୍ପୀମାନେ ନିଜର ବାଲୁକା କଳା ପ୍ରଦର୍ଶନ କରିବାକୁ ଥିବାବେଳେ ରାଜ୍ୟର ୧୦୦ ବାଲୁକା ଶିଳ୍ପୀ କଳା ପ୍ରଦର୍ଶନ କରିବାକୁ ଥିବା ସୁଦର୍ଶନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମ ପାଞ୍ଚ ଦିନ ଧରି ଚାଲିବାକୁ ଥିବା ବେଳେ ଦେଶବିଦେଶର ପର୍ଯ୍ୟଟକଙ୍କ ଅଗାମାନକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରାଯିବ ବୋଲି ଅଧିକାରୀମାନେ କହିଛନ୍ତି।

## ବ୍ୟଙ୍ଗକାର ଚିତାକଟାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



**ନୟାଗଡ଼,୨୯।୧୧/ଏନ୍‌ଏନ୍‌ଏସ୍‌:** ଓଡିଶା ହାସ୍ୟ ବ୍ୟଙ୍ଗ ସାହିତ୍ୟର ଧୂରୀଣ ବ୍ୟଙ୍ଗକାର ଚିତାକଟା ଓରଫ୍‌ ସରୋଜ କୁମାର ମିଶ୍ରଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ନୀଳମାଧବ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି।

ସମାଜସେବୀ ପ୍ରମୋଦ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଏବଂ ମିଳିତ ଅନୁଷ୍ଠାନ ଓ ବ୍ୟଙ୍ଗ କଲମର ସମ୍ପାଦକ ତଥା ଧାରାବାହିକ ଅଭିନେତା ରବିନ୍ଦ୍ର କୁମାର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ବିଶ୍ୱନାଥ ମହାପାତ୍ର, ଜିଲ୍ଲା ଲେଖକ ପରିଷଦର ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ର, ସାହିତ୍ୟିକ ଚନ୍ଦ୍ର ବିଜୟୀ ମିଶ୍ର, ସାହିତ୍ୟିକା ବସିରୁନ୍‌ ବିବି, କବି ପ୍ରଶାନ୍ତ କୁମାର ଦାଶ, ସମାଜସେବୀ ଶ୍ରୀଧର ପ୍ରଧାନ, ବରିଷ୍ଠ ସାମ୍ବାଦିକ ଗୋକୁଳ କୁମାର ଷଡଙ୍ଗୀ ପ୍ରମୁଖ ଯୋଗଦେଇ ବ୍ୟଙ୍ଗ ପୁରୁଷ ଚିତାକଟାଙ୍କ ଅମ୍ଳାନ ବ୍ୟକ୍ତିତ୍ୱ ଓ ବ୍ୟଙ୍ଗ ସାହିତ୍ୟରେ ତାଙ୍କର ଭୂମିକାକୁ ଭୂୟସୀ ପ୍ରଶଂସା କରିବା ସହିତ ତାଙ୍କର ଶାଣିତ ବ୍ୟଙ୍ଗ ତରବାରୀରେ ସମାଜର ସାମାଜିକ ବିଧି ବ୍ୟବସ୍ଥାକୁ ଠିକ୍‌ ବାଟରେ ଆଣିବାକୁ ପ୍ରୟାସ କରିଥିବା ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ ସଭା ସଂଯୋଜନା କରିଥିଲେ।

## ବର୍ଷାରେ ଭିଜିଲା ପାଚିଲା ଧାନ, ଚିନ୍ତାରେ ଚାଷୀ



**ଖଣ୍ଡପଡ଼ା,୨୯।୧୧/ଏନ୍‌ଏନ୍‌ଏସ୍‌:** ଅଦିନିଆ ବର୍ଷା ଯୋଗୁଁ ଖଣ୍ଡପଡା ବ୍ଲକ ଅଞ୍ଚଳର ହେକ୍ଟର ହେକ୍ଟର ଚାଷ ଜମିରେ ପାଚିଲା ଧାନ ଗଛଗୁଡିକ ବର୍ଷାରେ ଭିଜୁଛି। କିଛି ଅଞ୍ଚଳରେ ଧାନଗଛ କଟା ଯାଇ ବିଲରେ ପଡିରହିଛି। ଶୁକ୍ରବାର ଦିନ ତମାମ ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ କୋହଲା ପାଗ ସାଙ୍ଗକୁ ଝିପି ଝିପି ବର୍ଷା ଲାଗିରହିଛି। ବର୍ଷାର ପ୍ରଭାବରେ ପାଚିଲା ଧାନ ଫସଲ ନଷ୍ଟ ହୋଇଯିବାର ଆଶଙ୍କା ଥିବାରୁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିଛି। ଅଦିନିଆ ବର୍ଷା ଦାଉ ସାଧୁଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

### ଶିଶୁବାଟିକା ବିଭାଗର ବାର୍ଷିକ କ୍ରୀଡ଼ା ଉତ୍ସବ

## 'ଶିଶୁଙ୍କ ସର୍ବାଙ୍ଗୀନ ବିକାଶରେ କ୍ରୀଡ଼ା ଏକ ପ୍ରମୁଖ ଅଙ୍ଗ'



**କେନ୍ଦୁଝର,୨୯।୧୧/ଏନ୍‌ଏନ୍‌ଏସ୍‌:** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡ଼ରେ ଶିଶୁବାଟିକା ବିଭାଗର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଆକାଶବାଣୀ କେନ୍ଦୁଝର କେନ୍ଦ୍ରର ବରିଷ୍ଠ ଉପସ୍ଥାପିକା ତଥା ବିଶିଷ୍ଟ ସାହିତ୍ୟିକା ଇନ୍ଦୁମତୀ ପାତ୍ର ଯୋଗଦେଇ କ୍ରୀଡ଼ା କିପରି କୋମଳମତି ଶିଶୁଙ୍କ ମଧ୍ୟରେ ଆନନ୍ଦ ଭରିଦିଏ ଏବଂ ଶୃଙ୍ଖଳା ଓ ପରସ୍ପର ସହଯୋଗର ଶିକ୍ଷା ଦିଏ ତାହା ପ୍ରତିପାଦନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା ଶିଶୁଙ୍କ ସର୍ବାଙ୍ଗୀନ ବିକାଶରେ କ୍ରୀଡ଼ା ଏକ ପ୍ରମୁଖ ଅଙ୍ଗ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଧାନଆଚାର୍ଯ୍ୟ ଅଲେଖ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଶିଶୁପ୍ରାରମ୍ଭ ଶ୍ରେଣୀର ବେଲୁନ୍‌ ଦୌଡ଼, ବଲ୍‌ ଦୌଡ଼ ଏବଂ ଶିଶୁବୋଧ ଶ୍ରେଣୀର ବଲ୍‌ଫିଙ୍ଗା ଓ ସଂଗ୍ରହ ଦୌଡ଼ ହେବାସହ ଶିଶୁଙ୍କ ମାଆଙ୍କ ଗଣବେଶ ସଜ୍ଜା ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ବିଜେତା ମାଆଙ୍କୁ ପୁରସ୍କୃତ କରାଯିବା ସହ ସମସ୍ତ ପ୍ରତିଭାଗୀ ଶିଶୁଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ୨୧୫ ଜଣ ଶିଶୁ ଅଂଶଗ୍ରହଣ କରିଥିଲେ। ସମାରୋପରେ ପ୍ରାତଃ ଅଧିବେଶନ ମୁଖ୍ୟ ଦୟାନିଧି ମହାନ୍ତ ଓ ପ୍ରଧାନଆଚାର୍ଯ୍ୟ ଅଲେଖ ମହାନ୍ତ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମସ୍ତ ଶିଶୁବାଟିକା ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ। ଶିଶୁବାଟିକା ମୁଖ୍ୟ ବିଜୟିନୀ ଦେବୀ ଧନ୍ୟବାଦ ଦେଇଥିଲେ।

## ଅଗ୍ନିକାଣ୍ଡରେ ପୋଡ଼ିହୋଇ ବୃଦ୍ଧାଙ୍କ ମୃତ୍ୟୁ

**ଖଣ୍ଡପଡ଼ା,୨୯।୧୧/ଏନ୍‌ଏନ୍‌ଏସ୍‌:** ଖଣ୍ଡପଡା ବ୍ଲକ୍‌ ଅଧିନ କିଆଝର ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡର ପ୍ରଭାବରେ ଏକ ଚାଳଘର ସଂପୂର୍ଣ୍ଣ ରୂପେ ପୋଡି ଯାଇଥିବା ବେଳେ ଘର ମଧ୍ୟରେ ଶୋଇଥିବା ଅବସ୍ଥାରେ ହୀରା ନାଏକ(୭୫) ନିଆଁରେ ପୋଡ଼ିହୋଇ ମୃତ୍ୟୁବରଣ କରିଥିବା ଜଣାଯାଇଛି। ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ମୃତଦେହ ଘର ମଧ୍ୟରୁ ଉଦ୍ଧାର କରାଯାଇଛି। ତାଙ୍କର ଶରୀର ସଂପୂର୍ଣ୍ଣ ରୂପେ ପୋଡି ଯାଇଥିବା ଜଣାପଡିଛି। ଗ୍ରାମବାସୀଙ୍କ ଠାରୁ ଖବରପାଇ ଖଣ୍ଡପଡା ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖବରପାଇ ଖଣ୍ଡପଡା ଥାନାଧିକାରୀ ନିହାର ରଞ୍ଜନ ମହାନ୍ତି ସଦଳବଳ ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କ ମୃତଦେହକୁ ଜବତ କରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରିଥିବା ଜଣାଯାଇଛି। ଏନେଇ ଖଣ୍ଡପଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାଯାଇଛି।

ଏହି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଥିବା ବେଳେ ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପରିବାରଙ୍କୁ ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ଚୋରି ପରେ ଦୋକାନରେ ନିଆଁ ଲଗାଇଲେ ଦୁର୍ବୃତ୍ତ

**ସୋର,୨୯।୧୧/ଏନ୍‌ଏନ୍‌ଏସ୍‌:** ସୋର ବ୍ଲକ୍‌ ଶିଙ୍ଗାଖୁଣ୍ଟା ପଞ୍ଚାୟତ ଶିଙ୍ଗାଖୁଣ୍ଟା ବଜାରରେ ଥିବା ଏକ ଗ୍ରୋସେରୀ ଦୋକାନରୁ ଦୁର୍ବୃତ୍ତମାନେ ଚୋରି କରିବା ପରେ ନିଆଁ ଲଗାଇ ଦେଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ, ଏହି ବଜାରରେ ଗୁଜଡ଼ିହା ଗ୍ରାମର ଉପେନ୍ଦ୍ର ଦୀକ୍ଷିତ ଦୀର୍ଘ ଦିନରୁ ଏକ ଭେରାଇଟି ଷ୍ଟୋର୍‌ ସହ ଗ୍ରୋସେରୀ ଦୋକାନ କରିଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଉକ୍ତ ଦୋକାନର ସଟର୍‌କୁ ଗ୍ୟାସ୍‌ କଟର୍‌ରେ କାଟି ଚୋରି କରିବା ପରେ ନିଆଁ ଲଗାଇ ଦେଇଥିଲେ। ଫଳରେ ଗ୍ରୋସରୀ ଦୋକାନ ସମେତ ନିକଟରେ ଥିବା ଏକ ଇଲେକ୍ଟ୍ରି ଦୋକାନ ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି। ଖବରପାଇ ସୋରରୁ ଏକ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ଉଭୟ ଦୋକାନରେ ଥିବା ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଗ୍ରୋସରୀ ଓ ଇଲେକ୍ଟ୍ରି ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା। ଶୁକ୍ରବାର ସକାଳେ ଏନେଇ ଖବରପାଇ ସୋର ଥାନା ଅଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରକାଶଥାଉକି ଗତ ୨୨ ତାରିଖ ରାତିରେ ଉପେନ୍ଦ୍ର ଦୋକାନ ବନ୍ଦ କରି ଘରକୁ ଯାଉଥିଲେ। ଏହି ସମୟରେ ୪ ଜଣ ଯୁବକ ୨ଟି ବାଇକ୍‌ରେ ଆସି ଭୁଜାଲିରେ ଆକ୍ରମଣ କରି ତାଙ୍କଠାରୁ ମୋବାଇଲ୍‌ ଓ ନଗଦ ଟଙ୍କା ଲୁଟ୍‌ କରିଥିଲେ। ଏନେଇ ଉପେନ୍ଦ୍ର ସୋର ଥାନାରେ ଅଭିଯୋଗ କରିଥିଲେ। ଏହି ରାଗରେ ଦୁର୍ବୃତ୍ତମାନେ ତାଙ୍କ ଦୋକାନ ଜାଳି ଦେଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍‌ ଧରିଛି।

## ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକ

**ବଲାଙ୍ଗୀ,୨୯।୧୧/ଏନ୍‌ଏନ୍‌ଏସ୍‌:** ଲଙ୍କେଶ୍ୱରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ମଧ୍ୟାହ୍ନରେ ରୈପ୍ୟ ଜୟନ୍ତୀ ବୈଠକ ଅଧକ୍ଷ ନିରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପୂର୍ବତନ ପରିଚାଳନା କମିଟିର ସଭାପତି, ସମ୍ପାଦକ ଓ ସମସ୍ତ ସଭ୍ୟ, ସଭ୍ୟାମାନଙ୍କୁ ନେଇ ଆଗାମୀ ଡିସେମ୍ବର ମାସ ଦ୍ୱିତୀୟ ସପ୍ତାହରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ପରିଚାଳନା କମିଟିର ସଭାପତି ପ୍ରଫେସର ସରୟୁ ବିହାରୀ ପତି, ମହେଶ ପ୍ରସାଦ ରଥ, ପ୍ରସନ୍ନ କୁମାର ଦାଶ, ମାଳତୀ ରାୟ, ମାଧବ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ବେହେରା, ଭାସ୍କର ଭୋଇ, ଭୀମସେନ ହାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ନାୟରା ତେଲଟାଙ୍କି ପକ୍ଷରୁ ସାପ୍ତାହିକ ପୁରସ୍କାର ବିତରଣ ଉତ୍ସବ

**ସାଲେପୁର,୨୯।୧୧/ଏନ୍‌ଏନ୍‌ଏସ୍‌:** ସାଲେପୁର କଟକ ମୁଖ୍ୟ ରାସ୍ତାର ଭାତପଡ଼ା ଠାରେ ଥିବା ସାଇ ସମୀକ୍ଷା ଫିଲିଂ ଷ୍ଟେସନ ନାୟରା ତେଲଟାଙ୍କିରେ ଦଶହରାଠାରୁ ଆରମ୍ଭ ହୋଇଥିବା ଲଟେରୀ ଉଠାଣ ଅବସରରେ ଷଷ୍ଠ ଓ ସପ୍ତମ ସାପ୍ତାହିକ ଲଟେରୀ ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାୟରା ତେଲଟାଙ୍କିର ପ୍ରୋପ୍ରାଇଟର୍‌ ହରିବନ୍ଧୁ ଶତପଥୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ଆମେ ସବୁ ସାଲେପୁରର ପ୍ରତିଷ୍ଠାତା ସଭାପତି ସମ୍ବିତ କୁମାର ଦାସ, ଶିଶୁଆ ସମବାୟ ସମିତିର ସଭାପତି ତଥା ଯୁବ କଣ୍ଠଶିଳ୍ପୀ ସଞ୍ଜୀବ ସାହୁ, କବି ଚନ୍ଦ୍ରମଣି ଭୂୟାଁ ଯୋଗଦେଇ ସାଇ ସମୀକ୍ଷା ଫିଲିଂ ଷ୍ଟେସନ୍‌ର ଏଭଳି ନିଆରା ପ୍ରୟାସକୁ ପ୍ରଶଂସା କରିଥିଲେ। ଟାଙ୍କିରେ ତେଲ ପକାଉଥିବା ଜଣେ ଗ୍ରାହକଙ୍କ ଦ୍ୱାରା ବନ୍ଦ ବାକ୍ସରେ ଥିବା କୁପନ୍‌ ମଧ୍ୟରୁ ଦୁଇଟି ଲଟେରୀ ଟିକଟ୍‌ ଉଠାଯାଇଥିଲା।ଉଠିଥିବା କୁପନ୍‌ରେ ଥିବା ମୋବାଇଲ୍‌ ନଂ.ରେ ଯୋଗାଯୋଗ କରି ଗ୍ରାହକଙ୍କୁ ଡକାଯାଇଥିଲା।ଏଥିରେ ଭାଗ୍ୟଶାଳୀ ବିଜେତା ରୂପେ ପାରାଦୀପ ଅଞ୍ଚଳର ରାମ




ଭିକାଲ ପାଲ ଓ ରାଇସୁଙ୍ଗୁଡ଼ା ଗ୍ରାମର ସନ୍ତୋଷ କୁମାର ସିଂହ ଭାତପଡ଼ାସ୍ଥିତ ନାୟରା ତେଲଟାଙ୍କିରେ ପହଞ୍ଚି ହରିବନ୍ଧୁ ଶତପଥି ଏବଂ ଅତିଥିମାନଙ୍କଠାରୁ ସାପ୍ତାହିକ ପୁରସ୍କାର ଏବଂ ଏକଶହ ଟଙ୍କାର ତେଲ ଗ୍ରହଣ କରିଥିଲେ। ପ୍ରକାଶ ଥାଉକି ଭାତପଡ଼ାସ୍ଥିତ ସାଇ ସମୀକ୍ଷା ଫିଲିଂ ଷ୍ଟେସନ୍‌ ନାୟରା ତେଲଟାଙ୍କି ତରଫରୁ ଅକ୍ଟୋବର୧୦ତାରିଖରୁ ଆରମ୍ଭ ହୋଇଥିବା ଲଟେରୀ ଉଠାଣ କାର୍ଯ୍ୟକ୍ରମ ଜାନୁଆରୀ ୨୬ ତାରିଖ ୨୦୨୫ରେ ଶେଷହେବ। ଏହା ମଧ୍ୟରେ ପ୍ରତି ସପ୍ତାହରେ ସାପ୍ତାହିକ ଲଟେରୀ ଉଠାଣ ଏବଂ ଜାନୁଆରୀ ୨୬ ତାରିଖ ୨୦୨୫ରେ ବମ୍ପର ପ୍ରାଇଜ୍‌ ଉଠାଣ ମହା ସମାରୋହରେ ପାଳନ କରାଯିବ। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଶାରଦା ପ୍ରସନ୍ନ ପଣ୍ଡା, ଚିତ୍ତରଞ୍ଜନ ମୁଦୁଲି, ଇଂ. ସନ୍ତୋଷ ସ୍ୱାଇଁ, ଶେଖ ରହିମୁଦିନ ଏବଂ ସଞ୍ଜିତ ବିଶ୍ୱାଳ, ସୁମନ୍ତ କୁମାର ପାତ୍ର, ପ୍ରସନ୍ନ କୁମାର ଦାଶ, ପବିତ୍ର ଦାସ, ହୃଷିକେଶ ନାଥ, ଅମରେନ୍ଦ୍ର ସାମଲଙ୍କ ସହିତ ନାୟରା ତେଲଟାଙ୍କିର କର୍ମଚାରୀ ଉପସ୍ଥିତ ଥିଲେ।

## ୨ ଯାତ୍ରୀବାହୀ ବସ୍‌ ମଧ୍ୟରେ ଧକ୍କା, ୨୦ରୁ ଊର୍ଦ୍ଧ୍ୱ ଆହତ

**ଟାଙ୍ଗୀ,୨୯।୧୧/ଏନ୍‌ଏନ୍‌ଏସ୍‌:** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର କୟଥପଲ୍ଲୀ-ଜୟମଙ୍ଗପୁର ଛକ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁଇଟି ଯାତ୍ରୀବାହୀ ବସ୍‌ ମଧ୍ୟରେ ଧକ୍କା ହୋଇ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରାଯାଇଛି। 'ନମସ୍କାର' ଯାତ୍ରୀବାହୀ ବସ୍‌କୁ 'ବାଲୁଙ୍କେଶ୍ୱର' ନାମକ ଯାତ୍ରୀବାହୀ ବସ୍‌ ପଛପଟୁ ଧକ୍କା ଦେଇଥିଲା। ଉଭୟ ଯାତ୍ରୀବାହୀ ବସ୍‌ ଗଞ୍ଜାମରୁ ଭୁବନେଶ୍ୱର ଆସୁଥିଲେ। ଦୁହିଁଙ୍କ ମଧ୍ୟରେ ଆଗ-ପଛ ହୋଇ ଓଭର ଟେକ୍‌ କରି ବେପାରୁଆ ଗାଡ଼ି ଚାଳନା କାରଣରୁ ଦୁର୍ଘଟଣା ଘଟିଥିବା ପ୍ରତ୍ୟେକ୍ଷଦର୍ଶୀମାନେ କହିଛନ୍ତି। ସାମାନ୍ୟ ଆହତମାନଙ୍କୁ ଟାଙ୍ଗୀ ମେଡିକାଲରେ ଏବଂ ଗୁରୁତର ଆହତମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି।

# ମିଳୁନି ବକେୟା ଅର୍ଥରାଶି

## କଲେଜ ଫାଟକ ଆଗରେ ଠିକାଦାରଙ୍କ ଆତ୍ମହତ୍ୟା ଉଦ୍ୟମ



**କଟକ,୨୯।୧୧/ଏନ୍ଏନ୍ଏସ୍:** କଟକ କଲେଜ ମୁଖ୍ୟ ଫାଟକରେ ସମ୍ମୁଖରେ ଠିକାଦାର ମାନସ ନାୟକ ଏବଂ ତାଙ୍କର ପତ୍ନୀ ତୃପ୍ତୀ ନାୟକ ନିଜର ବକେୟା ଅର୍ଥରାଶି ପାଇବା ପାଇଁ କଲେଜ ଫାଟକ ସମ୍ମୁଖରେ ପ୍ରତିବାଦ କରିବା ସହ ଦେହରେ ପେଟ୍ରୋଲ ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତେବେ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଏହି ଉଦ୍ୟମରୁ ସେମାନଙ୍କୁ ନିବୃତ୍ତ କରିଥିବା ଜଣାପଡ଼ିଛି। ଗତ ୨୦୧୭ ମସିହାରେ ନୂଆବଜାର ସ୍ଥିତ କଟକ କଲେଜର ବିଭିନ୍ନ ବିକାଶମୂଳକ କାମ ୧କୋଟି ୬୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଶ୍ରୀ ନାୟକ କାମ କରିଥିଲେ । ନିର୍ଦ୍ଧାରିତ ସମୟସୀମା ଭିତରେ ସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ ହୋଇଥିଲା ବେଳେ ତାଙ୍କୁ ମାତ୍ର ୭୬ଲକ୍ଷ ଟଙ୍କା ମିଳିଛି। ଅବଶିଷ୍ଟ ୮୬ ଲକ୍ଷ ଟଙ୍କା ପାଇବା ପାଇଁ ବାରମ୍ବାର ଜିଲ୍ଲା ପ୍ରଶାସନ ଏବଂ କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ଫେରାଦ ହୋଇଥିଲେ ବି କିଛି ଫଳ ମିଳି ନଥିଲା। ଏଣୁ ସେ ଆଜି ଜାତୀୟ ମାନବିକ ଅଧିକାର ପରିଷଦର କର୍ମୀ ସସ୍ମିତା ଦାଶଙ୍କ ଉପସ୍ଥିତରେ ଏଭଳି ଉଦ୍ୟମ କରିଥିଲେ। ଅପରପକ୍ଷେ କଲେଜ କମିଟିର ଅଧକ୍ଷ ଏଡିଏମଙ୍କ ସହ ଯୋଗାଯୋଗ କରିବାରୁ ଠିକାଦାର ମାନସ ତାଙ୍କ କାର୍ଯ୍ୟରେ ବହୁତ ଅନିୟମିତତା କରିଛନ୍ତି। ଖୁବଶୀଘ୍ର ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ମାତ୍ର ଯଦି ମୁଁ ଦୋଷୀ ମୋତେ କାହିଁକି ଗିରଫ କରାଯାଉ ନାହିଁ ବୋଲି ମାନସ ପ୍ରଶ୍ନ ଉଠାଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ଦାବିପତ୍ର

**କଟକ,୨୯।୧୧/ଏନ୍ଏନ୍ଏସ୍:** ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ଅନ୍ତର୍ଭୁକ୍ତ ଯଶପଡ଼ା, ୪୨ମୌଜା, ବେଲେଶ୍ୱର ଓ ନୂଆବଜାର ଯୋନ ପକ୍ଷରୁ କଟକ ସଦର ବ୍ଲକର ଅର୍ଥ ଅଧିକାରୀଙ୍କୁ ଚିକିତ୍ସା ଭତ୍ତା ସହ ଅନ୍ୟ ଆଠ ଦଫା ଦାବି ଉପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ର ଅନୁରୂପ ଚିକିତ୍ସା ଭତ୍ତା ଓ ଚିକିତ୍ସା ସୁବିଧା, ୬୫ବର୍ଷରୁ ଅତିରିକ୍ତ ପେନ୍ସନ୍, ପିଜିପିଏ ବିଭାଗର ପୁନଃସ୍ଥାପନ, କମ୍ୟୁଟେସନ ଦେୟର ଅବଧି ୧୨ବର୍ଷକୁ ହ୍ରାସ, କ୍ୱାଲିଫାଇଙ୍ଗ ସର୍ଭିସ ୨୦ବର୍ଷକୁ ହ୍ରାସ,୧୮ମାସର ମହଙ୍ଗା ଭତ୍ତା ପ୍ରଦାନ, ପୁରୁଣା ପେନସନ ଯୋଜନା ଚାଲୁ ଆଦି ୯ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏନେଇ ଜିଲ୍ଲା ମୁଖ୍ୟ ସଂଯୋଜକ ସୁବୋଧ କୁମାର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦାବିଗୁଡ଼ିକ ଗୃହୀତ ହୋଇ ଅଜୟ ପଟ୍ଟନାୟକ, ଡ଼.ପ୍ରଫୁଲ କୁମାର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ନାୟକ ଓ ଶରତ ଚନ୍ଦ୍ର ପରିଡ଼ାଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରିଥିଲେ। ଅନୁଷ୍ଠିତ ସଭାରେ ମହାସଂଘର ଅଧକ୍ଷ ପ୍ରତାପ ଚନ୍ଦ୍ର ଦାସ, ମହାସଚିବ ଗୋକୁଳାନନ୍ଦ ବେହେରା ଯୁଗ୍ମ ସମ୍ପାଦକ ସୁଦର୍ଶନ ପ୍ରଧାନ, ଅନ୍ୟତମ ସଂଯୋଜକ ଗୋପୀନାଥ କର, ବରିଷ୍ଠ ନେତୃତ୍ୱ ଶିଶିର କୁମାର ନାୟକ, ବିଭୁ ପଦାରବିନ୍ଦ ଆଚାର୍ଯ୍ୟ, ବିଭୁତି ଭୂଷଣ ମହାନ୍ତି, ଧୀରେନ୍ଦ୍ର କୁମାର ନାୟକ, ପ୍ରଫୁଲ କୁମାର ନାୟକ, ସୁବୋଧ କୁମାର ମହାନ୍ତି, ପ୍ରେମାନନ୍ଦ ଜେନା ଓ ବିଜୟ କୁମାର ପ୍ରମୁଖ ପେନସନର୍ସମାନଙ୍କ ଦାବିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦିଅନ୍ତୁ ବୋଲି କହିଛନ୍ତି। ଚିକିତ୍ସା ଭତ୍ତା ସହ ଅନ୍ୟ ଜରୁରୀ ଦାବିଗୁଡ଼ିକର ଆଶୁ ସମାଧାନ କରିବାକୁ ସରକାର ଆଗେଇ ଆସିବା ଉଚିତ ବୋଲି ମହାସଂଘର କାର୍ଯ୍ୟକାରୀ ଅଧକ୍ଷ ନିର୍ମଳ ଚନ୍ଦ୍ର ଦାସ କହିଛନ୍ତି।

## ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନକୁ ସମର୍ଥନ




**କଟକ,୨୯।୧୧/ଏନ୍ଏନ୍ଏସ୍:** ଭାରତ ସରକାରଙ୍କ 'ବାଲ୍ୟ ବିବାହ ମୁକ୍ତ ଭାରତ'ର ଆହ୍ୱାନକୁ ଗ୍ରହଣ କରି ଉତ୍କଳ ସେବକ ସମାଜ ପକ୍ଷରୁ କଟକ ଜିଲ୍ଲାରେ ୫୦ରୁ ଊର୍ଦ୍ଧ୍ୱ ଗ୍ରାମରେ ଏକକ ସଚେତନତା ଏବଂ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କେନ୍ଦ୍ର ମହିଳା ଓ ଶିଶୁ ବିଭାଗ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଜାତୀୟ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇ ଉତ୍କଳ ସେବକ ସମାଜର ସମ୍ପାଦକ ଅମୀୟ ଭୂଷଣ ବିଜ୍ଞାନ କହିଛନ୍ତି ଯେ ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରକ୍ଷା କରି ଆମେ ଆମ ଝିଅମାନଙ୍କୁ ବାଲ୍ୟ ବିବାହରୁ ଉଦ୍ଧାର କରିବା ପାଇଁ କାର୍ଯ୍ୟ କରୁଛୁ । ଯୋଜନାବଦ୍ଧ ଆଭିମୁଖ୍ୟ ଭାବରେ ଆରମ୍ଭ ହୋଇଥିବା ଏହି ଅଭିଯାନ ଏବେ ଦେଶବ୍ୟାପୀ ଆନ୍ଦୋଳନରେ ପରିଣତ ହୋଇଛି ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏନେଇ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଉତ୍କଳ ସେବକ ସମାଜର ଆଇନ୍ ପରାମର୍ଶଦାତା ଚିତ୍ତରଞ୍ଜନ ମହାନ୍ତି, ନିର୍ଦ୍ଦେଶକ ଇଂ ଅନ୍ୱୟ ଅଭିନବଙ୍କ ସହିତ ମଳୟ କୁମାର ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

# ବ୍ଲୁ ଫ୍ଲାଗ୍ ବିଚ୍‌ରେ ନୌସେନାର ଦୁଃସାହସିକ କଳା ପ୍ରଦର୍ଶନ







**ପୁରୀ,୨୯।୧୧/ଏନ୍ଏନ୍ଏସ୍:** ଗତକାଲି ପରି ଆଜି ମଧ୍ୟ ନୌସେନା ଯବାନଙ୍କ ଜୋରଦାର ଅଭ୍ୟାସ। ଆକାଶ ମାର୍ଗରୁ ଗୁଳି ବର୍ଷା। ବାଦଲ ଚିରି ଭାରତୀୟ ନୌସେନାର ଏୟାରକ୍ରାଫ୍ଟ କ୍ଷୀପ୍ର ଗତିରେ ଏ ମୁଣ୍ଡରୁ ସେ ମୁଣ୍ଡକୁ ଯାଉଛି। ଆଜି ୬ ଜଣ ଯବାନ ଏୟାରକ୍ରାଫ୍ଟରୁ ପାରାଚ୍ୟୁଟ ଯୋଗେ ସମୁଦ୍ର ଭିତର ତଥା ମୁଖ୍ୟ ଷ୍ଟେଜ ସାମ୍ନାରେ ଅବତରଣ କରିଥିଲେ। କେତେବେଳେ ଲଢୁଆ ଫାଇଟର ଏୟାରକ୍ରାଫ୍ଟ ବାମ ପାର୍ଶ୍ୱରୁ ତ ଆଉ କେତେବେଳେ ଡାହାଣ ପାର୍ଶ୍ୱରୁ। କେତେବେଳେ ସମୁଦ୍ର ଭିତରୁ ତ କେତେବେଳେ ଯୁଦ୍ଧ ଜାହାଜ ନିକଟରେ। ଆଜି ଅପରାହ୍ଣରେ ପୁରୀ ବ୍ଲୁ ଫ୍ଲାଗ ବିଚରେ ଭାରତୀୟ ନୌସେନାର ୨୦ରୁ ଊର୍ଦ୍ଧ୍ୱ ଏୟାରକ୍ରାଫ୍ଟ ଏଭଳି ଦୁଃସାହସିକ କଳା ପ୍ରଦର୍ଶନ କରିଥିଲେ। ସେହିପରି ୧୦ରୁ ଊର୍ଦ୍ଧ୍ୱ ଯୁଦ୍ଧ ଜାହାଜ ପୁରୀ ସମୁଦ୍ର ଉପକୂଳରେ ପଇନ୍ତରା ମାରି ନିଜ ଶକ୍ତି ପ୍ରଦର୍ଶନ କରିଥିଲେ।ନୌସେନା ଦିବସ ପାଇଁ ଜୋରଦାର ଅଭ୍ୟାସ ଜାରୀ ରହିଛି। ଆକାଶ ମାର୍ଗରେ ସାମରିକ କଳା କୌଶଳ ଦେଖିବା ପାଇଁ ପ୍ରବଳ ଭିଡ଼ ହୋଇଥିଲା।ସେହିପରି ସମୁଦ୍ରରେ ଧାଡି କରି ଗୋଟିଏ ପରେ ଗୋଟିଏ ଯୁଦ୍ଧ ଜାହାଜ ନିଜ ନିଜ ପ୍ରଦର୍ଶନ ଦେଖାଇଥିଲେ। ଆସନ୍ତା ଡିସେମ୍ବର ୪ ତାରିଖରେ ଭାରତୀୟ ନୌସେନା ତା'ର ପରାକ୍ରମ ଦେଖାଇବ। ପୂର୍ଣ୍ଣ ଅଭ୍ୟାସ ପ୍ରଦର୍ଶନ ପୂର୍ବରୁ ବ୍ଲୁଫ୍ଲାଗ୍ ବେଳାଭୂମିରେ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ କଟକଣା କରାଯିବ। ସ୍ୱର୍ଣ୍ଣାଭ ବେଳାଭୂମି ଯୁଦ୍ଧ ଭୂମିର ଭ୍ରମ ସୃଷ୍ଟି କରିଛି। ଏଠାରେ ୱାର ଜୋନ୍ କରାଯାଇଛି। ଏହାକୁ ଦେଖିବା ପାଇଁ ପର୍ଯ୍ୟଟକଙ୍କ ଠାରୁ ସ୍ଥାନୀୟ ବାସିନ୍ଦାଙ୍କ ଭିଡ଼ ଜମୁଛି। ନୌସେନାର ଅପେରସନାଲ ଡେମୋ ଅଭ୍ୟାସ ବ୍ଲୁ ଫ୍ଲାଗ ବିଚରେ ହୋଇଥିଲା। ନୌସେନା ଦିବସ ପାଳନରେ ରାଷ୍ଟ୍ରପତି, ପ୍ରତିରକ୍ଷା ମନ୍ତ୍ରୀ ଓ ତିନି ସେନାର ମୁଖ୍ୟମାନେ ବସିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ଲାଇଟ ହାଉସ ଠାରୁ ଦିଗବାରେଣି ଖୁଣ୍ଟି, ନୀଳାଦ୍ରି ବିଚରୁ ପେଣ୍ଠକଟା ପର୍ଯ୍ୟନ୍ତ ସବୁସ୍ଥାନରେ ଯୁଦ୍ଧ ଜାହାଜ, ଏୟାରକ୍ରାଫ୍ଟ ଓ ରଣକୌଶଳ ଦେଖିବାର ସୁଯୋଗ ରହିଛି।

## ଦେବଦୀପାବଳି: ଆଲୋକମୟ ହେବ ବଡ଼ଦାଣ୍ଡ

**ପୁରୀ,୨୯।୧୧/ଏନ୍ଏନ୍ଏସ୍:** ଶ୍ରୀମନ୍ଦିରରେ ଆସନ୍ତାକାଲି ଠାରୁ ଦେବ ଦୀପାବଳି ନୀତି ଅନୁଷ୍ଠିତ ହେବ। ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ପ୍ରତିପଦା ତିନି ଦିନ ଧରି ଏହା ଅନୁଷ୍ଠିତ ହେବ। ଏହି ଅବସରରେ ମହାପ୍ରଭୁ ପିତୃପୁରୁଷଙ୍କୁ ପିଣ୍ଡଦାନ କରିବେ। ମହାପ୍ରଭୁ ଶ୍ରାଦ୍ଧ ବେଶରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିବେ। ଭକ୍ତଙ୍କୁ ଶ୍ରାଦ୍ଧ ବେଶରେ ଦର୍ଶନ ଦେବେ ଶ୍ରୀଜିଉ। ଏହି ଅବସରରେ ତିନି ଠାକୁର ଶ୍ୱେତ ବସ୍ତ୍ର ପରିଧାନ କରିବେ। ଠାକୁରଙ୍କୁ ସ୍ୱର୍ଣ୍ଣ ଅଳଙ୍କାରରେ ବିଭୂଷିତ କରାଯିବ। ପୂଜାପଣ୍ଡାମାନେ ପିଣ୍ଡଦାନ କରିବେ। ଶ୍ରାଦ୍ଧ ନୀତି ସରିବା ପରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବ। ଦେବ ଦୀପାବଳି ଅବସରରେ ଓଡ଼ିଶା ଇଣ୍ଟରନ୍ୟାସନଲ ସେଣ୍ଟର ଓ ପୁରୀର ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ସିଂହଦ୍ୱାର ଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଏକ ଲକ୍ଷ ଦୀପ ଜାଳିବାର ଅୟୋଜନ କରାଯାଇଛି। ସହରବାସୀ ନିଜ ଘର ଏବଂ ବଡ଼ଦାଣ୍ଡରେ ସ୍ୱେଚ୍ଛାକୃତ ଭାବେ ଦୀପଦାନ କରିବା ଲାଗି ଓଡ଼ିଶା ଇଣ୍ଟରନ୍ୟାସନାଲ୍ ସେଣ୍ଟର ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନିବେଦନ କରାଯାଇଛି। ଦେବ ଦୀପାବଳି ଉତ୍ସବକୁ ଭବ୍ୟ କରିବା ପାଇଁ ଗତ କିଛି ବର୍ଷ ହେବ ଓଡ଼ିଶା ଇଣ୍ଟରନ୍ୟାସନାଲ ସେଣ୍ଟର ପକ୍ଷରୁ ଦୀପଦାନ କରାଯାଉଛି। ଏହି ସଂଗଠନ ସହ ଓଡ଼ିଶା ମୋ ପରିବାର, ଛତିଶା ନିଯୋଗ, ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ସଂଗଠନ ସାମିଲ ହେବେ। ପ୍ରତ୍ୟେକ ଘରେ, ନିଜ ନିଜ ସାହିରେ ଥିବା ମନ୍ଦିରରେ ତଥା ବଡ଼ଦାଣ୍ଡରେ ଦୀପ ଜଳାଇ ସଂସାରର ମଙ୍ଗଳ କାମନା ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବା ପାଇଁ ଆୟୋଜକ ଗୌରହରି ପ୍ରଧାନ ଅନୁରୋଧ କରିଥିଲେ।

## ଏସ୍‌ପି-ହୋଟେଲ ମାଲିକ ଆଲୋଚନା




**ପୁରୀ,୨୯।୧୧/ଏନ୍ଏନ୍ଏସ୍:** ଆଜି ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲଙ୍କ ଅଧକ୍ଷତାରେ ଆଗାମୀ ଡିସେମ୍ବର ୪ରେ ହେବାକୁ ଥିବା ନୌସେନା ଦିବସ ଉପଲକ୍ଷେ ସମସ୍ତ ହୋଟେଲ ମାଲିକ/ପରିଚାଳକଙ୍କ ସହ ଆଲୋଚନା ହୋଇଥିଲା।ନୌସେନା ଦିବସ ପାଳନ ଦିନ ଚାରିଚକିଆ ଯାନ ପାଇଁ ସମୁଦ୍ର କୂଳ ରାସ୍ତା ଗୁଡିକରେ କଟକଣା ରହିବ। ଯେପରି ପର୍ଯ୍ୟଟକଙ୍କର କୌଣସି ଅସୁବିଧା ନହୁଏ ସେ ବିଷୟରେ ଆଲୋଚନା ହୋଇଥିଲା। ଯଥା ଭୁବନେଶ୍ୱର ରୋଡ, ଷ୍ଟେସନ ରୋଡ, କୋଣାର୍କ ରୋଡ ଏବଂ ବ୍ରହ୍ମଗିରି ରୋଡ ଦେଇ ଆସୁଥିବା ପର୍ଯ୍ୟଟକ ମାନଙ୍କର କୌଣସି ଅସୁବିଧା ନହୁଏ ସେଥିପ୍ରତି ଆଲୋଚନା ହୋଇଥିଲା। ଏହା ସହ ବାଙ୍କୀ ମୁହାଣ ଠାରୁ ଦିଗବାରେଣି ପର୍ଯ୍ୟନ୍ତ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପର୍ଯ୍ୟଟକମାନଙ୍କ ପାଇଁ କଟକଣା ରଖାଯିବ ବୋଲି ଆଲୋଚନା ହୋଇଥିଲା।

## ଦିନିକିଆ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ



**ବୟାଳିଶମୌଜା,୨୯।୧୧/ଏନ୍ଏନ୍ଏସ୍:** କଟକ ସଦର ଦେଉଳି ଗ୍ରାମସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍ ପରିସରରେ ୪୫ତମ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜିଲ୍ଲାରୁ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚ୍‌ରେ ଭୁବନେଶ୍ୱରର ଗଣ୍ଡରପୁର ଓ ଢେଙ୍କାନାଳର ପପୁଲାର କ୍ଲବ ମଧ୍ୟରେ କଡା ମୁକାବିଲା ହୋଇଥିଲା। ଏଥିରେ ଭୁବନେଶ୍ୱରର ଗଣ୍ଡରପୁର ଦଳ ଢେଙ୍କାନାଳର ପପୁଲାର କ୍ଲବ ଦଳକୁ ୧-୦ ଗୋଲ୍‌ରେ ପରାସ୍ତ କରି ବିଜୟ ହାସଲ କରିଥିଲେ। ପୁରସ୍କାର ବିତରଣୀ ସଭାରେ ବିଜେତା ଦଳକୁ ଚାମ୍ପିୟନ ଟ୍ରଫି ସହ ୧୦ ହଜାର ଅର୍ଥ ରାଶି ଓ ଉପବିଜେତାଙ୍କୁ ଟ୍ରଫି ସହ ୭ହଜାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଏଥିରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ପୁରୀ,୨୯।୧୧/ଏନ୍ଏନ୍ଏସ୍:** ସ୍ୱର୍ଗତ ଛଇଳ ସାହୁଙ୍କ ଦ୍ୱାଦଶାହ ଉପଲକ୍ଷେ ତାଙ୍କ ଗ୍ରାମ ପୁରୀ ଜିଲ୍ଲା କଣାସ ବ୍ଲକର ନବଡ଼ାରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପ୍ରାୟ ୬୫୦ ଜଣ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏହି ସ୍ୱାସ୍ଥ୍ୟ ଶିବିର ବିଷୟରେ ତାଙ୍କ ପୁତ୍ର ଦୁଷ୍ମନ୍ତ ସାହୁ କହିଥିଲେ ଯେ ଏହି ଶିବିର ଦ୍ୱାରା ଅନେକ ଲୋକ ନିଜ ନିଜର ରୋଗକୁ ଜାଣି ପାରିବା ସହ ସଠିକ୍ ଚିକିତ୍ସା ପାଇପାରିବେ। ଏହି ଅବସରେ ଓଡ଼ିଶାର ଅନେକ ପ୍ରଶାସନିକ ଅଧିକାରୀ, ପୁଲିସ ଅଧିକାରୀ, ସାମ୍ବାଦିକ, ପୁରୀର ଅନେକ ବିଶିଷ୍ଟ ବ୍ୟକ୍ତି ବିଶେଷ, ସମାଜସେବୀ ସ୍ୱର୍ଗତ ସାହୁଙ୍କ ବାସ ଭବନରେ ପହଞ୍ଚି ସ୍ମୃତିଚରଣ କରିଥିଲେ।

# ହାଇକୋର୍ଟରେ ବାସୁଦେବପୁର, ବରଗଡ଼ ଓ ବିଞ୍ଝାରପୁର ନିର୍ବାଚନ ମାମଲା

**କଟକ,୨୯।୧୧/ଏନ୍ଏନ୍ଏସ୍:** ବାସୁଦେବପୁର,ବିଞ୍ଝାରପୁର ଓ ବରଗଡ଼ ନିର୍ବାଚନ ମାମଲାରେ ଆଜି ହାଇକୋର୍ଟରେ ଶୁଣାଣି ହୋଇଛି। ବିଚାରପତି ରାଧାକୃଷ୍ଣ ପଟ୍ଟନାୟକଙ୍କ ଏହି ମାମଲାର ଶୁଣାଣି କରିଛନ୍ତି। ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଷ୍ଣୁବ୍ରତ ରାଉତରାୟଙ୍କ ପକ୍ଷରୁ ରୁଜୁ ମାମଲାରେ କଂଗ୍ରେସ ବିଧାୟକ ଅଶୋକ କୁମାର ଦାସ ଆଜି ଜବାବ ଦାଖଲ କରିପାରି ନାହାନ୍ତି। ତେବେ ଅଦାଲତ ଜବାବ ଦାଖଲର ପାଇଁ ଶେଷ ସୁଯୋଗ ଆଉ ଏକ ସପ୍ତାହ ପ୍ରଦାନ କରିଛନ୍ତି। ଆସନ୍ତା ଡିସେମ୍ବର ୧୧ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ହାଇକୋର୍ଟ ଆଦେଶ ଦେଇଛନ୍ତି। ବିଧାୟକ ଶ୍ରୀ ଦାସ ପ୍ରାର୍ଥିପତ୍ର ଦାଖଲ ବେଳେ ଦେଇଥିବା ସତ୍ୟପାଠରେ



ବହୁତ ମିଥ୍ୟା ତଥ୍ୟ ପ୍ରଦାନ କରିଛନ୍ତି ବୋଲି ଦର୍ଶାଇ ଆବେଦନକାରୀ ଶ୍ରୀ ରାଉତରାୟ ନିର୍ବାଚନକୁ ରଦ୍ଦ କରିବାକୁ କୋର୍ଟରେ ପ୍ରାର୍ଥନା କରିଛନ୍ତି।

ସେହିପରି ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ବିଜେପି ପ୍ରାର୍ଥୀ ଅଶ୍ୱିନୀ କୁମାର ଷଡ଼ଙ୍ଗୀଙ୍କ ବିରୋଧରେ ଦାଖଲ କରିଥିବା ପିଟିସନରେ ସମାନ ଅଭିଯୋଗ ରହିଥିଲା। ପରବର୍ତ୍ତୀ ଶୁଣାଣି ପାଇଁ ଅଦାଲତ ଆସନ୍ତା ୧୧ ତାରିଖକୁ ଦିନ ଧାର୍ଯ୍ୟ କରିଛନ୍ତି। ସେହିପରି ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ପରାଜିତ ବିଜେପି ପ୍ରାର୍ଥୀ ବବିତା ମଲ୍ଲିକ ବିଜୟୀ ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକଙ୍କ ବିରୋଧରେ ଆଣିଥିବା ପିଟିସନକୁ ଖାରଜ କରିବା ନେଇ ପ୍ରମିଳା ପିଟିସନ ଦାୟର କରିଛନ୍ତି। ବବିତା ମଲ୍ଲିକ ତାଙ୍କ ପିଟିସନରେ ଦର୍ଶାଇଛନ୍ତି ପ୍ରମିଳା ନିର୍ବାଚନ ସମୟରେ ବହୁ ଅନିୟମିତତା କରିଛନ୍ତି। ବୁଥ ଜବରଦଖଲ, ର୍‌ୟାଗିଂ, ଜଣକ ଭୋଟ୍ ଆଉ ଜଣେ ଦେବା ଆଦି ଅଭିଯୋଗ ବବିତା ପ୍ରମିଳାଙ୍କ ବିରୋଧରେ କରିଛନ୍ତି। ହେଲେ ବବିତା ତାଙ୍କ ପିଟିସନ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାଖଲ କରିନାହାନ୍ତି। ୩ ଦିନ ବିଳମ୍ବରେ ପିଟିସନ ଦାୟର ହୋଇଛି। ଅନିୟମିତତା ଅଭିଯୋଗ ଅନୁସାରେ ଫର୍ମ୨୫ ସତ୍ୟପାଠ ଦାଖଲ କରିନାହାନ୍ତି। ସିକ୍ୟୁରିଟି ଜମା୨ ହଜାର ଟଙ୍କା ମଧ୍ୟ ଦାଖଲ କରିନାହାନ୍ତି। ଏସବୁ ନିୟମାନୁସାରେ ପିଟିସନ ଦାଖଲ କରାଯାଇନାହିଁ। ଲୋକ ପ୍ରତିନିଧି ଆଇନର ଧାରା ୮୬ ଓ ଉପଧାରା୧ ଅନୁସାରେ ଖାରଜ କରାଯିବାକୁ ସେ ପ୍ରାର୍ଥନା କରିଛନ୍ତି। ପ୍ରମିଳାଙ୍କ ପିଟିସନର ଶୁଣାଣି କରି ବବିତା ମଲ୍ଲିକଙ୍କୁ ଜବାବ ଦାଖଲ ପାଇଁ ହାଇକୋର୍ଟ ଆଜି ଆଦେଶ ଦେଇଛନ୍ତି। ଆସନ୍ତା ୬ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି। ତିନୋଟିଯାକ ମାମଲାକୁ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ତରଣୀକାନ୍ତ ବିଶ୍ୱାଳ ପରିଚାଳନା କରୁଛନ୍ତି।

ନିତିଦିନ NITIDIN

DISPLAY CLASSIFIED

Every Day All Odisha Publications

For Booking
BHUBANESWAR : 9668817285
CUTTACK : 9937069825
advt@nitidin.com | advtnitidin@gmail.com

NURSING ADMISSION
GNM
Eligibility : +2Arts, Sc., Com.
Both Male & Female, Dur: 3yrs.
ANM
Eligibility: +2Pass-Only Female, Dur: 2yrs
MOTHER'S NURSING SCHOOL
120-Kalinga Nagar, K-1, Ghatikia, BBSR-3.
Permitted by: H &FW Dept., Govt of Odisha
Affiliated by: Indian Nursing Council, Delhi, Odisha Nursing Council, BBSR.
Contact: 9438004888
9861497933

Assured Success Technique
ADMISSION OPEN
B.ED / B.PED / M.ED
Academic Session: 2020-22
Under Acharya Nagrajun University, Guntur, A.P.
Equivalent to all Universities, Odisha.
SMECT
Satya Vihar, Bhubaneswar
Contact : 9040042064
9040042062, 8594948196

NARAYANI SCHOOL OF NURSING
GANDHI CHHAK JAGATSINGHPUR
Few seats Available
GNM
ELIGIBILTY 40% (35% FOR SC/ST)
IN +2 ANY STREAM
SCHOLARSHIP AVAILABLE FOR SC/ST STUDENTS.
CONTACT:-
7008545532
9040707835
9778435741

ଅଗରବତି କମ୍ପାନୀ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ୍ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ
ପ୍ରତ୍ୟେକ ମେସିନ୍ ସହ
Raw Material Free
7682938106
8018493464

ସୂଚନା।
ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଖବର କାଗଜରେ ପ୍ରକାଶିତ ବିଜ୍ଞାପନଗୁଡ଼ିକ ଦାବି ସଂପୃକ୍ତ ବିଜ୍ଞାପନ ଦାତାଙ୍କର ନିଜସ୍ୱ ଅଟେ। ଏଥିପାଇଁ ଖବରକାଗଜ ପକ୍ଷରୁ କୌଣସି ଅନୁସନ୍ଧାନ କରାଯାଇନଥାଏ କିମ୍ବା ଏଥିପାଇଁ ଖବରକାଗଜ କିମ୍ବା କୌଣସି କର୍ମକର୍ତ୍ତା ଉତ୍ତରଦାୟୀ ନୁହନ୍ତି। ପାଠକମାନେ ବିଜ୍ଞାପନଦାତାଙ୍କୁ କୌଣସି ଅର୍ଥରାଶି ପଇଠ କରିବା ପୂର୍ବରୁ ସଂପୃକ୍ତ ସଂସ୍ଥା ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ନିଜେ ସଂଗ୍ରହ କରିବା ଆବଶ୍ୟକ।

ଆଖି ପରିବର୍ତ୍ତେ ଆଖି ପୁରା ବିଶ୍ୱକୁ ଅନ୍ଧ କରିଦେବ। - ଗାନ୍ଧୀ ବାଣୀ

ନିତିଦିନ NITIDIN

ପ୍ରଥମ

# ଅଲିମ୍ପିକ୍ସରେ ଭାରତର ବ୍ୟକ୍ତିଗତ ସ୍ୱର୍ଣ୍ଣ



ଦୀର୍ଘ ୧୦୮ ବର୍ଷ ଧରି ଯାହା ଅନ୍ୟ କେହି କରି ପାରିନଥିଲେ, ତାହା ସମ୍ଭବ କରି ଦେଖାଇଲେ ଅଭିନବ ବିନ୍ଦ୍ରା। ପଞ୍ଜାବର ଏହି ୨୬ ବର୍ଷୀୟ ଯୁବକ ଜଣକ ୨୦୦୮ ଅଗଷ୍ଟ ୧୧ ତାରିଖରେ ଅଲିମ୍ପିକ୍ସରେ ଭାରତ ପାଇଁ ଜିଣିଲେ ପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣ। ବେଜିଂ ଅଲିମ୍ପିକ୍ସର ୧୦ ମିଟର ଏୟାର ରାଇଫଲ୍ସରେ ପ୍ରଥମ ସ୍ଥାନ ଅଧିକାର ଭାରତ ପାଇଁ ସେ ଏହି ବିରଳ ଗୌରବ ଆଣି ଦେଇଛନ୍ତି। ଏହି ଇଭେଣ୍ଟରେ ସେ ୭୦୦.୫ ପଏଣ୍ଟ ଦଖଲ କରି ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ସେ କ୍ୱାଲିଫାଇଙ୍ଗ ରାଉଣ୍ଡରେ ୫୯୬ ପଏଣ୍ଟ ଏବଂ ଫାଇନାଲରେ ୧୦୪.୫ ସ୍କୋର କରିବା ଫଳରେ ତାଙ୍କୁ ଶ୍ରେଷ୍ଠସ୍ଥାନ ମିଳିଥିଲା।

ଏଥେନ୍ସରେ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିଣିଥିବା ଝୁ କିନାନ୍ ୬୯୯.୭ ପଏଣ୍ଟ ସ୍କୋର ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ୬୯୯.୪ ପଏଣ୍ଟ ପାଇ ଟପ ଫେବରିଟ୍ ଫିନ୍ଲାଣ୍ଡର ହେନେରୀ ହାକିନେନ୍ ବ୍ରୋଞ୍ଜ ପଦକ ସହ ତୃତୀୟ ସ୍ଥାନ ଅଧିକାର କରିଥିଲେ।

୧୯୦୦ରେ ଭାରତ ପ୍ରଥମ ଥର ପାଇଁ ଅଲିମ୍ପିକ୍ସରେ ଅଂଶ ଗ୍ରହଣ କରିବା ପରଠାରୁ ଏପର୍ଯ୍ୟନ୍ତ କୌଣସି ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ପାଇ ପାରିନଥିଲା। ଖାଲି ସେତିକି ନୁହେଁ ୧୯୮୦ ମସିହା ମସ୍କୋ ଅଲିମ୍ପିକ୍ସରେ ଭାରତ ଶେଷଥର ଲାଗି ପୁରୁଷ ହକିରେ ଦଳଗତ ସ୍ୱର୍ଣ୍ଣପଦକ ହାସଲ କରିଥିଲା। ତା' ପରଠାରୁ ଏପର୍ଯ୍ୟନ୍ତ ଭାରତ ଦଳଗତ ଇଭେଣ୍ଟରେ ବି କୌଣସି ସ୍ୱର୍ଣ୍ଣପଦକ ପାଇ ପାରିନଥିଲା। ସୂଚନାଯୋଗ୍ୟ ଯେ ସୁଟିଂରେ ଅପୂର୍ବ ଦକ୍ଷତା ଲାଗି ଅଭିନବ ବିନ୍ଦ୍ରାଙ୍କୁ ୨୦୦୧ରେ ଦେଶର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ରାଜୀବ ଗାନ୍ଧି ଖେଳରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

## ଆମ ଗର୍ବ, ଆମ ଗୌରବ



ମାନସ ରଞ୍ଜନ ମହାପାତ୍ର

**ଜନ୍ମ ତାରିଖ: ୧୫ ଜୁନ୍ ୧୯୬୦**
**ଜନ୍ମସ୍ଥାନ: ମାର୍କଣ୍ଡେଶ୍ୱର ସାହି, ପୁରୀ**
**ବର୍ତ୍ତମାନ ଠିକଣା: ପ୍ଲଟ୍ ନଂ- ୧୦, ଦକ୍ଷିଣକାଳୀ ଲେନ୍, ସମଗରା ନୂଆ ସାହି, ପୁରୀ-୨**
**ମୋ: ୯୮୯୧୯୪୬୧୭୮**

ରାଜ୍ୟର ଜଣେ ଅଗ୍ରଗଣ୍ୟ ସାହିତ୍ୟିକ। ଶିଶୁସାହିତ୍ୟରେ ବିଶେଷ ରୁଚି ରହିଛି। କୁଇନ୍ସ ଇଣ୍ଟେଲିଜେନ୍ସ (ଇଂରାଜୀ), ରାନୀ କି ଚତୁରାଇ (ହିନ୍ଦି), ଗଛମାନେ କ'ଣ ଏବଂ ଖୋଜ ଓ ଚିହ୍ନ (ଅନୁବାଦ) ସମେତ ୨୦ରୁ ଊର୍ଦ୍ଧ୍ୱ ଶିଶୁ ପୁସ୍ତକ ରଚନା କରିଛନ୍ତି। ଏହା ସହ ୬ଟି ଆଧୁନିକ କବିତା ସଂକଳନ, ଦୁଇଟି ଗଳ୍ପ ସଂକଳନର ମଧ୍ୟ ରଚୟିତା। ଚନ୍ଦ୍ରଭାଗା ସମ୍ମାନ, ସୁଲେଖା ଯୁଗଳ ବନ୍ଦୀ ସମ୍ମାନ, ଉତ୍କଳ ଶିଶୁ ସାହିତ୍ୟ ସମ୍ମାନ, ପୂର୍ବୋତ୍ତର ହିନ୍ଦି ଏକାଡ଼େମୀ ସମ୍ମାନ ସମେତ ୧୦ରୁ ଊର୍ଦ୍ଧ୍ୱ ପୁରସ୍କାରରେ ସମ୍ମାନିତ। ଉତ୍ତରପୂର୍ବୀ ପରିଷଦର ନିର୍ଦ୍ଦେଶକ ଓ ଜାତୀୟ ଶିଶୁସାହିତ୍ୟ କେନ୍ଦ୍ରର ମୁଖ୍ୟ ପଦରୁ ଅବସର ଗ୍ରହଣ କରିବା ପରେ ସାରସ୍ୱତ ସାଧନାରେ ବ୍ୟସ୍ତ।

**ଆମ ପ୍ରଶ୍ନ:** ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ଶିଶୁସାହିତ୍ୟ ପାଇଁ ମାତ୍ର ଗୋଟିଏ ପୁରସ୍କାର ବ୍ୟବସ୍ଥା ଯଥାର୍ଥ କି ?

**ଆପଣଙ୍କ ଉତ୍ତର:** ଆଦୌ ନୁହେଁ। କାରଣ ଆଧୁନିକ ସାହିତ୍ୟ ତୁଳନାରେ ଶିଶୁସାହିତ୍ୟ ପାଇଁ ଏକାଡ଼େମୀ ଯଥେଷ୍ଟ କମ୍ ପୁରସ୍କାର ଦେଉଥିବାରୁ ଶିଶୁସାହିତ୍ୟିକମାନେ ବର୍ଷ ବର୍ଷ ଧରି କ୍ଷୋଭ ପ୍ରକାଶ କରି ଆସୁଛନ୍ତି। ଶିଶୁସାହିତ୍ୟକୁ କ୍ରମାଗତ ଅବହେଳା କରାଯାଉଛି ବୋଲି ସେମାନେ ଅଭିଯୋଗ କରିଚାଲିଛନ୍ତି। ଏହି ଅଭିଯୋଗକୁ ଭିତ୍ତିହୀନ ବୋଲି କହିହେବ ନାହିଁ। କାରଣ ଶିଶୁସାହିତ୍ୟ ଏବେ ଏକ ପୂର୍ଣ୍ଣାଙ୍ଗ ସାହିତ୍ୟ। ଓଡ଼ିଶା ସାହିତ୍ୟ ଏକାଡ଼େମୀ ଯେଉଁ ବିଭାଗମାନଙ୍କରେ ପୁରସ୍କାର ଦେଉଛନ୍ତି, ତଦନୁରୂପ ପୁରସ୍କାର ଶିଶୁ ସାହିତ୍ୟରେ ମଧ୍ୟ ମିଳିବା ଉଚିତ୍; ଅତି କମ୍‌ରେ ଅନୁବାଦ, ନାଟକ, କବିତା ଓ ଗଳ୍ପ। ସରକାର ଅବିଳମ୍ବେ ଏକ ଶିଶୁ ସାହିତ୍ୟ ଏକାଡ଼େମୀ ଗଠନ କରିବା ଉଚିତ୍।

## କୁଆଡ଼େ ଗଲା ମୋ ରାଉରକେଲା ?

ପିଲାଦିନ ଆଜି ମନେପଡ଼ିଲା
କୁଆଡ଼େ ଗଲା ମୋ ରାଉରକେଲା ?
ଲୁହା କାରଖାନା ଗଢ଼ି ଉଠିଲା
କେତେ ନୂଆ ଲୋକ ଭେଳାକୁ ଭେଳା
ଉଦିତ ନଗରେ ସ୍କୁଲଟେ ଥିଲା
ମନେପଡ଼େ ଆଜି ରାଉରକେଲା।
ସେଇଠୁ ଆରମ୍ଭ ଜଗତ ବୁଲା
କଟକ, ଉମରକୋଟ ଦିଶିଲା
ନବାବ ସହର ଲକ୍ଷ୍ନୌରୁ ଦିଲ୍ଲୀ
ଶିଲଂର ପାହାଡ଼ ବୁଲି ଆସିଲି
ଆଜି ମୋର ଏଇ ବିଦାୟ ବେଳା
କୁଆଡ଼େ ଗଲା ମୋ ରାଉରକେଲା ?
ବୁଲିଲି କେତେ ମୁଁ ଦେଶ ବିଦେଶ
ଦେଖିଲି ଅନେକ ଲୋକଙ୍କ ହସ
ଗଢ଼ିଲି ଅନେକ ପୁସ୍ତକ ମେଳା
ଲେଖିଲି ପୁସ୍ତକ ଭେଳାକୁ ଭେଳା
କେଉଁଠି ହଜିଲା ସେ କୁନି ପିଲା
ଭାରି ମନେପଡ଼େ ରାଉରକେଲା !



ଗପ

# ବାପାଙ୍କ ଉପଦେଶ



ରବିନାରାୟଣ ପଟ୍ଟନାୟକ

ଗୋଟେ ଛୋଟ ସହରରେ ଜଣେ ବ୍ୟକ୍ତି ବହୁତ ଭଲ ଚିତ୍ର ଆଙ୍କୁ ଥିଲେ। ସେଇ ସହରରେ ସେ ବହୁତ ଭଲ ନା ମଧ କମେଇଥିଲେ। କିଛି ଦିନ ପରେ ତାଙ୍କର ଏକ ପୁଅ ଜନ୍ମ ହେଲା। ଛୋଟ ବେଳୁ ବାପାଙ୍କ ସହିତ ମିଶି ସେ ମଧ୍ୟ ଚିତ୍ର ଆଙ୍କିବାରେ ଲାଗିଲା। ଚିତ୍ର ଅଙ୍କିଲା ପରେ ସବୁବେଳେ ସେ ତା ବାପାଙ୍କୁ ଦେଖାଏ ଆଉ ବାପା ମଧ ଖୁସି ହୁଅନ୍ତି। କିନ୍ତୁ ଭୁଲ୍ ସଙ୍ଗେ ସଙ୍ଗେ ତାକୁ ଜଣେଇଦିଅନ୍ତି। ଆଉ ପୁଅ ସବୁବେଳେ ଛୋଟରୁ ଛୋଟ ଭୁଲକୁ ସୁଧାରେ। ଏମିତି ବହୁତ ଦିନ ଯିବା ପରେ ପୁଅ ବି ଆଖପାଖ ଅଞ୍ଚଳରେ ବେଶ୍ ଖ୍ୟାତି ଲାଭ କଲା ଓ ସବୁଠି ସୁନାମ ପାଇଲା। ଦିନକୁ ଦିନ ସେ ବିକୁଥିବା ଚିତ୍ର ଦର ବଢିଲା। ଏମିତି ବି ସମୟ ଆସିଲା ନିଜ ବାପାଙ୍କ ଠୁଁ ବି ଅଧିକ ଚାହିଦା ଆଉ ଅଧିକ ଦରରେ ବିକ୍ରି ହେଲା ତା ଚିତ୍ର। କିନ୍ତୁ ଏବେ ମଧ ଯେତେ ବେଳେ ଚିତ୍ର ସାରିକି ବାପାଙ୍କୁ ଦେଖାଉଥିଲା ବାପା ସଙ୍ଗେ ସଙ୍ଗେ ପୁଅର ଭୁଲ୍‌କୁ କହି ଦେଉଥିଲେ। କିନ୍ତୁ ଏମିତି ଦିନ ଆସିଲା ଯେତେବେଳେ ପୁଅକୁ ଆଉ ସେସବୁ ଭଲ ଲାଗିଲା ନାହିଁ।

ଦିନେ ବାପା ଭୁଲଟିଏ ଦେଖି ସୁଧାରିବା ପାଇଁ କହିବାରୁ ପୁଅ ରାଗି ଯାଇ କହିଲା, ମୋ ଚିତ୍ର ତ ତମଠୁ ଅଧିକ ଦରରେ ବିକ୍ରି ହଉଛି ତମେ ମତେ ଉପଦେଶ ଦବା ଅପେକ୍ଷା ତମେ ନିଜ ଚିତ୍ରକୁ ସୁଧାର। ଏହା ଶୁଣି ବାପା ଚୁପ୍ ହୋଇଗଲେ। ଆଉ କେବେ ବି ସେ କିଛି ଭୁଲ୍ ଦେଖିଲେ ପୁଅକୁ କହିଲେନି। କିଛି ଦିନ ପରେ ଯୋଉ ପୁଅର ଚିତ୍ରର ଚାହିଦା ଓ ଦର ବଢୁଥିଲା ତାହା ସ୍ଥିର ରହିବା ଆରମ୍ଭ ହେଲା। ଆଉ ସେମିତି ଚାହିଦା ବି ବଜାରରେ ରହିଲାନି। ଏହା ବହୁତ୍ କଷ୍ଟ ଦେଲା ପୁଅକୁ। ପୁଅ କିଛି ବୁଝିପାରୁନଥାଏ ତା ସହିତ କ'ଣ ଘଟୁଛି। ଦିନେ ବାପାଙ୍କ ପାଖକୁ ଯାଇ ସବୁ କଥା କହିଲା। ବାପା ଧୈର୍ଯ୍ୟର ସହ ସବୁ କଥା ଶୁଣିଲେ ବି କିଛି କହୁନଥାନ୍ତି। ଯେମିତି ସେ ଆଗରୁ ସବୁ କଥା ଜାଣିଥିଲେ ! ପୁଅଟି ବାପାକୁ ପଚାରିଲା ତମେ କଣ ଏହି ସବୁ କଥା ଜାଣିଥିଲ ? ସେ କହିଲେ ହଁ, ମୋ ବାପାଙ୍କୁ ବି ମୁଁ ଏମିତି ଦିନେ କହିଥିଲି, ଯାହା ଫଳରେ ମୋର ସ୍ଥିତି ସେତେବେଳେ ଯାହା ଥିଲା ଆଜି ବି ସେୟା ଅଛି। ବାପା ସବୁ ବେଳେ ଚାହେଁ ନିଜ ପିଲାର କିଛି ବି ଭୁଲ୍ ନ ରହୁ। ଶେଷରେ ନିଜର ବ୍ୟବହାର ପାଇଁ ପୁଅ ବାପାକୁ କ୍ଷମା ମାଗିଲା।



**ପ୍ଲଟ୍ ନଂ-୧୭/୩, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୧୬**
**ମୋ: ୯୯୩୮୧୧୩୨୨୬**

କବିତା

## ସୋରିଷ



ଲତିକା ବିଳାସ

କୁହୁଡ଼ି, କାକର ଗହଣରେ ଶୀତ
ଦରବାର ଦେଲା ମେଲି,
ସୋରିଷ କ୍ଷେତରେ ସୋରିଷ ଫୁଲଟି
ହସିଉଠେ ଖିଲି ଖିଲି।
ଚାଷୀ ପାଇଁ ସିଏ ଜୀବନ ଜୀବିକା
ଶିଳ୍ପୀ ପାଇଁ ଚିତ୍ରପଟ୍ଟ,
କବି ପାଇଁ ସିଏ କାବ୍ୟର ନାୟିକା
ପ୍ରେମ, ପ୍ରୀତି କଳ୍ପବଟ।
ସୋରିଷ ଦାନାଟି ଦେଇଥିଲା ନୀଳ
ମାଧବଙ୍କ ଦରଶନ,
ସେ ନୀଳ ମାଧବ ନବ କଳେବରେ
ନୀଳାଚଳେ ବିସ୍ଥାପନ।
ସେଥିପାଇଁ ସିନା ସୋରିଷ ସହିତ
କାଳିଆର ଏତେ ମୋହ,
ସୋରିଷ ଫୁଲିଆ ପାଟ ବସ୍ତ୍ର ପିନ୍ଧି
ଦିଶୁଥାନ୍ତି ଗହ ଗହ।
ହଳଦିଆ ସୁନା ସୋରିଷ ଫୁଲେ ବି
ଲକ୍ଷ୍ମୀଙ୍କର ଅନୁରାଗ,
ମାଣବସା ପୂଜା ଥାଳିରେ ସେ ସ୍ଥାନ
ମାଡ଼ି ବସିଥାଏ ଆଗ।
ସୋରିଷ ବାଟଣ ତିଅଣ ଶାଗଟି
ହୁଅଇ ମହାପ୍ରସାଦ,
ରଙ୍ଗ, ରସ, ବାସ, ସ୍ୱାଦ ତା ନିଆରା
ଭୋଜନେ ଆମ୍ଭ ପ୍ରସାଦ।
କିଏ କହେ ତାକୁ ସୋରିଷ, ବେସର
କିଏ କହିଥାଏ ରାଇ,
ଟିକି ଦରବଟେ ଗୁଣରେ ସଭିଙ୍କୁ
କରି ଦେଉଅଛି ବାଇ।
ଆମିଷ ହେଉକି ହେଉ ନିରାମିଷ
ସବୁଠି ତା' ଉପସ୍ଥାନ,
ଓଡ଼ିଆ ଘରର ହାଣ୍ଡିଶାଳେ ସିଏ
ଲଭିଥାଏ ଶ୍ରେଷ୍ଠ ସ୍ଥାନ।

**ଭଟଲି ଛକ, ବରଗଡ଼**
**ମୋ: ୭୪୩୮୯୭୯୩୮୯**

## ବହିପରି ବନ୍ଧୁ ଜଗତେ ନାହିଁ



ଶ୍ରୀକାନ୍ତ କୁମାର ମହାଲିକ

ବହିଟିଏ ମୁହିଁ ବହିଟିଏ
ଅଜ୍ଞାନ ଅନ୍ଧାର ଦୂରକରି ସଦା
ଜ୍ଞାନର ଆଲୋକ ବାଣ୍ଟି ଥାଏ।
ମୋ ପାଇଁ ମୂର୍ଖ ପଣ୍ଡିତ ହୁଏ
ବାଟବଣା ହୋଇ ଚାଲୁ ଥିବା ଲୋକ
ସହଜରେ ବାଟ ପାଇ ଯାଏ।
ବାପା, ମାଆ ଓ ଗୁରୁଙ୍କ ପରି
ମାର୍ଗ ଦର୍ଶନ ମୁଁ ଦେଇଚାଲି ଥାଏ
ବୁଦ୍ଧି, ବିଦ୍ୟା, ଜ୍ଞାନ ମୁଣ୍ଡେ ଭରି।
ବିପଦରେ ଯିଏ ପଡ଼ିଥାଏ
ଧୈର୍ଯ୍ୟ, ବୁଦ୍ଧି, ବଳ ମୋଠାରୁ ପାଇ ସେ
ବିପଦୁ ମୁକୁଳି ଯାଇଥାଏ।
ଯେବେଠୁ ଜନମ ହେଲା ମୋର
ଜ୍ଞାନର ଭଣ୍ଡାର ସାଇତି ରଖିଛି
ମୋର ଦେହେ ଅତି ଯତନର।
ମୋ ପରି ବନ୍ଧୁ ଜଗତେ ନାହିଁ
ବିପଦେ ଆପଦେ ସୁଖେ ଦୁଃଖେ ସଦା
ପାଖେପାଖେ ମୁହିଁ ଥାଏ ରହି।
ଏଣୁ ବନ୍ଧୁ ମୋତେ କର ତୁହି
ଜଗତରେ ବଡ଼ ହୋଇବୁ ଟି ଜାଣ
ଏଥିରେ ସନ୍ଦେହ ମୋଟେ ନାହିଁ।

**ପ୍ରଧାନ ଶିକ୍ଷକ ଦୋଳମଣ୍ଡପ ହାଇସ୍କୁଲ, ଦୋଳମଣ୍ଡପ, ଚାନ୍ଦବାଲି, ଭଦ୍ରକ**
**ମୋ: ୮୬୫୮୪୩୯୭୦୨**



## ହାତରୁ ସମୟ ଚାଲିଗଲେ



ଜଗଦୀଶ ସାହୁ

ହାତରୁ ସମୟ ଚାଲିଗଲେ ଥରେ
ଫେରିବନି ଆଉ ଫେରିବନି
ମନଦେଇ ତୁମେ ପାଠ ପଢୁଥିଲେ
ହାରିବନି କେବେ ହାରିବନି !
ସାଙ୍ଗସାଥୀ ମେଳେ କଳି ବା ଝଗଡ଼ା
କରିବନି ପିଲେ କରିବନି
ଯେତେ ପଢୁଥିଲେ ପାଠ ମହାଧନ
ସରିବନି କେବେ ସରିବନି !
ଅନ୍ୟର ଖାତାରୁ କିପକରି ପାଠ
ଲେଖିବନି ମୋଟେ ଲେଖିବନି
କାହାକୁ କେବେରେ କୁଭାଷାରେ ଜମା
ବକିବନି ଭାଇ ବକିବନି।
ଚିରସ୍ଥାୟୀ ନୁହେଁ ଜୀବନ ଯୌବନ
ରହିବନି ସଦା ରହିବନି
ଜିଇଁଥିବା ଯାଏ ସତଛଡ଼ା ମିଛ
କହିବନି କେବେ କହିବନି !
ମିଛମହାପାପ କହିଲେ କାଳିଆ
ସହିବନି ଜମା ସହିବନି
ଥରେ ରାଗିଗଲେ କାଳିଆ ଠାକୁର
ପାଇବନି ଭଲ ପାଇବନି।

**ସଂଜପଡ଼ା, ହିନ୍ଦୋଳ, ଢେଙ୍କାନାଳ**
**ମୋ: ୯୦୭୮୧୮୫୬୧୬**

## କାଟୁଛନ୍ତି ଦିନ ହସି



ବିଶ୍ୱଜିତା ମହାନ୍ତି

ଉଡ଼ି ଉଡ଼ି କୁନି ମହୁ ମାଛିଟିଏ
ଗୁଣୁ ଗୁଣୁ ଗାଏ ଗୀତ
ଫୁଲରୁ ଫୁଲକୁ ବୁଲୁ ବୁଲୁ ସିଏ
ବନି ଯାଏ ତାଙ୍କ ମିତ।
ତାହା ପରି ସାଥୀ ନାହିଁ ଏ ଜଗତେ
କୁହୁକ କି ଜାଣେ ସିଏ
ମିଠା ମିଠା ତା'ର ମହକରେ ସାରା
ଦୁନିଆକୁ କିଣି ନିଏ।
ଦିଅଁଙ୍କ ପାଇଁ କି କୁସୁମ ଯେ ଲୋଡ଼ା
ଅମାପ ତାହାରି ମୂଲ
ବସୁଧା ସୁନ୍ଦର, ଫୁଟିଥିଲେ ଫୁଲ
କେହି ନୁହଁ ତା'ର ତୁଲ।
ଶୀତ, ଖରା ଅବା ବରଷାରେ ଯେତେ
ଆସୁ ହେମାଳ କି ତାତି
ଫୁଟାଉଛି ବିହି ମହୀ ପରେ ଦେଖ,
କେତେ ଫୁଲ କେତେ ଜାତି।
ବଗିଚାରେ ଉଡ଼ି ପରଜା ପତିଚି
ଭଅଁର ସାଥିରେ ବସି
ବିଧାତାଙ୍କୁ କୋଟି ସାବାସୀ ଜଣାଇ
କାଟୁଛନ୍ତି ଦିନ ହସି।

**ସରଦେଇପୁର, ଗୋପୀନାଥପୁର, ଭୁବନେଶ୍ୱର-୨**
**ମୋ: ୮୪୮୦୯୯୮୦୯୧**

ଜୀବ ଜଗତର ଅଜବ କଥା

## ଅଣ୍ଡା ଭିତରୁ ଶବ୍ଦ



ନୀଳ ନଦୀରେ ଏକ ନୂଆ ପ୍ରଜାତିର କଇଁଛ ବାସ କରନ୍ତି। ସେମାନଙ୍କ ଛୁଆମାନଙ୍କର ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି, ଯାହା ଅନ୍ୟ କୌଣସି ପ୍ରାଣୀଙ୍କର ନାହିଁ। ଏହି କୁମ୍ଭୀର ଅଣ୍ଡା ଦେବା ପରେ ସେଗୁଡ଼ିକୁ ଗାତ କରି ପୋତି ଦେଇଥାଏ। ଏହି ପ୍ରକ୍ରିୟାରେ ଅଣ୍ଡା ଉଷୁମା ଯାଇଥାଏ। ଅଣ୍ଡା ଫୁଟିବାର ସମୟ ହୋଇଗଲେ ଛୁଆଟି ତା' ଭିତରୁ ଶବ୍ଦ କରିଥାଏ। ମାଆ କୁମ୍ଭୀର ଏହା ଶୁଣି ପାରି ଗାତ ଖୋଳି ଅଣ୍ଡାକୁ ବାହାର କରିବା ସଙ୍ଗେ ସଙ୍ଗେ ଛୁଆଟି ଖୋଳପା ଫଟାଇ ବାହାରକୁ ଚାଲି ଆସିଥାଏ। ପୃଥିବୀର ଅନ୍ୟ କୌଣସି ପ୍ରାଣୀଙ୍କ ଛୁଆ ଅଣ୍ଡା ଭିତରେ କରୁଥିବା ଶବ୍ଦ ବାହାରକୁ ଶୁଣା ଯାଏ ନାହିଁ।

ତୁମ ପାଇଁ ବହି



## ନନ୍ଦନ କାନନ

**ସମ୍ପାଦିକା: ସରଳା ପତ୍ରୀ**
**ଠିକଣା: ଏନ୍-୧/୨୭୧ ନୟାପଲ୍ଲୀ, ଭୁବନେଶ୍ୱର-୧୫**
**ମୂଲ୍ୟ: ୫୦ ଟଙ୍କା**

ଶିଶୁପତ୍ରିକା ନନ୍ଦନ କାନନର ଏକାଦଶ-ଦ୍ୱାଦଶ ସଂଖ୍ୟା ପ୍ରକାଶ ପାଇଛି। ଏଥିରେ ହେଉଛି ବହୁ ପ୍ରତିଷ୍ଠିତ ଲେଖକ ଲେଖିକାଙ୍କ ସୁନିର୍ବାଚିତ ଲେଖା। ଗଳ୍ପ, କବିତା ସାଙ୍ଗକୁ ପୌରାଣିକ କଥା, ପଶୁପକ୍ଷୀ କାହାଣୀ, ଲୋକ କଥା, ଶିଶୁନାଟକ ଆଦି ପତ୍ରିକାଟିର ଗୁରୁତ୍ୱ ବଢ଼ାଇ ଦେଇଛି। ମଲାଟ ମଧ୍ୟ ଆକର୍ଷଣୀୟ ହୋଇଥିବାରୁ ପତ୍ରିକାଟି ନିଶ୍ଚୟ ପିଲାଙ୍କୁ ଭଲ ଲାଗିବ।

କୁନାକୁନିଙ୍କ ଚିତ୍ର





ଆକୃତି ମହାନ୍ତି

କ୍ଲାସ-୫, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଭୀମଟାଙ୍ଗୀ, ଭୁବନେଶ୍ୱର



ସୌମ୍ୟ ଶେଖର ସ୍ୱାଇଁ

କ୍ଲାସ-ୟୁ.କେ.ଜି, ମଦର୍ସ ପବ୍ଲିକ୍ ସ୍କୁଲ, ପାହାଳ



'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ- ନିତିଦିନ, ଶେଡ୍ ନଂ-ଟିଏସ୍-୬/୨୧୦/୪, ଜୋନ୍-ବି, ସେକ୍ଟର-୧, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

ଆଜମେର୍ ଦରଘାକୁ ନେଇ ବିବାଦ

### ଶିବ ମନ୍ଦିର ଭାଙ୍ଗି ମସଜିଦ୍ ନିର୍ମାଣ ହୋଇଥିବା ଦାବି

# କେନ୍ଦ୍ର, ଏଏସ୍ଆଇକୁ କୋର୍ଟ ନୋଟିସ୍



**ନୂଆଦିଲ୍ଲୀ, ଆଜମେର, ୨୯।୧୧/ଏଜେନ୍ସି:** ଅଯୋଧ୍ୟା, ମଥୁରା, ଜ୍ଞାନବାପୀ, ସମ୍ଭଲ ପରେ ଏବେ ରାଜସ୍ଥାନର ଆଜମେର ସ୍ଥିତ ଖ୍ୱାଜା ମୋଇନୁଦ୍ଦିନ ଚିସ୍ତିଙ୍କ ଦରଘାକୁ ନେଇ ବିବାଦର ସୂତ୍ରପାତ ହୋଇଛି। ପୂର୍ବରୁ ଏଠାରେ ଥିବା ଏକ ଶିବ ମନ୍ଦିରକୁ ଭଙ୍ଗାଯାଇ ଏହି ମସଜିଦ୍ ନିର୍ମାଣ କରାଯାଇଛି ବୋଲି ନ୍ୟାସନାଲ ହିନ୍ଦୁ ଆର୍ମି ସଭାପତି ବିଷ୍ଣୁ ଗୁପ୍ତା ଦାବି କରିବା ସହ ସ୍ଥାନୀୟ ଅଦାଲତରେ ବୁଧବାର ଏକ ପିଟିସନ ମଧ୍ୟ ଦାଏର କରିଥିବା ଜଣାପଡିଛି। ଆଜମେର ଦରଘାର ନାମ ପରିବର୍ତ୍ତନ କରି 'ସଙ୍କଟ ମୋଚନ ମହାଦେବ ମନ୍ଦିର' ରଖାଯିବା ସହ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍ଆଇ) ଦ୍ୱାରା ଉକ୍ତ ମସଜିଦର ସର୍ଭେ କାର୍ଯ୍ୟ କରାଇବାକୁ ଗୁପ୍ତା ପିଟିସନ୍‌ରେ ଦାବି କରିଛନ୍ତି। ଅନ୍ୟପକ୍ଷେ ଏହି ଆବେଦନକୁ କୋର୍ଟ ଶୁଣାଣି ପାଇଁ ଗ୍ରହଣ କରିବା ସହ ଉକ୍ତ ମାମଲାରେ ୩ ପକ୍ଷଙ୍କୁ ନୋଟିସ୍ କରିଛନ୍ତି। କୋର୍ଟ ଆଜମେର ଦରଘା କମିଟି, କେନ୍ଦ୍ର ସରକାରଙ୍କ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଏବଂ ଏଏସ୍ଆଇକୁ ନୋଟିସ୍ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଗତ ସେପ୍ଟେମ୍ବରରେ ଏହି ଆବେଦନ ହୋଇଥିଲା। ଦରଘାରେ ହିନ୍ଦୁ ଦେବତାଙ୍କୁ ପୂଜା ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନରେ ଦର୍ଶାଯାଇଥିଲା। ଆବେଦନକାରୀ ବିଷ୍ଣୁ ଗୁପ୍ତା ନିଜ ଆବେଦନରେ ଦର୍ଶାଇଛନ୍ତି ଯେ, 'ଆଜମେର ଦରଘାକୁ ସଙ୍କଟ ମୋଚନ ମହାଦେବ ମନ୍ଦିର ଘୋଷଣା କରାଯାଉ ଏବଂ ଦରଘାର ଯଦି କୌଣସି ପଞ୍ଜିକରଣ ଥାଏ ତେବେ ଏହାକୁ ବାତିଲ କରାଯାଉ। ଏଏସ୍ଆଇ ଦ୍ୱାରା ମସଜିଦ୍‌ର ସର୍ବେକ୍ଷଣ ସହ ହିନ୍ଦୁମାନଙ୍କୁ ଏଠାରେ ପୂଜା ପାଇଁ ଅନୁମତି ମିଳୁ।' ଏହି ପ୍ରସଙ୍ଗରେ ଗୁପ୍ତା ୧୯୧୦ରେ ହରବିଳାସ ସାରଦାଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଆଜମେର: ହିଷ୍ଟୋରିକାଲ ଆଣ୍ଡ୍ ଡେସ୍‌କ୍ରିପ୍ଟିଭ୍'ର ଉଦାହରଣ ଉପସ୍ଥାପନ କରିଛନ୍ତି। ଉକ୍ତ ପୁସ୍ତକରେ ଆଜମେର ଦରଘା ପରିସରରେ ଶିବଲିଙ୍ଗର ଉପସ୍ଥିତି ସମ୍ପର୍କରେ ପ୍ରମାଣ ରହିଥିବା ସେ ଦାବି କରିଛନ୍ତି। ତେବେ କୋର୍ଟ ଏହା ଉପରେ ଶୁଣାଣି କରି ଏବେ କେବଳ ୩ ପକ୍ଷଙ୍କୁ ନୋଟିସ୍ କରିଛନ୍ତି। ଆସନ୍ତା ଡିସେମ୍ବର ୨୦ ତାରିଖରେ ଏହି ମାମଲାରେ ପରବର୍ତ୍ତୀ ଶୁଣାଣି ହେବ।

ଅନ୍ୟପକ୍ଷେ ଏଭଳି ଅଭିଯୋଗକୁ ମସଜିଦ ପରିଚାଳନା କମିଟି ପକ୍ଷରୁ ନିନ୍ଦା କରାଯାଇଛି। ଏଭଳି ଅଭିଯୋଗ ଦ୍ୱାରା ମୁସଲମାନ ସଂପ୍ରଦାୟକୁ ଏକଘରକିଆ କରାଯାଉଛି ଏବଂ ଦେଶରେ ସାଂପ୍ରଦାୟିକ ସଦଭାବନାକୁ କ୍ଷୁଣ୍ଣ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ସେହିପରି ଏହି ପ୍ରସଙ୍ଗରେ ଏଆଇଏମ୍ଆଇଏମ୍ ମୁଖ୍ୟ ତଥା ହାଇଦ୍ରାବାଦ୍ ସାଂସଦ ଅସାଉଦ୍ଦିନ୍ ଓୱେସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆଜମେର ଦରଘାକୁ ବିବାଦୀୟ କରିବାରେ ବିଜେପି ଓ ଆରଏସ୍ଏସ୍‌ର ଭୂମିକା ରହିଥିବା ସେ ଅଭିଯୋଗ କରିଛନ୍ତି। ଆଜିକୁ ୮୦୦ ବର୍ଷ ପୁରୁଣା ଏହି ଦରଘାକୁ ନେଇ କୌଣସି ବିବାଦ ଉପୁଜିନଥିବା ବେଳେ ବର୍ତ୍ତମାନ ଏହାକୁ କାହିଁକି ପ୍ରୋତ୍ସାହିତ କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଜବାହରଲାଲ ନେହେରୁଙ୍କ ଠାରୁ ଆରମ୍ଭ କରି ଦେଶର ପ୍ରତ୍ୟେକ ପ୍ରଧାନମନ୍ତ୍ରୀ ଏହି ଦରଘା ପରିଦର୍ଶନ କରି ଚାଦର ଚଢ଼ାଇ ସାରିଛନ୍ତି। ତେବେ ମସଜିଦ୍ ଓ ଦରଘା ପ୍ରସଙ୍ଗ ଉତ୍‌ଥାପନ କରି ବିଜେପି-ଆରଏସଏସ ଅଯଥାରେ ଘୃଣା ମନୋଭାବ ସୃଷ୍ଟି କରୁଥିବା ସେ କହିଛନ୍ତି।

# ଜାମା ମସଜିଦ୍ ସର୍ଭେ ସ୍ଥଗିତ



**ନୂଆଦିଲ୍ଲୀ, ୨୯।୧୧/ଏଜେନ୍ସି:** ଉତ୍ତରପ୍ରଦେଶ ସମ୍ଭଲ ସ୍ଥିତ ଜାମା ମସଜିଦ୍‌ର ସର୍ଭେ କାର୍ଯ୍ୟ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି ସୁପ୍ରିମକୋର୍ଟ। ଶାହି ଇଦ୍‌ଗାହ ମସଜିଦରେ ସର୍ଭେକୁ ବିରୋଧ କରି ହୋଇଥିବା ଆନ୍ଦୋଳନରେ ୫ ଜଣଙ୍କ ମୃତ୍ୟୁ ହେବା ଘଟଣାକୁ ଦୃଷ୍ଟିରେ ରଖି ଏହି ନିର୍ଦ୍ଦେଶ ଜାରି କରିଛନ୍ତି ସର୍ବୋଚ୍ଚ ଅଦାଲତ। ମସଜିଦର ଶାହି ଇଦଗାହ କମିଟି ଆହ୍ଲାବାଦ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ନ ହେବା ପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ବନ୍ଦ ରଖିବାକୁ ଟ୍ରାଏଲ କୋର୍ଟଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭଲ ଠାରେ ୧୫୨୬ ମସିହାରେ ଅର୍ଥାତ୍ ମୋଗଲ ଶାସକ ବାବରଙ୍କ ସମୟରେ ଏଠାରେ ଏକ ହିନ୍ଦୁ ମନ୍ଦିରକୁ ଉଚ୍ଛେଦ କରାଯାଇ ଜାମା ମସଜିଦ୍ ନିର୍ମାଣ କରାଯାଇଥିବା ହିନ୍ଦୁ ପକ୍ଷ ଅଭିଯୋଗ କରିଆସୁଛନ୍ତି। ଏହାକୁ ନେଇ ହିନ୍ଦୁ ପକ୍ଷ ଟ୍ରାଏଲ କୋର୍ଟଙ୍କ ଦ୍ୱାରସ୍ଥ ହୋଇ ଏହି ମସ୍‌ଜିଦ୍‌କୁ ଉଚ୍ଛେଦ କରିବାକୁ ଦାବି କରିଥିଲେ। ତେବେ ଟ୍ରାଏଲ କୋର୍ଟ ଏହି ଆବେଦନର ଶୁଣାଣି କରିବା ପୂର୍ବକ ପ୍ରତ୍ନତାତ୍ତ୍ୱିକ ସର୍ଭେ କମିଟିକୁ ଏଠାରେ ସର୍ଭେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଟ୍ରାଏଲ୍ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ଆଇ ଟିମ୍ ନଭେମ୍ବର ୨୪ରେ ଏଠାରେ ସର୍ଭେ କାର୍ଯ୍ୟ ଆରମ୍ଭ କରିଥିଲା। ତେବେ ଏହି ସମୟରେ ଜାମା ମସଜିଦ୍ ନିକଟରେ ଶହ ଶହ ମୁସଲିମ୍ ଲୋକେ ଉପସ୍ଥିତ ହୋଇ ସର୍ଭେକୁ ବିରୋଧ କରିଥିଲେ। ଏପରିକି ସର୍ଭେ ଟିମ୍ ଉପରକୁ ପଥର ମାଡ଼ କରିବା ପରେ ସୁରକ୍ଷା କର୍ମୀଙ୍କ ପାଲଟା ଜବାବରେ ବିରୋଧକାରୀଙ୍କ ମଧ୍ୟରୁ ୫ଜଣଙ୍କ ମୃତ୍ୟୁ ହୋଇଥିବା ମଧ୍ୟ ଅଭିଯୋଗ କରାଯାଉଛି। ଏବେବି ସେଠାରେ ସ୍ଥିତି ଅଶାନ୍ତ ରହିଛି। ଏହାକୁ ନେଇ ମସଜିଦ କମିଟି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପକ୍ଷେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ ପି.ଭି ସଞ୍ଜୟ କୁମାରଙ୍କୁ ନେଇ ଗଠିତ ୨ ଜଣିଆ ଖଣ୍ଡପୀଠ ଆଜି ଏହି ମାମଲାର ଶୁଣାଣି କରି ଆବେଦନକାରୀଙ୍କୁ ଆହ୍ଲାବାଦ୍ ହାଇକୋର୍ଟଙ୍କ ନିକଟକୁ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ରାୟ ନ ଆସିବା ପର୍ଯ୍ୟନ୍ତ ସର୍ଭେ ସ୍ଥଗିତ ରଖିବାକୁ ଟ୍ରାଏଲ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଏଥିସହ ସର୍ଭେ କମିଟିକୁ ରିପୋର୍ଟ ସିଲ୍ କଭରରେ ରଖିବାକୁ କହିଛନ୍ତି। ସର୍ଭେ ରିପୋର୍ଟ ସିଲ୍ ଯେପରି ନ ଖୋଲେ ସେଥିପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ପରବର୍ତ୍ତୀ ଶୁଣାଣି ଆସନ୍ତା ବର୍ଷ ଜାନୁଆରୀ ୬ରେ ହେବା ନେଇ ତାରିଖ ଧାର୍ଯ୍ୟ କରିଛନ୍ତି ସୁପ୍ରିମକୋର୍ଟ। ଏଥିସହ ଖଣ୍ଡପୀଠ ରାଜ୍ୟ ପୁଲିସ୍ ଏବଂ ଜିଲ୍ଲା ପ୍ରଶାସନକୁ ଶାନ୍ତି ଏବଂ ଏକତା ବଜାୟ ରଖିବା ଦିଗରେ ବିଶେଷ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଏଠାରେ ଶାନ୍ତିଶୃଙ୍ଖଳାର ସହ ନମାଜ ପାଠ କରାଯାଇଥିବା ସୂଚନା ମିଳିଛି।

ମଶାଲ ଶୋଭାଯାତ୍ରା ବେଳେ ଅଘଟଣ

# ନିଆଁ ଲାଗି ୫୦ ଗୁରୁତର



**ଭୋପାଳ, ୨୯।୧୧/ଏଜେନ୍ସି:** ୨୬/୧୧ ସହିଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ଉଦ୍ଦେଶ୍ୟରେ ମଧ୍ୟପ୍ରଦେଶର ଖଣ୍ଡୱା ଠାରେ ଆୟୋଜିତ ମଶାଲ ଶୋଭାଯାତ୍ରା କିଛି ଲୋକଙ୍କ ପାଇଁ ପ୍ରାଣଘାତୀ ସାବ୍ୟସ୍ତ ହୋଇଛି। ରିପୋର୍ଟ ଅନୁସାରେ ମଶାଲ୍ ଶୋଭାଯାତ୍ରାରେ ହଜାର ହଜାର ଲୋକ ଯୋଗ ଦେଇଥିଲେ। ମାତ୍ର ସାମାନ୍ୟ ଅସାବଧାନତା ଯୋଗୁ ଜଳୁଥିବା ମଶାଲରୁ ତେଲ ତଳେ ପଡ଼ିଯିବା ଯୋଗୁ ଆଖି ପିଛୁଳାକେ ନିଆଁ ଚାରିଆଡ଼େ ବ୍ୟାପିଯାଇଥିଲା। ଏହି ଅଘଟଣରେ ପ୍ରାୟ ୫୦ରୁ ଲୋକ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କ ଅବସ୍ଥା ଗମ୍ଭୀର ରହିଛି। କିଛି ଲୋକ ନିଆଁରେ ପୋଡି ହୋଇଯାଇଥିବା ବେଳେ ଅନ୍ୟ କେତେକ ଦଳାଚକଟା ଯୋଗୁ ଆହତ ହୋଇଛନ୍ତି। ଏପରି ଏକ ଅଘଟଣ ରେ ଘଟିଛି। ଖଣ୍ଡୱା ଘଣ୍ଟାଧର ଛକରେ ଗୁରୁବାର ରାତିରେ ମଶାଲ ଶୋଭାଯାତ୍ରା ବେଳେ ଏପରି ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି କାର୍ଯ୍ୟକ୍ରମରେ ହାଇଦ୍ରାବାଦର ଗୌଶାମହାଲ ବିଧାୟକ ଟି.ରାଜା ଓ ବିଜେପିର ମହିଳା ନେତ୍ରୀ ନାଜିୟା ଇଲାହୀ ବି ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଶେଷ ପୂର୍ବରୁ ବିଳମ୍ବିତ ରାତି ପ୍ରାୟ ୧୧ଟା ବେଳେ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ ହଜାରେ ମଶାଲ ଜାଳିବାର ବ୍ୟବସ୍ଥା ହୋଇଥିଲା। ଅଧ ଘଣ୍ଟା ପରେ ଘଣ୍ଟାଘର ଛକରେ ଏହି କାର୍ଯ୍ୟ ସମାପନ ବେଳେ ଲୋକେ ଧରିଥିବା ମଶାଲ ରଖିଥିଲେ। ଫଳରେ କିଛି ମଶାଲ ତଳେ ପଡ଼ି ସେଥିରୁ ତେଲ ବାହାରି ଅଚାନକ ନିଆଁ ଲାଗି ଯାଇଥିଲା। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

### ବାଂଲାଦେଶରେ ହିନ୍ଦୁ ଓ ସଂଖ୍ୟାଲଘୁଙ୍କୁ ନିର୍ଯାତନା

# ମନ୍ଦିର ଯାଉଥିବା ହିନ୍ଦୁ ଯୁବକଙ୍କୁ ଉଠ୍‌ବସ୍ କରାଇଲେ



**ଢାକା, ୨୯।୧୧/ଏଜେନ୍ସି:** ବାଂଲାଦେଶର ଏକ ମନ୍ଦିର ସମ୍ମୁଖରେ ଜଣେ ଯୁବକଙ୍କୁ କିଛି ବ୍ୟକ୍ତି ଘେରିଯାଇ ଜୋର ଜବରଦସ୍ତି କାନ ଧରି ଉଠବସ୍ କରାଉଥିବାର ଭିଡିଓ ଏବେ ସାମ୍ନାକୁ ଆସିଛି। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଭିଡିଓଟିରେ ଯୁବକଜଣକ ମନ୍ଦିର ଯାଉଥିବାରୁ ସର୍ବସମ୍ମୁଖରେ ତାଙ୍କୁ ଏପରି ଶାସ୍ତି ଦିଆଯାଇଥିବା ଏବଂ ଭୁଲ୍ ମାଗିବାକୁ ବାଧ କରାଯାଉଥିବା ସ୍ପଷ୍ଟ ଜଣାପଡୁଛି। ଗୋଟିଏ ପଟେ ବାଂଲାଦେଶରେ ହିନ୍ଦୁ ଏବଂ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ନିର୍ଯାତନା ପ୍ରସଙ୍ଗ ଏବଂ ଅନ୍ତର୍ଜାତୀୟ ସ୍ତରରେ ଉଦ୍‌ବେଗ ପ୍ରକାଶ କରିଥିବା ବେଳେ ଏବେ ଏପ୍ରକାର ଏକ ଭିଡିଓ ସାମ୍ନାକୁ ଆସିଛି, ଯାହାକି ବାଂଲାଦେଶର ବାସ୍ତବିକ ସ୍ଥିତିକୁ ପଦାରେ ପକାଇଦେଇଛି। ମୋଟାମୋଟି ଭାବେ କହିବାକୁ ଗଲେ ସଂଖ୍ୟାଲଘୁ ସମ୍ପ୍ରଦାୟ ବିଶେଷକରି ହିନ୍ଦୁ ଗୋଷ୍ଠୀଙ୍କ ପାଇଁ ବାଂଲାଦେଶ ଏବେ ନର୍କ ପାଲଟିଯାଇଛି। ବାଂଲାଦେଶରେ ସଂଖ୍ୟାଲଘୁମାନେ ସୁରକ୍ଷିତ ନ ଥିବା ବେଳେ ବାରମ୍ବାର ସେମାନଙ୍କ ଉପରକୁ ଆକ୍ରମଣ ହେଉଛି। ଏପରିକି ସେମାନଙ୍କ ବ୍ୟକ୍ତିଗତ ଅଧିକାରରେ ବାଧା ସୃଷ୍ଟି କରାଯାଉଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଇସ୍ତଫା ପରେ ବାଂଲାଦେଶରେ ବ୍ୟାପକ ରାଜନୈତିକ ହିଂସା ଆରମ୍ଭ ହୋଇଥିବା ବେଳେ ସଂଖ୍ୟାଲଘୁ ଅଧିକାରକୁ ନେଇ ମଧ୍ୟ ଅସନ୍ତୋଷ ବୃଦ୍ଧି ପାଇଛି। ସଂଖ୍ୟାବହୁଳ ଅର୍ଥାତ୍ ମୁସଲିମ୍ ସମ୍ପ୍ରଦାୟର ଲୋକେ ଏକଜୁଟ୍ ହୋଇ ସଂଖ୍ୟାଲଘୁଙ୍କ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନକୁ କ୍ଷତି ପହଞ୍ଚାଇବାରେ ଲାଗିଛନ୍ତି। କେବଳ ସେତିକି ନୁହେଁ ଏଠାରେ ଥିବା ମନ୍ଦିର ଓ ଭଗବାନଙ୍କ ପ୍ରତିମୂର୍ତ୍ତିଗୁଡ଼ିକୁ ଭଙ୍ଗାଯିବା ସହ ବିକୃତ କରାଯାଉଛି। ଏପରିକି ସେମାନେ ଘରୁ ବାହାରିଲେ, ମନ୍ଦିର ଗଲେ ମଧ୍ୟ ବିରୋଧ କରାଯାଉଛି, ଆକ୍ରମଣ କରାଯାଉଛି। ହିନ୍ଦୁବର୍ଗର ମହିଳାମାନେ ହାତରେ ଲାଲସୁତା କି ମଥାରେ ବିନ୍ଦି ଲଗାଇ ପାରିବେନି। ଏସବୁ ସତ୍ତ୍ୱେ ଅନ୍ତରାଷ୍ଟ୍ରୀୟ ସମୁଦାୟ କେବଳ ମୂକସାକ୍ଷୀ ପାଲଟିଛି।

# ୟୁକ୍ରେନ୍ ଉପରେ ରୁଷ୍‌ର ମିସାଇଲ ଓ ଡ୍ରୋନ୍ ମାଡ଼

**ମସ୍କୋ, କିଭ, ୨୯।୧୧/ଏଜେନ୍ସି:** ୟୁକ୍ରେନ ଉପରେ ବଡ଼ଧରଣର ପାଲଟା ଆକ୍ରମଣ କରିଛି ରୁଷ। ୟୁକ୍ରେନର ଶକ୍ତି ଭିତ୍ତିଭୂମିକୁ ଟାର୍ଗେଟ୍ କରି ରୁଷ୍ ସେନା ପ୍ରାୟ ୯୦ଟି ମିସାଇଲ ଓ ୧୦୦ଟି ଡ୍ରୋନ୍ ମାଡ଼ କରିଛି। ଏଥିଯୋଗୁ ୟୁକ୍ରେନରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ରିପୋର୍ଟ ଅନୁସାରେ ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିବାରୁ ୧୦ ଲକ୍ଷରୁ ଅଧିକ ୟୁକ୍ରେନବାସୀ ଏବେ ବିନା ବିଜୁଳିରେ ରହିବାକୁ ବାଧ ହୋଇପଡିଛନ୍ତି। ଶୀତ ହେଉଥିବା ବେଳେ ବିଜୁଳିକାଟି କାଟ୍ ୟୁକ୍ରେନବାସୀଙ୍କ ସମସ୍ୟାକୁ ବଢ଼ାଇ ଦେଇଛି। ଚଳିତ ବର୍ଷ ରୁଷ୍ ୧୧ ତମ ଥର ପାଇଁ ୟୁକ୍ରେନର ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ କରିଛି। ଏଥିଯୋଗୁ ଅଧାରୁ ଅଧିକ ୟୁକ୍ରେନ ଅଞ୍ଚଳ (୨୧୫,୦୦୦ ଘର ଏବେ ଅସ୍ଥାୟୀ ରୂପେ ବିନା ଆଲୁଆରେ ରହିଛନ୍ତି) ଅନ୍ଧାରରେ ରହିଛି। ରୁଷ୍‌ର ଏପ୍ରକାର ଆକ୍ରମଣ ସମ୍ପର୍କରେ ୟୁକ୍ରେନ ରାଷ୍ଟ୍ରପତି ଅଫିସର ମୁଖ୍ୟ ଆଣ୍ଡ୍ରି ୟେରମାକ କହିଛନ୍ତି, "ରୁଷ୍ ଏବେ ଶୀତକୁ ଅସ୍ତ୍ର କରିଛି। ଭୟଙ୍କର ଶୀତ ପଡ଼ିବା ପୂର୍ବରୁ ରୁଷ ଆକାଶ ପଥରୁ ଆକ୍ରମଣ କରିଛି। ରୁଷକୁ ଏଥିରେ ଉତ୍ତର କୋରିଆ ଭଳି ଦେଶ ସହଯୋଗ କରୁଛନ୍ତି।" ପ୍ରକାଶ, ରୁଷ୍‌ର ଏହି ଆକ୍ରମଣରେ ୟୁକ୍ରେନ୍‌ରେ ହୋଇଥିବା ସଠିକ୍ କ୍ଷୟକ୍ଷତି ସମ୍ପର୍କରେ ସୂଚନା ମିଳିନଥିଲେ ମଧ୍ୟ ଏଥିରେ ଶକ୍ତିକ୍ଷେତ୍ର ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ସେହିପରି ୫ ଜଣ ଆହତ ମଧ୍ୟ ହୋଇଛନ୍ତି।

# ସର୍ବନିମ୍ନ ସ୍ତରରେ ଜିଡିପି ଅଭିବୃଦ୍ଧି



**ନୂଆଦିଲ୍ଲୀ, ୨୯।୧୧/ଏଜେନ୍ସି:** ଚଳିତ ଆର୍ଥିକ ବର୍ଷର ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ (ଦ୍ୱିତୀୟ ତ୍ରୈମାସ) ଦେଶର ଜିଡିପି ଅଭିବୃଦ୍ଧି ହାର ୫.୪%କୁ ହ୍ରାସ ପାଇଛି। ଉତ୍ପାଦନ କ୍ଷେତ୍ର ସହ ଖଣିଶିଳ୍ପ କ୍ଷେତ୍ରରେ ଖରାପ ପ୍ରଦର୍ଶନ ଯୋଗୁଁ ଅର୍ଥନୀତି କ୍ଷେତ୍ରରେ ଏପ୍ରକାର ହ୍ରାସ ପାଇଥିବା ଅର୍ଥନୀତିଜ୍ଞମାନେ ମତ ବ୍ୟକ୍ତ କରିଛନ୍ତି। ଅର୍ଥନୀତିଜ୍ଞଙ୍କ ଅନୁସାରେ ଏହି ହ୍ରାସ ଗତ ୨ ବର୍ଷ ମଧ୍ୟରେ ସର୍ବନିମ୍ନ ଅଭିବୃଦ୍ଧି ସ୍ତରକୁ ପ୍ରଦର୍ଶିତ କରିଛି। ଶୁକ୍ରବାର ପ୍ରକାଶିତ ସରକାରୀ ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି।

ପ୍ରକାଶ, ଗତବର୍ଷ ଏହି ସମାନ ତ୍ରୈମାସ (ଜୁଲାଇ-ସେପ୍ଟେମ୍ବର)ରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ୮.୧% ରହିଥିଲା। ତେବେ ସକଳ ଘରୋଇ ଉତ୍ପାଦ (ଜିଡିପି)ର ସବୁଠାରୁ ନିମ୍ନସ୍ତର ୨୦୨୨-୨୩ ଆର୍ଥିକ ବର୍ଷର ଅକ୍ଟୋବର-ଡିସେମ୍ବର ତ୍ରୈମାସରେ ୪.୩% ରେକର୍ଡ କରାଯାଇଥିଲା। ସେତେବେଳେ କରୋନା ମହାମାରୀ ଯୋଗୁଁ ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ୨୦୨୨-୨୩ ପରେ ଆଜି ପର୍ଯ୍ୟନ୍ତ ଅର୍ଥାତ୍ ଗତ ଦୁଇଟି ଅର୍ଥବର୍ଷରେ ଦେଶର ଜିଡିପି ହାରରେ ଏପ୍ରକାର ହ୍ରାସ ଦେଖିବାକୁ ମିଳିନଥିଲା। ତେବେ ଏସବୁ ମଧ୍ୟରେ ଏକ ସକାରାତ୍ମକ ସୂଚନା ହେଉଛି ଅର୍ଥନୈତିକ କ୍ଷେତ୍ରରେ ଖରାପ ପ୍ରଦର୍ଶନ ସତ୍ତ୍ୱେ ଭାରତ ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ରର ସ୍ଥାନ ବଜାୟ ରଖିଛି। କାରଣ ଏହି ଆର୍ଥିକ ବର୍ଷର ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ଚୀନ୍‌ର ଜିଡିପି ଅଭିବୃଦ୍ଧି ହାର ୪.୬% ରହିଛି।

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ) ତଥ୍ୟ ଅନୁସାରେ ୨୦୨୪-୨୫ ଆର୍ଥିକ ବର୍ଷର ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ କୃଷି କ୍ଷେତ୍ର ୩.୫ ପ୍ରତିଶତ ବୃଦ୍ଧି ପାଇଛି ଯାହା ପୂର୍ବ ବର୍ଷ ସମାନ ଅବଧିରେ ୧.୭ % ଥିଲା। ତେବେ ମାନୁଫାକ୍‌ଚରିଂ ସେକ୍ଟରର ଅଭିବୃଦ୍ଧି ହାର ବର୍ଷକ ପୂର୍ବରୁ ୧୪.୩% ଥିଲା, ଯାହା ଏହି ତ୍ରୈମାସରେ ୨.୨%କୁ ଖସି ଆସିଛି। ଏହି ସମୟରେ, ସରକାରୀ ତଥ୍ୟ ଦର୍ଶାଇଛି ଯେ ଚଳିତ ଆର୍ଥିକ ବର୍ଷର ପ୍ରଥମ ୭ ମାସ ଶେଷରେ କେନ୍ଦ୍ରର ଆର୍ଥିକ ନିଅଣ୍ଟ ପୂର୍ଣ୍ଣ ବର୍ଷର ଲକ୍ଷ୍ୟର ୪୬.୫% ଛୁଇଁଛି। କଣ୍ଟ୍ରୋଲର୍ ଜେନେରାଲ୍ ଅଫ୍ ଆକାଉଣ୍ଟସ୍ (ସିଜିଏ) ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଆର୍ଥିକ ନିଅଣ୍ଟ ସରକାରଙ୍କ ବ୍ୟୟ ଏବଂ ରାଜସ୍ୱ ମଧ୍ୟରେ ବ୍ୟବଧାନ ଏପ୍ରିଲ୍-ଅକ୍ଟୋବର ମଧ୍ୟରେ ୭,୫୦,୮୨୪ କୋଟିରେ ସ୍ଥିର ରହିଥିଲା।

# ଚୀନ୍‌ରେ ବୃହତ୍ ସୁନା ଖଣି ଠାବ

**ବେଜିଂ, ୨୯।୧୧/ଏଜେନ୍ସି:** ଚୀନ୍‌ରେ ଏକ ବିଶାଳକାୟ ସୁନା ଖଣି ଠାବ ହୋଇଥିବା ସୂଚନା ମିଳିଛି। ଏହି ଖଣିରେ ପ୍ରାୟ ଏକ ହଜାର ମେଟ୍ରିକ ଟନ୍‌ରୁ ଅଧିକ ପରିମାଣର ଉଚ୍ଚ ଗୁଣାତ୍ମକ ସୁନା ଥିବା ଆକଳନ କରାଯାଉଛି। କେନ୍ଦ୍ରୀୟ ଚୀନ୍ ଅର୍ଥାତ୍ ହୁନାନ୍ ପ୍ରଦେଶର ପିଙ୍ଗଜିଆଙ୍ଗ କାଉଣ୍ଟିରେ ଏହି ସୁନା ଖଣିଟି ଅବସ୍ଥିତ। ଏଠାରେ ମହଜୁଦ୍ ଥିବା ସୁନାର ମୂଲ୍ୟ ପ୍ରାୟ ୮୩୦୦ କୋଟି ଡଲାର ହେବ। ଏସମ୍ପର୍କୀତ ଚୀନ୍ ଗଣମାଧ୍ୟମରେ ଏକ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଅନୁସାରେ, ଏହାକୁ ବିଶ୍ୱର ସବୁଠୁ ବଡ଼ ସୁନା ଖଣି ବୋଲି କୁହାଯାଉଛି। ଏଠାରେ ଭୂବିଜ୍ଞାନୀମାନେ ୨ କିଲୋମିଟର ପର୍ଯ୍ୟନ୍ତ ୪୦ଟି ସୁନା ଖଣି ଚିହ୍ନଟ କରିଛନ୍ତି, ଏସବୁ ଲମ୍ବ ଆକାରରେ ରହିଛି। ପ୍ରାଥମିକ ଆକଳନ ଅନୁସାରେ, ଗୋଟିଏ ଗୋଟିଏ ସୁନା ଖଣିରେ ପ୍ରାୟ ୩୦୦ ମେଟ୍ରିକ୍ ଟନ୍ ସୁନା ରହିଥାଇପାରେ। ୩-ଡି ମଡେଲିଂରୁ ସୁନା ଖଣିର ଗଭୀରତା ଆହୁରି ଅଧିକ ହୋଇପାରେ, ସମ୍ଭବତଃ ଏହା ୩ କିଲୋମିଟର ପର୍ଯ୍ୟନ୍ତ ଥାଇପାରେ ବୋଲି ଅନୁମାନ କରାଯାଉଛି। ଏହି ଆବିଷ୍କାର ଚୀନର ସୁନା ଶିଳ୍ପ ଉପରେ ବଡ଼ ପ୍ରଭାବ ପକାଇବ। ପ୍ରକାଶ, ଚୀନ୍ ବିଶ୍ୱର ସୁନା ଉତ୍ପାଦନରେ ଏକ ପ୍ରମୁଖ ଭୂମିକା ତୁଲାଇଥାଏ। ବିଶ୍ୱସ୍ତରରେ ବାର୍ଷିକ ମୋଟ୍ ପରିମାଣର ସୁନା ଉତ୍ପାଦନର ପ୍ରାୟ ୧୦% ପର୍ଯ୍ୟନ୍ତ ସୁନା କେବଳ ଚୀନ୍‌ରୁ ହିଁ ଆସିଥାଏ। ୨୦୨୪ ପୂର୍ବରୁ ଚୀନ ବିଶ୍ୱ ବଜାରକୁ ୨୦୦୦ ଟନରୁ ଅଧିକ ସୁନା ଯୋଗାଇସାରିଛି। ଅର୍ଥନୈତିକ ଅନିଶ୍ଚିତତା ମଧ୍ୟରେ ବିଶ୍ୱରେ ମୂଲ୍ୟବାନ ଧାତୁର ଚାହିଦା ବଢ଼ି ଚାଲିଥିବାରୁ ଏହି ଘୋଷଣା ସୁନା ମୂଲ୍ୟରେ ବୃଦ୍ଧି ଘଟାଇ ପାରେ ବୋଲି ଆଶଙ୍କା କରାଯାଉଛି।

ଅଶ୍ଳୀଳ ଭିଡିଓ ମାମଲା

# ରାଜ କୁନ୍ଦ୍ରାଙ୍କ ଘର ଓ ଅଫିସରେ ଇଡି ଚଢ଼ଉ



**ମୁମ୍ବାଇ, ୨୯।୧୧/ଏଜେନ୍ସି:** ମୋବାଇଲ୍ ଆପ୍ ଜରିଆରେ ଅଶ୍ଳୀଳ କଣ୍ଟେଣ୍ଟ ପ୍ରସ୍ତୁତି ଏବଂ ପ୍ରସାରଣ ସହ ଜଡ଼ିତ ଅର୍ଥ ହେରଫେର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ବ୍ୟବସାୟୀ ତଥା ଅଭିନେତ୍ରୀ ଶିଳ୍ପା ଶେଟ୍ଟୀଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ଘର ଏବଂ କାର୍ଯ୍ୟାଳୟ ଉପରେ ଚଢ଼ାଉ କରିଛି। ମୁମ୍ବାଇ ଏବଂ ଉତ୍ତରପ୍ରଦେଶର ପ୍ରାୟ ୧୫ଟି ସ୍ଥାନରେ ତଲାସୀ ଚାଲିଛି। ମୋବାଇଲ୍ ଆପ୍ଲିକେସନ୍ ଏବଂ ଅନ୍ୟ ମାଧ୍ୟମ ଜରିଆରେ ଅଶ୍ଳୀଳ କଣ୍ଟେଣ୍ଟ ବିତରଣରେ ସନ୍ଦିଗ୍ଧଙ୍କ ଭୂମିକା ସମ୍ବନ୍ଧରେ ଏହି ଯାଞ୍ଚ କରାଯାଉଛି। ଏହାପୂର୍ବରୁ ଅଶ୍ଳୀଳ ଚଳଚ୍ଚିତ୍ର ନିର୍ମାଣ ମାମଲାରେ ୨୦୨୧ ମସିହା ଜୁନ୍ ମାସରେ ରାଜ କୁନ୍ଦ୍ରାଙ୍କୁ ଗିରଫ କରିଥିଲା ମୁମ୍ବାଇ ପୁଲିସ। ଦୁଇ ମାସ ଜେଲରେ ରହିବା ପରେ ସେ ସେପ୍ଟେମ୍ବର ୨୦୨୧ରେ ଜାମିନରେ ମୁକୁଳିଥିଲେ। ରାଜ କୁନ୍ଦ୍ରା ପର୍ଣ୍ଣୋଗ୍ରାଫି ଭିଡିଓ ତିଆରି କରିବା ସହ ବିତରଣ କରୁଥିଲେ। ମୋବାଇଲ୍ ଆପ୍ 'ହଟ୍‌ସଟ୍‌ସ୍' ଜରିଆରେ ଏସବୁ ଭିଡିଓ ପଠା ଯାଉଥିଲା। ଏହି ଉପାୟରେ ସେ ବିପୁଳ ଅର୍ଥ ଉପାର୍ଜନ କରୁଥିଲେ। ଏସବୁ ଭିଡିଓ ପୂର୍ବରୁ ଆପଲ୍ ଏବଂ ଗୁଗଲ୍ ପ୍ଲେ ପରି ପ୍ଲାଟଫର୍ମରେ ଉପଲବ୍ଧ ହେଉଥିଲା। କିନ୍ତୁ ଅଭିଯୋଗ ଆସିବା ପରେ ଆଇନଗତ ଯାଞ୍ଚ କରାଯାଇ ଏହି ସବୁ ଆପକୁ ପ୍ଲାଟଫର୍ମରୁ ରିମୁଭ୍ କରି ଦିଆଯାଇଛି।

# ନିର୍ବାଚନ ଆୟୋଗଙ୍କୁ ଚିଠି ଲେଖିଲା କଂଗ୍ରେସ



**ମୁମ୍ବାଇ, ୨୯।୧୧/ଏଜେନ୍ସି:** ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭୋଟିଂ ଏବଂ ଗଣନା ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଅଭିଯୋଗ କରିଆସୁଛି ବିରୋଧୀ କଂଗ୍ରେସ। ତେବେ କଂଗ୍ରେସ ଏନେଇ ଶୁକ୍ରବାର ଦିନ ନିର୍ବାଚନ ଆୟୋଗଙ୍କୁ ଏକ ଚିଠି ଲେଖିଛି। ଏହି ପ୍ରସଙ୍ଗରେ କଂଗ୍ରେସ ବ୍ୟକ୍ତିଗତ ଶୁଣାଣି କରିବାକୁ ମଧ୍ୟ ଦାବି କରିଛି। ଦଳ ଅଭିଯୋଗ କରିଛି ଯେ ଭୋଟରଙ୍କୁ ମନଇଚ୍ଛା ଭୋଟର ତାଲିକାରୁ ହଟାଇ ଦିଆଯାଇଛି ଏବଂ ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ୧୦,୦୦୦ରୁ ଅଧିକ ଭୋଟରଙ୍କୁ ସାମିଲ କରାଯାଇଛି। ଦଳ ଏହା ମଧ୍ୟ କହିଛି ଯେ ମହାରାଷ୍ଟ୍ରର ଭୋଟର ତଥ୍ୟକୁ ନେଇ ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ମଧ୍ୟ ପ୍ରଶ୍ନ କରିଛନ୍ତି। କଂଗ୍ରେସ ନିଜ ଚିଠିରେ ଉଲ୍ଲେଖ କରିଛି ଯେ, ମନମୁଖୀ ହଟାଇବା ଏବଂ ଯୋଡିବାର ଏହି ପ୍ରକ୍ରିୟା ଯୋଗୁ ଜୁଲାଇ ୨୦୨୪ରୁ ନଭେମ୍ବର ୨୦୨୪ ମଧ୍ୟରେ ମହାରାଷ୍ଟ୍ରର ଭୋଟର ତାଲିକାରେ ପ୍ରାୟ ୪୭ ଲକ୍ଷ ନୂତନ ଭୋଟରଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଦଳ ଦାବି କରିଛି ଯେ ୫୦ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଯେଉଁଠାରେ ହାରାହାରି ୫୦,୦୦୦ ନୂତନ ଭୋଟର ଯୋଡିହୋଇଛନ୍ତି, ସେଥିମଧ୍ୟରୁ ୪୭ଟି ଆସନରେ ଶାସକ ଗଠବନ୍ଧନ ଏବଂ ଏହାର ସହଯୋଗୀମାନେ ବିଜୟୀ ହୋଇଛନ୍ତି।

**ମହାରାଷ୍ଟ୍ର ନିର୍ବାଚନରେ ବ୍ୟାପକ ଅନିୟମିତତା**

**ଶେଷ ୧ ଘଣ୍ଟାରେ ପଡ଼ିଛି ୭୬ ଲକ୍ଷ ଭୋଟ୍**

କଂଗ୍ରେସ ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରକାଶିତ ତଥ୍ୟକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛି। ଦଳ କହିଛି ଯେ ୨୧ ନଭେମ୍ବର, ୨୦୨୪ ଅପରାହ୍ନ ୫ଟା ସୁଦ୍ଧା ମହାରାଷ୍ଟ୍ରରେ ୫୮.୨୨% ମତଦାନ ହୋଇଥିଲା, ଯାହା ରାତି ସାଢ଼େ ୧୧ଟା ସୁଦ୍ଧା ୬୫.୦୨%କୁ ବୃଦ୍ଧି ପାଇଛି। ଏହାବ୍ୟତୀତ ଚୂଡ଼ାନ୍ତ ରିପୋର୍ଟରେ ୬୬.୦୫% ମତଦାନ ରେକର୍ଡ କରାଯାଇଛି, ଯାହା ଗଣତି ଆରମ୍ଭ ହେବାର କିଛି ଘଣ୍ଟା ପୂର୍ବରୁ ଘୋଷଣା କରାଯାଇଥିଲା। ଏହାର ଅର୍ଥ ଅପରାହ୍ନ ୫ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ମାତ୍ର ଏକ ଘଣ୍ଟା ମଧ୍ୟରେ ପାଖାପାଖି ୭୬ ଲକ୍ଷ ଭୋଟ୍ ପଡ଼ିଛି ବୋଲି ଚିଠିରେ ଦର୍ଶାଯାଇଛି।

### ମହାରାଷ୍ଟ୍ର: ଫଡନଭୀସ ମୁଖ୍ୟମନ୍ତ୍ରୀ ହେବା ଚୂଡାନ୍ତ

# ଗାଁକୁ ପଳାଇଲେ ସିନ୍ଦେ, ଗୁରୁତ୍ୱପୂର୍ଣ୍ଣ ବୈଠକ ବାତିଲ



**ନୂଆଦିଲ୍ଲୀ, ୨୯।୧୧/ଏଜେନ୍ସି:** ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ଆସିବାର ୭ ଦିନ ପରେ ମଧ୍ୟ ନୂଆ ସରକାର ଗଠନ ହୋଇପାରିନାହିଁ। ନୂଆ ସରକାର ଗଠନ ପାଇଁ ଜୋରସୋରରେ ପ୍ରସ୍ତୁତି ଚାଲିଛି। ବିଜେପି ନିଜ ସହଯୋଗୀ ଦଳଙ୍କ ସହ ଘନଘନ ବୈଠକ କରିବାରେ ଲାଗିଛି। ତେବେ ଶୁକ୍ରବାର ଆୟୋଜିତ ହେବାକୁ ଥିବା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକକୁ ଏନ୍‌ଡିଏକୁ ବାତିଲ କରିବାକୁ ପଡ଼ିଛି। କାରଣ ବିଜେପିର ଅନ୍ୟତମ ସହଯୋଗୀ ଦଳ ଶିବସେନା (ଶିନ୍ଦେ ଗୋଷ୍ଠୀ) ମୁଖ୍ୟ ତଥା କାମଚଳା ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ନିଜ ଗାଁ ସତାରାକୁ ଆକସ୍ମିକ ଭାବେ ପଳାଇଥିବା ସୂଚନା ମିଳିଛି। ଏବେ ସେ ଫେରିବା ପରେ ହିଁ ବୈଠକ ହେବ। ଗୋଟିଏ ପଟେ ରାଜ୍ୟରେ ସରକାର ଗଠନ ପାଇଁ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଏକନାଥ ସିନ୍ଦେ ନିଜ ଗାଁକୁ ପଳାଇବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ହୁଏତ ବିଜେପି ଦେବେନ୍ଦ୍ର ଫଡନଭୀସଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ନେଇଥିବା ନିଷ୍ପତ୍ତିରେ ସିନ୍ଦେ ଖୁସି ନାହାନ୍ତି ବୋଲି କୁହାଯାଉଛି। କିନ୍ତୁ ଶିନ୍ଦେ ଗୋଷ୍ଠୀ କିନ୍ତୁ ଏସବୁକୁ ଖାରଜ କରିଛନ୍ତି।

ମହାରାଷ୍ଟ୍ରରେ ନୂଆ ସରକାର ଗଠନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏସବୁ ମଧ୍ୟରେ ଏକନାଥ ସିନ୍ଦେ ମୁଖ୍ୟମନ୍ତ୍ରୀ ପଦରୁ ଏକନାଥ ସିନ୍ଦେ ଇସ୍ତଫା ଦେଇସାରିଛନ୍ତି। ମୁଖ୍ୟମନ୍ତ୍ରୀ କିଏ ହେବେ ସେନେଇ ଦୀର୍ଘ ଦିନ ଧରି ଚର୍ଚ୍ଚା ଜୋର ଧରିଥିବା ବେଳେ ବିଜେପି ନେତା ଦେବେନ୍ଦ୍ର ଫଡନଭୀସ ହିଁ ମୁଖ୍ୟମନ୍ତ୍ରୀ ହେବା ଏକରକମ ସ୍ଥିରିକୃତ ହୋଇସାରିଛି। ତେବେ ଶିବସେନା (ଶିନ୍ଦେ ଗୋଷ୍ଠୀ) ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଆଜି ପର୍ଯ୍ୟନ୍ତ ଖୋଲାଖୋଲି ଭାବେ ଦେବେନ୍ଦ୍ର ଫଡନଭୀସଙ୍କ ମୁଖ୍ୟମନ୍ତ୍ରୀତ୍ୱ ପ୍ରତି ସମର୍ଥନ ବ୍ୟକ୍ତ କରିନଥିବାରୁ ନୂଆ ସରକାରଙ୍କ ଶପଥ ଗ୍ରହଣ ସମାରୋହ ମଧ୍ୟ ଅନୁଷ୍ଠିତ ହୋଇପାରିନାହିଁ। ତେବେ ଏବେ କିନ୍ତୁ ସବୁକିଛି ସ୍ପଷ୍ଟ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ହେବାର ଜିଦ୍‌ରୁ ଏକନାଥ ସିନ୍ଦେ ଓହରିଯାଇଛନ୍ତି। କିନ୍ତୁ ବିଜେପି ସମ୍ମୁଖରେ ସେ କେତେକ ସର୍ତ୍ତ ରଖିଥିବା ଜଣାପଡିଛି। କୁହାଯାଉଛି ଯେ, ଏକନାଥ ଶିନ୍ଦେ ମୁଖ୍ୟମନ୍ତ୍ରୀ ଆସନ ଛାଡିବା ପ୍ରତିବଦଳରେ ୧୨ଟି ମନ୍ତ୍ରୀ ପଦ ସହିତ ବିଧାନ ପରିଷଦ ଅଧ୍ୟକ୍ଷ ପଦବୀ ଦାବି କରିଛନ୍ତି। ଗୃହ ମନ୍ତ୍ରଣାଳୟ, ନଗର ଉନ୍ନୟନ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ପାଇଁ ମଧ୍ୟ ଦାବି କରିଛନ୍ତି।

ବିଜେପି ନେତୃତ୍ୱାଧୀନ ସହଯୋଗୀ ବା ମହାୟୁତି, ଦେବେନ୍ଦ୍ର ଫଡନଭୀସ, ଏକନାଥ ସିନ୍ଦେ ଏବଂ ଅଜିତ ପୱାର ଗତ ସନ୍ଧ୍ୟାରେ ଦିଲ୍ଲୀରେ ଅମିତ ଶାହଙ୍କୁ ଭେଟିଥିଲେ। ଶାହଙ୍କ ସହ ସାକ୍ଷାତ ପରେ ସିନ୍ଦେ ଆଲୋଚନାକୁ ଭଲ ଏବଂ ସକରାତ୍ମକ ବୋଲି କହିଛନ୍ତି। ମହାରାଷ୍ଟ୍ରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ରାଜ୍ୟ ରାଜଧାନୀରେ ଥିବା ମହାୟୁତି ମିଳିତ ମଞ୍ଚର ଅନ୍ୟ ଏକ ବୈଠକରେ ନିଆଯିବ ବୋଲି ସେ କହିଛନ୍ତି। ଏଥିସହ ସେ କହିଛନ୍ତି ଯେ ରାଜ୍ୟରେ ସରକାର ଗଠନରେ ସେ କୌଣସି ପ୍ରତିବନ୍ଧକ ସୃଷ୍ଟି କରିବେ ନାହିଁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଶାହଙ୍କ ନିଷ୍ପତ୍ତିକୁ ପାଳନ କରିବେ। ପ୍ରକାଶ, ଅଜିତ୍ ପୱାର ମୁଖ୍ୟମନ୍ତ୍ରୀ ଆଶାୟୀ ରହିଥିଲେ ମଧ୍ୟ ଶେଷରେ ଫଡନଭୀସଙ୍କ ମୁଖ୍ୟମନ୍ତ୍ରୀତ୍ୱକୁ ସମର୍ଥନ ଦେଇଥିଲେ ଏବଂ ନିଜ ଜିଦ୍‌ରୁ ଓହରିଯାଇଥିଲେ। କିନ୍ତୁ ସିନ୍ଦେ କିଛି ବି ସ୍ପଷ୍ଟ କରିନଥିଲେ। ସୁତରାଂ ତାଙ୍କୁ ବୁଝାଇବା ପାଇଁ ବିଜେପି ପକ୍ଷରୁ ପ୍ରୟାସ ଜାରି ରହିଥିଲା। ଶେଷରେ ସିନ୍ଦେ କେତେକ ସର୍ତ୍ତରେ ଫଡନଭୀସ୍‌ଙ୍କ ପାଇଁ ବାଟ ଛାଡିଦେଇଛନ୍ତି। ଏହାସତ୍ତ୍ୱେ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହେବା ବାକି ରହିଛି।

ମୁଖ୍ୟମନ୍ତ୍ରୀ ଏବଂ ଉପ-ମୁଖ୍ୟମନ୍ତ୍ରୀ ପଦବୀ ଉପରେ ଏକକ ସହମତି ରହିଛି, କିନ୍ତୁ କିଛି ମନ୍ତ୍ରୀଙ୍କୁ ବିଭାଗ ଆବଣ୍ଟନ ଜନିତ ସମସ୍ୟାର ସମାଧାନ ହୋଇନାହିଁ। ସୂତ୍ର ଅନୁଯାୟୀ ୨ଜଣ ଡେପୁଟିଙ୍କ ସହିତ ଜଣେ ମୁଖ୍ୟମନ୍ତ୍ରୀ ହେବା ନିଶ୍ଚିତ। କିନ୍ତୁ ସିନ୍ଦେ ଡେପୁଟି ଭୂମିକା ପାଇଁ ଆଗ୍ରହୀ ନୁହଁନ୍ତି ବୋଲି ଜଣାଯାଇଛି। ଏପରି ହେଲେ ସିନ୍ଦେଙ୍କୁ କେନ୍ଦ୍ର ମନ୍ତ୍ରଣାଳୟରେ ସ୍ଥାନ ଦେବାକୁ ବିଜେପି ବାଧ ହେବ ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଜିତିଥିବା ଦଳଗତ ଆସନ ସଂଖ୍ୟା ଗଣିତ ହିସାବରେ ବିଜେପି ରାଜ୍ୟ କ୍ୟାବିନେଟ୍‌ରେ ୨୨ଟି କ୍ୟାବିନେଟ ବିଭାଗ ପାଇବାର ସମ୍ଭାବନା ଥିବା ବେଳେ ଶିବସେନା (ଶିନ୍ଦେ) ଏବଂ ଏନ୍‌ସିପି (ଅଜିତ୍ ପୱାର ଗୋଷ୍ଠୀ) ଯଥାକ୍ରମେ ୧୨ ଏବଂ ୯ ପୋର୍ଟଫୋଲିଓ ପାଇବେ ବୋଲି କୁହାଯାଉଛି। ନିକଟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ମୋଟ୍ ୨୮୮ ଆସନରୁ ବିଜେପି ଏବଂ ଏହାର ସହଯୋଗୀ ମିଳିତ ଭାବେ ୨୩୩ଟି ଆସନରେ ବିଜୟ ହାସଲ କରିଛନ୍ତି। ବିଜେପି ଏକାକୀ ୧୩୨ ବିଧାନସଭା ଆସନ ପାଇଥିବାବେଳେ ଶିବସେନା ଏବଂ ଅଜିତ ପାୱାରଙ୍କ ଏନସିପି ଯଥାକ୍ରମେ ୫୭ ଏବଂ ୪୧ଟି ସିଟ୍ ଜିତିଛି। ଡିସେମ୍ବର ୨ ରେ ଶପଥ ଗ୍ରହଣ ସମାରୋହ ହେବାର ସମ୍ଭାବନା ରହିଛି।

# ନେଟ୍ସ୍‌କୁ ଫେରିଲେ ଶୁଭମନ ଗିଲ୍

## ଖେଳିପାରନ୍ତି ପ୍ରଧାନମନ୍ତ୍ରୀ ଏକାଦଶ ବିପକ୍ଷ ମ୍ୟାଚ୍



**କାନବେରା,୨୯।୧୧/ଏଜେନ୍ସି:** ଭାରତୀୟ ବ୍ୟାଟର୍ ଶୁଭମନ ଗିଲ୍ ଆଙ୍ଗୁଠି ଆଘାତରୁ ସୁସ୍ଥ ହୋଇଛନ୍ତି। ଶୁକ୍ରବାର ସେ କାନବେରାରେ ନେଟ୍ ପ୍ରାକ୍ଟିସ୍ କରୁଥିବା ଦେଖିବାକୁ ମିଳିଛି। ସେ ଆକାଶ ଦୀପ୍ ଓ ଯଶ୍ ଦୟାଲ୍‌ଙ୍କ ବଲ୍‌ରେ ବ୍ୟାଟିଂ କରୁଥିଲେ। ଏହା ପୂର୍ବରୁ ଗିଲ୍ ଥ୍ରୋ-ଡାଉନ୍‌ରୁ ପ୍ରାକ୍ଟିସ୍ ଆରମ୍ଭ କରିଥିଲେ। ୨୫ ବର୍ଷୀୟ ଗିଲ୍ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ନଭେମ୍ବର ୩୦ରୁ ହେବାକୁ ଥିବା ପ୍ରଧାନମନ୍ତ୍ରୀ ଏକାଦଶ ବିପକ୍ଷ ପିଙ୍କ୍‌ବଲ୍ ପ୍ରାକ୍ଟିସ୍ ମ୍ୟାଚ୍ ଖେଳିପାରନ୍ତି। ପର୍ଥ ଟେଷ୍ଟ ପୂର୍ବରୁ ଅଭ୍ୟାସ ବେଳେ ଗିଲ୍‌ଙ୍କ ଆଙ୍ଗୁଠି ଫ୍ରାକ୍‌ଚର ହୋଇଥିଲା। ଆଙ୍ଗୁଠି ଆଘାତ କାରଣରୁ ଗିଲ୍‌ଙ୍କୁ ପର୍ଥ ଟେଷ୍ଟ ଛାଡ଼ିବାକୁ ପଡ଼ିଥିଲା। ତାଙ୍କ ସ୍ଥାନରେ ଦେବଦତ୍ତ ପାଡିକ୍କଲ୍‌ଙ୍କୁ ସୁଯୋଗ ଦିଆଯାଇଥିଲା। ଅବଶ୍ୟ ପାଡିକ୍କଲ୍ ଏହି ସୁଯୋଗର ସଦୁପଯୋଗ କରିପାରିନଥିଲେ। ସେ ମାତ୍ର ୨୫ ରନ୍ କରିଥିଲେ। ପ୍ରଥମ ଇନିଂସ୍‌ରେ ଖାତା ମଧ୍ୟ ଖୋଲିପାରି ନଥିଲେ।

ଗିଲ୍ କ୍ୟାପ୍‌ଟେନ୍ ରୋହିତ ଶର୍ମାଙ୍କ ସହ ଆଡିଲେଡ୍ ଟେଷ୍ଟରେ ପ୍ରତ୍ୟାବର୍ତ୍ତନ କରିପାରନ୍ତି। ରୋହିତ ଶର୍ମା ପ୍ୟାଟରନିଟି ଲିଭ୍ କାରଣରୁ ପର୍ଥ ଟେଷ୍ଟରେ ଟିମ୍‌ର ସଦସ୍ୟ ନଥିଲେ। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଡିଲେଡ୍ ଓଭାଲ୍‌ରେ ଡିସେମ୍ବର ୬ରୁ ଆରମ୍ଭ ହେବ। ଏହା ପିଙ୍କ୍ ବଲ୍ (ଦିବା/ରାତ୍ର) ଟେଷ୍ଟ ହେବ। ଆଡିଲେଡ୍ ଟେଷ୍ଟରେ ଗିଲ୍ ଶୀର୍ଷକ୍ରମ ପରିବର୍ତ୍ତେ ମଧ୍ୟକ୍ରମରେ ବ୍ୟାଟିଂ କରିପାରନ୍ତି। କାରଣ ରୋହିତ ଶର୍ମାଙ୍କ ଅନୁପସ୍ଥିତିରେ କେଏଲ୍ ରାହୁଲ ଇନିଂସ୍ ଆରମ୍ଭ କରି ଉନ୍ନତ ପ୍ରଦର୍ଶନ କରିଥିଲେ। ରୋହିତ ଏବେ ଯଶସ୍ୱୀ ଜୟସ୍ୱାଲ୍‌ଙ୍କ ସହ ଇନିଂସ୍ ଆରମ୍ଭ କରିବାକୁ ଥିବାରୁ ରାହୁଲ ତୃତୀୟ ଏବଂ ଗିଲ୍ ପଞ୍ଚମ ନମ୍ବରରେ ବ୍ୟାଟିଂ କରିବା ସମ୍ଭାବନା ରହିଛି।

## ପାକିସ୍ତାନରେ ଚାମ୍ପିଅନ୍ସ ଟ୍ରଫି ଆୟୋଜନ ନେଇ ଅନିଶ୍ଚିତତା ଜାରୀ

# ଆଇସିସି ମିଟିଂରେ ହୋଇପାରିଲାନି ନିଷ୍ପତ୍ତି

**ନୂଆଦିଲ୍ଲୀ,୨୯।୧୧/ଏଜେନ୍ସି:** ଚାମ୍ପିଅନ୍ସ ଟ୍ରଫି ୨୦୨୫କୁ ନେଇ ଅନିଶ୍ଚିତତା ଜାରୀ ରହିଛି। ଆୟୋଜକ ପାକିସ୍ତାନ ନିଜ ଜିଦ୍‌ରେ ଅଟଳ ଥିବାବେଳେ ଏହାର ସମାଧାନ ପାଇଁ ଶୁକ୍ରବାର ଅନ୍ତର୍ଜାତୀୟ କ୍ରିକେଟ୍ କାଉନ୍‌ସିଲ୍ (ଆଇସିସି)ର ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ତେବେ ଏଥିରୁ କୌଣସି ନିର୍ଣ୍ଣୟ ବାହାରିପାରି

### ଆସନ୍ତାକାଲି ପୁଣି ହୋଇପାରେ ମିଟିଂ



ନାହିଁ। ଏବେ ଏହି ମିଟିଂ ଆସନ୍ତାକାଲି ପୁଣିଥରେ ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ମିଟିଂରେ ଚାମ୍ପିଅନ୍ସ ଟ୍ରଫି ହାଇବ୍ରିଡ୍ ମଡେଲ୍‌ରେ କରାଯିବ କି ଏହା ଅନ୍ୟ ଦେଶକୁ ସ୍ଥାନାନ୍ତର କରାଯିବ ତାହା ସ୍ଥିର ହେବ। ଶୁକ୍ରବାରର ମିଟିଂରେ ଆଇସିସିର ୧୨ ପୂର୍ଣ୍ଣକାଳୀନ ସଦସ୍ୟ, ୩ ଆସୋସିଏଟ୍ ସଦସ୍ୟ ଏବଂ ଆଇସିସି ଅଧ୍ୟକ୍ଷ ଉପସ୍ଥିତ ଥିଲେ।

ଭାରତ ସରକାର ଟିମ୍ ପାକିସ୍ତାନ ପଠାଇବାକୁ ମନା କରିଦେଇଥିବାରୁ 'ହାଇବ୍ରିଡ୍ ମଡେଲ୍' ଏକମାତ୍ର ବ୍ୟବହାରିକ ବିକଳ୍ପ ବୋଲି ଆଇସିସି ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି)କୁ ସ୍ପଷ୍ଟ କରିଦେଇଛି। ପିସିବି ହାଇବ୍ରିଡ୍ ମଡେଲ୍‌କୁ ଅସ୍ୱୀକାର କରିବା ସହିତ ସମସ୍ତ ମ୍ୟାଚ୍ ପାକିସ୍ତାନରେ ହେବାକୁ ଚାହୁଁଛି। ମାତ୍ର ଏପରି ହୋଇପାରିବ ନାହିଁ ବୋଲି ପିସିବିକୁ ମିଟିଂରେ କୁହାଯାଇଛି। ଏ ସମ୍ପର୍କରେ ସରକାରଙ୍କ ସହିତ ଆଭ୍ୟନ୍ତରୀଣ ଆଲୋଚନା ପାଇଁ ପିସିବି ଦିନେ ସମୟ ମାଗିଛି। ତେଣୁ ବୈଠକ ପୁଣିଥରେ ଶନିବାର ହେବାର ସମ୍ଭାବନା ରହିଛି।

ପାକିସ୍ତାନ ଯଦି 'ହାଇବ୍ରିଡ୍ ମଡେଲ୍'କୁ ସ୍ୱୀକାର କରେ, ତେବେ ଭାରତର ମ୍ୟାଚ୍ ସହିତ ଗୋଟିଏ ସେମିଫାଇନାଲ୍ ଓ ଫାଇନାଲ୍ ୟୁଏଇରେ ଆୟୋଜିତ ହେବ। ବାକି ମ୍ୟାଚ୍ ପାକିସ୍ତାନରେ ହେବ ଏବଂ ଆୟୋଜନ ଅଧିକାର ପାକିସ୍ତାନ ନିକଟରେ ରହିବ। ଯଦି ପାକିସ୍ତାନ ହାଇବ୍ରିଡ୍ ମଡେଲ୍‌କୁ ଅସ୍ୱୀକାର କରେ ଏବଂ ଆଇସିସି ଆୟୋଜନ ଅଧିକାରୀ ଛଡ଼ାଇ ନେଇ କୌଣସି ଅନ୍ୟ ଦେଶକୁ ପ୍ରଦାନ କରେ, ତେବେ ପାକିସ୍ତାନ ପୂରା ଟୁର୍ଣ୍ଣାମେଣ୍ଟକୁ ବହିଷ୍କାର କରିପାରେ। ତେବେ ସୂତ୍ର ଅନୁସାରେ ପିସିବି 'ହାଇବ୍ରିଡ୍ ମଡେଲ୍'ରେ ଚାମ୍ପିଅନ୍ସ ଟ୍ରଫି କରିବାକୁ ସହମତ ହୋଇପାରେ।

ଆଜିର ମିଟିଂ କିଛି ଘଣ୍ଟା ପୂର୍ବରୁ ବିସିସିଆଇ ଉପସଭାପତି ରାଜୀବ ଶୁକ୍ଳା ଏକ ବଡ଼ ବୟାନ ଦେଇଥିଲେ। ସେ ଭାରତ ସରକାରଙ୍କ ମନୋଭାବ ଜଣାଇବା ସହିତ ଖେଳାଳିଙ୍କ ସୁରକ୍ଷା ଭାରତ ପାଇଁ ସର୍ବୋଚ୍ଚ ପ୍ରାଥମିକତା ବୋଲି ଜୋର ଦେଇଥିଲେ। ସେହିପରି ଟିମ୍ ଇଣ୍ଡିଆର ପାକିସ୍ତାନ ଗସ୍ତକୁ ନେଇ ବିଦେଶ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ୍ କହିଛନ୍ତି, ବିସିସିଆଇ ଏକ ବୟାନ ଜାରୀ କରିଛି। ସେଠାରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ବିସିସିଆଇ ଚିନ୍ତାବ୍ୟକ୍ତ କରିଥିବାରୁ ଭାରତୀୟ ଟିମ୍ ସେଠାକୁ ଯିବାର ସମ୍ଭାବନା ନାହିଁ।

# ଟିମ୍ ଇଣ୍ଡିଆର ନୂଆ ଦିନିକିଆ ଜର୍ସି ଉନ୍ମୋଚିତ




**ମୁମ୍ବାଇ,୨୯।୧୧/ଏଜେନ୍ସି:** ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ଶୁକ୍ରବାର ଟିମ୍ ଇଣ୍ଡିଆର ନୂଆ ଦିନିକିଆ ଜର୍ସି ଉନ୍ମୋଚିତ କରିଛି। ଏହି ଅବସରରେ ବିସିସିଆଇ ସମ୍ପାଦକ ଜୟ ଶାହ ଓ ଭାରତୀୟ ମହିଳା ଟିମ୍ କ୍ୟାପ୍‌ଟେନ୍ ହରମନପ୍ରୀତ୍ କୌର୍ ଉପସ୍ଥିତ ଥିଲେ। ଏହି ଜର୍ସି ପ୍ରତିଷ୍ଠିତ ଜର୍ମାନ୍ ସ୍ପୋର୍ଟ୍ସୱେର୍ କମ୍ପାନୀ ଏଡିଡାସ୍ ପ୍ରସ୍ତୁତ କରିଛି। ଟିମ୍ ଇଣ୍ଡିଆର ପୂର୍ବ ଜର୍ସି ସମ୍ପୂର୍ଣ୍ଣ ନୀଳ ରଙ୍ଗର ଥିବାବେଳେ ଏହାର କାନ୍ଧରେ ଏଡିଡାସ୍‌ର ତିନି ପଟି ଥିଲା। ଚଳିତ ଥର ଏହି ତିନି ପଟିକୁ ତ୍ରିରଙ୍ଗାର ଶେଡ୍ ଦିଆଯାଇଛି। ଗତ ଜର୍ସି ତୁଳନାରେ ଏହି ଜର୍ସିର ନୀଳ ରଙ୍ଗ ସାମାନ୍ୟ ହାଲୁକା ହୋଇଥିବା ବେଳେ ସାଇଡ୍‌ରେ ଗାଢ଼ ରଙ୍ଗ ଦିଆଯାଇଛି। ବିସିସିଆଇ ନୂଆ ଜର୍ସିର ଭିଡିଓ ଇନ୍‌ଷ୍ଟାଗ୍ରାମ ଓ ଏକ୍ସରେ ଶେୟାର୍ କରିଛି। ଭାରତୀୟ ମହିଳା ଟିମ୍ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ପ୍ରଥମ ଥର ନୂଆ ଜର୍ସିରେ ପଡ଼ିଆକୁ ଓହ୍ଲାଇବ। ୱେଷ୍ଟଇଣ୍ଡିଜ୍ ମହିଳା ଟିମ୍ ଡିସେମ୍ବରରେ ଭାରତ ଗସ୍ତରେ ଆସି ୩ଟି ଲେଖାଏଁ ଦିନିକିଆ ଓ ଟି-୨୦ ମ୍ୟାଚ୍‌ର ସିରିଜ୍ ଖେଳିବ।

## ସର୍ବଭାରତୀୟ ବେସାମରିକ ଲନ୍-ଟେନିସ୍

# ଡିସେମ୍ବର ୧ରେ ଖେଳାଳି ଚୟନ

**ଭୁବନେଶ୍ୱର,୨୯।୧୧/ଏନ୍‌ଏନ୍‌ଏସ୍:** ରାଜସ୍ଥାନର ଜୟପୁରଠାରେ ସର୍ବଭାରତୀୟ ବେସାମରିକ ଲନ୍ ଟେନିସ୍ ପ୍ରତିଯୋଗିତା ଡିସେମ୍ବର ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟ ଖେଳାଳି ଚୟନ ପ୍ରକ୍ରିୟା ଡିସେମ୍ବର ୧ ତାରିଖ ସକାଳ ୯ଟା ସମୟରେ ବ୍ରହ୍ମପୁରର ଛତ୍ରପୁର ସର୍କିଟ୍ ହାଉସ୍ ଟେନିସ୍ କୋର୍ଟରେ ଅନୁଷ୍ଠିତ ହେବ। ଏଥିରେ କେବଳ ନିୟମିତ ସରକାରୀ ଚାକିରିରେ ଥିବା ବ୍ୟକ୍ତି ଭାଗ ନେଇପାରିବେ। ଆଗ୍ରହୀ ଖେଳାଳି ନଭେମ୍ବର ୩୦ ତାରିଖ ସୁଦ୍ଧା ନିମ୍ନପ୍ରଦତ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରି ନିଜ ନାମ ପଞ୍ଜୀକରଣ କରିପାରିବେ। ଆଗ୍ରହୀ କର୍ମଚାରୀ ନିଜ ସେବା ପୁସ୍ତିକାର ପ୍ରଥମ ପୃଷ୍ଠା ଏବଂ ବିଭାଗ/ଅଫିସ୍ ପରିଚୟପତ୍ର ସହ ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ, ନିଜ ବିଭାଗର ନୋ-ଅବ୍‌ଜେକ୍‌ସନ୍ ସାର୍ଟିଫିକେଟ୍ ଏବଂ ର୍ୟାକେଟ୍ ସହିତ ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ ବୋଲି ରାଜ୍ୟ ସଚିବାଳୟ କର୍ମଚାରୀ କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ହର ପ୍ରସାଦ ବିଶ୍ୱାଳ ଜଣାଇଛନ୍ତି। ଅଧିକ ବିବରଣୀ ପାଇଁ ସାଧାରଣ ସମ୍ପାଦକ ହର ପ୍ରସାଦ ବିଶ୍ୱାଳ (୯୪୩୭୨୨୮୬୮୭) ଏବଂ ତାପସ ଦାସ (୭୯୭୮୪୩୫୨୭୯)ଙ୍କୁ ଯୋଗାଯୋଗ କରିପାରିବେ।



## ସୟଦ୍ ମୋଦୀ ଇଣ୍ଟରନାସ୍‌ନାଲ୍ ବ୍ୟାଡ୍‌ମିଣ୍ଟନ୍

# ସେମିଫାଇନାଲ୍‌ରେ ସିନ୍ଧୁ ଓ ଲକ୍ଷ୍ୟ

**ଲକ୍ଷ୍ନୌ,୨୯।୧୧/ଏଜେନ୍ସି:** ଭାରତୀୟ ଶଟ୍‌ଲର୍ ପିଭି ସିନ୍ଧୁ ଓ ଲକ୍ଷ୍ୟ ସେନ୍ ଶୁକ୍ରବାର ଏଠାରେ ଚାଲିଥିବା ସୟଦ୍ ମୋଦୀ ଇଣ୍ଟରନାସ୍‌ନାଲ୍ ସୁପର୍ ୩୦୦ ସୁପର୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ଯଥାକ୍ରମେ ମହିଳା ଓ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଦୁଇ ଥର ଚାମ୍ପିଅନ୍ (୨୦୧୭, ୨୦୨୨) ଟପ୍ ସିଡ୍ ସିନ୍ଧୁ ମହିଳା ସିଙ୍ଗଲ୍ସ କ୍ୱାର୍ଟର୍ ଫାଇନାଲ୍‌ରେ ଚୀନ୍‌ର ଦାଇ ୱାଙ୍ଗ୍‌ଙ୍କୁ ୨୧-୧୫, ୨୧-୧୭ ସିଧା ଗେମ୍‌ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ୍ ୪୮ ମିନିଟ୍ ଧରି ଚାଲିଥିଲା। ସେହିପରି ୨୦୨୧ ୱାର୍ଲ୍ଡ ଚାମ୍ପିଅନ୍‌ଶିପ୍ ବ୍ରୋଞ୍ଜ୍ ମେଡାଲିଷ୍ଟ ଲକ୍ଷ୍ୟ ସେନ୍ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ଆଧିପତ୍ୟ ଜାହିର କରି ନିଜ ଦେଶର ମେଇରାବା ଲୁୱାଙ୍ଗ୍ ମାଇସ୍‌ନାମ୍‌ଙ୍କୁ ୨୧-୮, ୨୧-୧୯ରେ ହରାଇଛନ୍ତି। ସେମିଫାଇନାଲ୍‌ରେ ସିନ୍ଧୁ ନିଜ ଦେଶର ଉନ୍ନତି ହୁଡ୍ଡାଙ୍କୁ ଏବଂ ଲକ୍ଷ୍ୟ ଜାପାନର ଶୋଗୋ ଓଗାୱାଙ୍କୁ ଭେଟିବେ।

୨୦୨୨ରେ ଓଡ଼ିଶା ଓପନ୍ ଟାଇଟଲ୍ ଜିତିଥିବା ଉନ୍ନତି ଅନ୍ୟ ଏକ ମହିଳା ସିଙ୍ଗଲ୍ସ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ଆମେରିକାର ଇଶିକା ଜୟସ୍ୱାଲ୍‌ଙ୍କ ବିପକ୍ଷରେ ୨୧-୧୬, ୨୧-୯ର ପ୍ରଭାବଶାଳୀ ବିଜୟ ହାସଲ କରିଛନ୍ତି। ଓଗାୱା କ୍ୱାର୍ଟର୍ ଫାଇନାଲ୍‌ରେ ୨୦୨୩ ୱାର୍ଲ୍ଡ ଜୁନିୟର୍ ଚାମ୍ପିଅନ୍‌ଶିପ୍ ବ୍ରୋଞ୍ଜ୍ ମେଡାଲିଷ୍ଟ ଅଷ୍ଟମ ସିଡ୍ ଭାରତର ଆୟୁଷ ସେଟ୍ଟୀଙ୍କୁ ୨୧-୭, ୨୧-୧୪ରେ ହରାଇଛନ୍ତି। ଚୀନ୍‌ରେ ହେବାକୁ ଥିବା ସିଜନ୍ ଶେଷ ୱାର୍ଲ୍ଡ ଟୁର୍ ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ତ୍ରିଷା ଜଲି ଓ ଗାୟତ୍ରୀ ଗୋପିଚାନ୍ଦଙ୍କ ଦ୍ୱିତୀୟ ସିଡ୍ ଯୋଡ଼ି ମହିଳା ଡବଲ୍ସ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଟୁର୍ଣ୍ଣାମେଣ୍ଟରେ ନିଜର ଚମତ୍କାର ପ୍ରଦର୍ଶନକୁ ଜାରି ରଖିଥିବା ଏହି ଭାରତୀୟ ଯୋଡ଼ି କ୍ୱାର୍ଟର୍ ଫାଇନାଲ୍‌ରେ ୬ଷ୍ଠ ସିଡ୍ ଗୋ ପେଇ କି ଓ ତେଓହ ମେଇ ସିଙ୍ଗ୍‌ଙ୍କୁ ୨୧-୮, ୨୧-୧୫ରେ ହରାଇ ଦେଇଛନ୍ତି। ମିକ୍ସଡ୍ ଡବଲ୍ସରେ ଧ୍ରୁବ କପିଲା ଓ ତନିଷା କ୍ରାଷ୍ଟୋଙ୍କ ପଞ୍ଚମ ସିଡ୍ ଭାରତୀୟ ଯୋଡ଼ି ମାଲେସିଆର ଲୁ ବିଙ୍ଗ୍ କୁନ୍ ଓ ହୋ ଲୋ ଏଇଙ୍କ ଯୋଡ଼ିକୁ ୨୧-୧୬, ୨୧-୧୩ରେ ହରାଇ ସେମିଫାଇନାଲ୍ ସ୍ଥାନ ପକ୍କା କରିଛି। ମହିଳା ସିଙ୍ଗଲ୍ସରେ ଭାରତର ତସ୍ନିନ୍ ମିର ଓ ଶ୍ରୀୟାଂଶୀ ଭାଲିସେଟ୍ଟୀ କ୍ୱାର୍ଟର୍ ଫାଇନାଲ୍‌ରେ ହାରି ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି।

# କ୍ରିକେଟ୍ ମ୍ୟାଚ୍ ବେଳେ ଖେଳାଳିଙ୍କ ମୃତ୍ୟୁ

**ମୁମ୍ବାଇ,୨୯।୧୧/ଏଜେନ୍ସି:** ମହାରାଷ୍ଟ୍ରରେ ଏକ କ୍ରିକେଟ୍ ମ୍ୟାଚ୍ ବେଳେ ଜଣେ ୩୫ ବର୍ଷୀୟ ଖେଳାଳିଙ୍କ ହୃଦ୍‌ଘାତ କାରଣରୁ ପଡ଼ିଆରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହି ଦୁର୍ଘଟଣା ରାଜ୍ୟର ସମ୍ଭାଜୀ ନଗର ଜିଲ୍ଲାର ଗରୱାରେ ଷ୍ଟାଡିୟମ୍‌ରେ ଗତକାଲି ହୋଇଛି। ମୃତ ଖେଳାଳିଙ୍କ ନାମ ଇମ୍ରାନ୍ ସିକନ୍ଦର ପଟେଲ୍। ମ୍ୟାଚ୍ ଲକି ବିଲ୍ଡର୍ସ ଆଣ୍ଡ ଡେଭେଲପର୍ସ ଏବଂ ୟଙ୍ଗ୍ ଇଲେଭେନ୍ ମଧ୍ୟରେ ଚାଲିଥିଲା। ଇମ୍ରାନ୍ ଲକି ଟିମ୍‌ର କ୍ୟାପ୍‌ଟେନ୍ ଥିଲେ ଏବଂ ଓପ୍ନର୍ ଭାବେ ବ୍ୟାଟିଂ କରିବାକୁ ଆସିଥିଲେ। ପିଚ୍‌ରେ କିଛି ସମୟ ବିତାଇବା ପରେ ତାଙ୍କ ଛାତି ଏବଂ ହାତରେ ଯନ୍ତ୍ରଣା ଅନୁଭବ କରିଥିଲେ। ସେ ପିଚ୍ ଅଧାକୁ ଆସି ଗୋଡ଼ରେ ହାତ ରଖି ଛିଡ଼ା ହୋଇଯାଇଥିଲେ। ଏହାର ସୂଚନା ଅମ୍ପାୟାର ଓ ବିପକ୍ଷ ଦଳର ଖେଳାଳିଙ୍କୁ ଦେବାପରେ ଅମ୍ପାୟାର ତାଙ୍କୁ ପଡ଼ିଆ ବାହାରକୁ ଯିବା ପାଇଁ ଅନୁମତି ଦେଇଥିଲେ। ଇମ୍ରାନ୍ ପ୍ୟାଭିଲିୟନ୍ ଅଭିମୁଖେ ଯାଉଥିବା ବେଳେ ଅଚେତ ହୋଇପଡ଼ିବା ସହିତ କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ମ୍ୟାଚ୍‌ର ଲାଇଭ୍ ଷ୍ଟ୍ରିମିଂ ଚାଲିଥିବାରୁ ପୂରା ଘଟଣା କ୍ୟାମେରାରେ କଏଦ୍ ହୋଇଛି। ଇମ୍ରାମ୍ ପଡ଼ିଆରେ ପଡ଼ିଯିବା ମାତ୍ରେ ସମସ୍ତ ଖେଳାଳି ତାଙ୍କ ଆଡ଼କୁ ଦୌଡ଼ୁଥିବା ଭିଡିଓର ଅନ୍ତିମ କିଛି ସେକେଣ୍ଡରେ ଦେଖିବାକୁ ମିଳିଛି। ତାଙ୍କୁ ତୁରନ୍ତ ହସ୍ପିଟାଲ୍ ନିଆଯାଇଥିଲା, ଏବଂ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଇମ୍ରାନ୍‌ଙ୍କ ମୃତ୍ୟୁରେ ତାଙ୍କ ବନ୍ଧୁ ଓ ସାଥୀ ଖେଳାଳିଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଜଣେ ଅଲ୍‌ରାଉଣ୍ଡ ଇମ୍ରାନ୍ ଖେଳାଳି ଭାବେ ପୂରା ଫିଟ୍ ଥିଲେ। ଇମ୍ରାନ୍‌ଙ୍କ ପରିବାରରେ ତାଙ୍କ ପତ୍ନୀ ଏବଂ ତିନିଜଣ କନ୍ୟା ସନ୍ତାନ ରହିଛନ୍ତି। ତାଙ୍କର ଏକ ଜୁସ୍ ଦୋକାନ ରହିଛି।

## କ୍ରାଏଷ୍ଟଚର୍ଚ୍ଚ ଟେଷ୍ଟ: ହ୍ୟାରୀ ବ୍ରୁକ୍‌ଙ୍କ ଶତକ

# ଇଂଲଣ୍ଡ ପ୍ରଥମ ଇନିଂସ୍ ୩୧୯/୫

**କ୍ରାଏଷ୍ଟଚର୍ଚ୍ଚ,୨୯।୧୧/ଏଜେନ୍ସି:** ହ୍ୟାରୀ ବ୍ରୁକ୍‌ଙ୍କ ଶତକ ଏବଂ ଓଲି ପୋପ୍‌ଙ୍କ ଅର୍ଦ୍ଧଶତକ ଦମ୍‌ରେ କ୍ରାଏଷ୍ଟଚର୍ଚ୍ଚ ଟେଷ୍ଟରେ ଇଂଲଣ୍ଡ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଛି। ଶୁକ୍ରବାର ମ୍ୟାଚ୍‌ର ଦ୍ୱିତୀୟ ଦିନ ଷ୍ଟମ୍ପସ ବେଳକୁ ଟିମ୍

### ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ୍ ୩୪୮ ରନ୍‌ରେ ସମାପ୍ତ



ପ୍ରଥମ ଇନିଂସ୍‌ରେ ୫ ୱିକେଟ୍ ହରାଇ ୩୧୯ ରନ୍ କରିଛି। ହ୍ୟାରୀ ବ୍ରୁକ୍ ୧୬୩ ବଲ୍‌ରେ ୧୩୨ ରନ୍ ଏବଂ କ୍ୟାପ୍‌ଟେନ୍ ବେନ୍ ଷ୍ଟୋକ୍ସ ୭୬ ବଲ୍‌ରେ ୩୭ ରନ୍ କରି ଅପରାଜିତ ଫେରିଛନ୍ତି। ଇଂଲଣ୍ଡ ଟିମ୍ ଲଞ୍ଚ୍ ବ୍ରେକ୍ ବେଳକୁ ୪୫ ରନ୍‌ରେ ୩ ୱିକେଟ୍ ହରାଇ ବିପଦରେ ପଡ଼ିଥିଲା। ଓପ୍ନର୍ ଜ୍ୟାକ୍ କ୍ରଲି ଶୂନ୍ୟରେ ଆଉଟ୍ ହୋଇଥିବା ବେଳେ ଜ୍ୟାକବ୍ ବେଥେଲ୍ ୧୦ ରନ୍ କରିଥିଲେ। ଜୋ ରୁଟ୍ ଖାତା ମଧ୍ୟ ଖୋଲିପାରି ନଥିଲେ। ବେନ୍ ଡକେଟ୍ ୪୬ ରନ୍‌ର ଯୋଗଦାନ କରିଥିଲେ। ଏହାପରେ ଅଲ୍‌ରାଉଣ୍ଡର୍ ହ୍ୟାରୀ ବ୍ରୁକ୍ ଇନିଂସ୍ ସମ୍ଭାଳିଥିଲେ। ସେ ୫ମ ୱିକେଟ୍ ପାଇଁ ଓଲି ପୋପ୍‌ଙ୍କ ସହ ୧୮୮ ବଲ୍‌ରେ ୧୫୧ ରନ୍ ଏବଂ ପରେ ବେନ୍ ଷ୍ଟୋକ୍ସଙ୍କ ସହ ଅବିଭାଜିତ ୬ଷ୍ଠ ୱିକେଟ୍ ପାଇଁ ୯୭ ରନ୍‌ର ପାର୍ଟନରଶିପ୍ କରିଛନ୍ତି। ଓଲି ପୋପ୍ ୯୮ ବଲ୍‌ରେ ୮ ଚୌକା ସହାୟତାରେ ୭୭ ରନ୍ କରି ଆଉଟ୍ ହୋଇଥିଲେ। ଟିମ୍ ସାଉଦି ତାଙ୍କୁ ଗ୍ଲେନ୍ ଫିଲିପ୍ସଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ନାଥନ୍ ସ୍ମିଥ୍ ୨ଟି ୱିକେଟ୍ ନେଇଥିବା ବେଳେ ଟିମ୍ ସାଉଦି, ମ୍ୟାଟ୍ ହେନରୀ ଏବଂ ୱିଲିୟମ୍ ଓରୁର୍କେଙ୍କୁ ଗୋଟିଏ ଲେଖାଏଁ ସଫଳତା ମିଳିଛି।

ପୂର୍ବରୁ ଶୁକ୍ରବାର ସକାଳେ କିୱି ଟିମ୍ ନିଜର ଅସମାପ୍ତ ପ୍ରଥମ ଇନିଂସ୍ ୩୧୯/୮ ସ୍କୋର୍‌ରୁ ଆଗକୁ ଖେଳିଥିଲା। ତେବେ ଟିମ୍ ବାକି ଦୁଇଟି ୱିକେଟ୍ ୨୯ ରନ୍ ମଧ୍ୟରେ ହରାଇବା ସହିତ ୩୪୮ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ୪୧ ରନ୍ ରନ୍‌ରେ ଅପରାଜିତ ଥିବା ଗ୍ଲେନ୍ ଫିଲିପ୍ସ ଅର୍ଦ୍ଧଶତକ ପୂରଣ କରିଥିଲେ ଏବଂ ୮୭ ବଲ୍‌ରେ ୬ ଚୌକା ଓ ଗୋଟିଏ ଛକା ସହାୟତାରେ ୫୮ ରନ୍ କରି ଅପରାଜିତ ରହିଥିଲେ। ସେହିପରି ଟିମ୍ ସାଉଦି ୧୫ ଓ ଓ'ରୁର୍କେ ଶୂନ୍ୟରେ ଆଉଟ୍ ହୋଇଥିଲେ। ଇଂଲଣ୍ଡ ପକ୍ଷରୁ ସୋଏବ୍ ବଶୀର ଓ ବ୍ରାୟଡନ୍ କାର୍ସ ୪ଟି ଲେଖାଏଁ ୱିକେଟ୍ ହାସଲ କରିଥିବା ବେଳେ ଗସ୍ ଆଟ୍‌କିନ୍‌ସନ୍‌ଙ୍କୁ ୨ଟି ୱିକେଟ୍ ମିଳିଥିଲା।

## ସୟଦ୍ ମୁସ୍ତାକ ଅଲୀ ଟ୍ରଫି

# ୧୬ ରନ୍‌ରେ ହାରିଲା ଓଡ଼ିଶା

**ବିଶାଖାପାଟଣା,୨୯।୧୧/ଏଜେନ୍ସି:** ଚଳିତ ସୟଦ୍ ମୁସ୍ତାକ ଅଲୀ ଟ୍ରଫି ଟି-୨୦ ପ୍ରତିଯୋଗିତା ଗ୍ରୁପ୍ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଓଡ଼ିଶା ୧୩ ରନ୍‌ରେ ପୁଡୁଚେରୀଠାରୁ ପରାଜିତ ହୋଇଛି। ସ୍ଥାନୀୟ ଏସିଏ-ଭିଡିସିଏ କ୍ରିକେଟ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ମ୍ୟାଚ୍ ୬ ଓଭର ବିଶିଷ୍ଟ ହୋଇଥିଲା। ଓଡ଼ିଶା ପ୍ରଥମେ ଫିଲ୍ଡିଂ ନେଇଥିଲା। ବ୍ୟାଟିଂ ପାଇଥିବା ପୁଡୁଚେରୀ ୨ ୱିକେଟ୍ ବିନିମୟରେ ୯୧ ରନ୍ କରିଥିଲା। ଅରୁଣ କୁମାର ସର୍ବାଧିକ ୩୫ ରନ୍ ଓ ଅଜୟ ଆରୋରା ୨୧ ରନ୍ କରି ଆଉଟ୍ ହୋଇଥିବା ବେଳେ ଆକାଶ ଆନନ୍ଦ କାର୍‌ଗାଭେ ୨୨ ଓ କ୍ରିଷ୍ଣା ପାଣ୍ଡେ ୮ ରନ୍ କରି ଅପରାଜିତ ରହିଥିଲେ। ଓଡ଼ିଶା ପକ୍ଷରୁ ସମ୍ବିତ କୁମାର ବରାଳ ଓ ରାକେଶ ପଟ୍ଟନାୟକଙ୍କୁ ୧-୧ ୱିକେଟ୍ ମିଳିଥିଲା। ୯୨ ରନ୍ ଲକ୍ଷ୍ୟର ପିଛା କରୁଥିବା ଓଡ଼ିଶା ୩ ୱିକେଟ୍ ବିନିମୟରେ ୭୫ ରନ୍ କରିବାକୁ ସମର୍ଥ ହୋଇଥିଲା। ଓପ୍ନର ସ୍ୱସ୍ତିକ୍ ସାମଲ ପ୍ରଥମ ବଲ୍‌ରେ ଖାତା ଖୋଲିବାକୁ ପୂର୍ବରୁ ଆଉଟ୍ ହୋଇଥିବା ବେଳେ ରାକେଶ ପଟ୍ଟନାୟକ ୨ ରନ୍ କରି ବିଦାୟ ନେଇଥିଲେ। ଅଭିଷେକ ଯାଦବ ୧୮ ରନ୍‌ରେ ରିଟାୟର୍ଡ ହର୍ଟ ହୋଇଥିଲେ। ଅନ୍ୟତମ ଓପ୍ନର୍ ଗୌରବ ଚୌଧୁରୀ ୧୭ ଏବଂ ଗୋବିନ୍ଦ ପୋଦ୍ଦାର ୩୩ ରନ୍‌ରେ ଅପରାଜିତ ରହିଥିଲେ। ପୁଡୁଚେରୀ ପକ୍ଷରୁ ଅଙ୍କିତ ଶର୍ମା ଓ ସଭୟ ଚଢ଼ା ୱିକେଟ୍ ଦୁଇଟି ନେଇଥିଲେ।

# ଡୋପ୍‌ରେ ବିଫଳ ସ୍ୱିଆଟେକ୍ ମାସେ ନିଲମ୍ବିତ

**ନୂଆଦିଲ୍ଲୀ,୨୯।୧୧/ଏଜେନ୍ସି:** ପାଞ୍ଚ ଥରର ଗ୍ରାଣ୍ଡ ସ୍ଲାମ୍ ଚାମ୍ପିଅନ୍ ଇଗା ସ୍ୱିଆଟେକ୍‌ଙ୍କୁ ପ୍ରତିବନ୍ଧିତ ଔଷଧ ସେବନ ଅଭିଯୋଗରେ ଏକମାସ ପାଇଁ ନିଲମ୍ବିତ କରାଯାଇଛି ଏବଂ ସେ ଏହି ଦଣ୍ଡାଦେଶକୁ ସ୍ୱୀକାର କରିନେଇଛନ୍ତି। ପୋଲାଣ୍ଡର ୨୩ ବର୍ଷୀୟା ଟେନିସ୍ ଖେଳାଳି ସ୍ୱିଆଟେକ୍ ଏବେ ଡବ୍ଲ୍ୟୁଟିଏ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ଦୁଇ ନମ୍ବରରେ ରହିଛନ୍ତି। ଅଗଷ୍ଟରେ ଅନୁଷ୍ଠିତ ପ୍ରତିଯୋଗିତା ବାହାରେ ଏକ ଡୋପ୍ ଟେଷ୍ଟରେ ସେ ବିଫଳ ହୋଇଥିଲେ। ଏହି ପ୍ରତିବନ୍ଧିତ ପଦାର୍ଥକୁ ସେ ଔଷଧ ରୂପେ ଅନିଚ୍ଛାକୃତ ଭାବେ ସେବନ କରିଥିବା ସ୍ପଷ୍ଟୀକରଣ ଦେଇଥିଲେ ଏବଂ ଅନ୍ତର୍ଜାତୀୟ ଟେନିସ୍‌ର ଇଣ୍ଟିଗ୍ରିଟି ୟୁନିଟ୍ ମଧ୍ୟ ଏହାକୁ ସ୍ୱୀକାର କରିନେଇଥିଲା। ନିକଟରେ କୌଣସି ଟେନିସ୍ ଖେଳାଳି ଡୋପ୍ ଟେଷ୍ଟରେ ବିଫଳ ହେବା ଏହା ଦ୍ୱିତୀୟ ଘଟଣା। ଏହା ପୂର୍ବରୁ ବିଶ୍ୱର ନମ୍ବର ଏକ ପୁରୁଷ ଖେଳାଳି ଜାନିକ୍ ସିନର୍ ମାର୍ଚ୍ଚରେ ଦୁଇ ଟେଷ୍ଟରେ ବିଫଳ ହୋଇଥିଲେ।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, 2581886, 2582886, Fax: 0674-2583886, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra